EKAMAATRA RNI Ref. No.: 1304224 / Title Code: ODIODI07807

# ଏକମାତ୍ର

ଅନୁସନ୍ଧାନ ପରେ ଖବର

Follow Us On @
ekamaatra@gmail.com
www.ekamaatra.com
ekamaatraodia
ekamaatranews



ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା

ବର୍ଷ-୧ ସଂଖ୍ୟା-୨ ୨୩-୨୯ ଜାନୁଆରୀ, ୨୦୧୭ ଭୁବନେଶ୍ୱର • Monday WEEKLY • Vol-1 Issue-2 23rd-29th January, 2017 Bhubaneswar ₹ 5.00 (8 Pages)

ଭିତର ପୃଷ୍ଠାରେ...

ଶଶିକଳାଙ୍କ ବିପକ୍ଷରେ ଜୟାଙ୍କ ଝିଆରୀ
ପୁଅକୁ ସାଇକେଲ
ଧର୍ମେନ୍ଦ୍ର କହିଲେ
ମନ୍ତବ୍ୟ ବିବାଦୀୟ ନହେଉ
ବେଦନାର ବେଦ
ନିଆଁ ଭିତରେ ଅଘୋର ତପସ୍ୟା

# ‘ପ୍ରାଚୀନ ସଂସ୍କୃତିର ସୁରକ୍ଷା ବିନା ସମାଜ ତିଷ୍ଠିବନି’



**ପୁରୀ (ବ୍ୟୁରୋ) :** ସମଗ୍ର ବିଶ୍ୱ ଏବେ ଚକ୍ରବ୍ୟୁହ ଭିତରେ ଛନ୍ଦି ହୋଇପଡ଼ିଛି। ତେଣୁ ଏଥିରୁ ମୁକୁଳିବାର ସହଜପଥ ଦେଖାଇପାରିବ ଏକମାତ୍ର ଭାରତ। ବିଦେଶୀମାନେ ଏ ଦେଶକୁ ଏଭଳି ଏକ ସ୍ଥିତିକୁ ନେଇଯାଇଛନ୍ତି ଯେ ସେଥିରୁ ବର୍ତ୍ତିବାର ରାସ୍ତା ମିଳୁନି। ସବୁସତ୍ତ୍ୱେ ଭାରତ ପୂର୍ବଭଳି ମହିମାମଣ୍ଡିତ ହୋଇ ରହିବ ବୋଲି ଆର୍‌ଏସ୍‌ଏସ୍‌ର ସଂଘଚାଳକ ମୋହନ ଭାଗବତ ପ୍ରକାଶ କରିଛନ୍ତି। ଓଡ଼ିଶା ଗସ୍ତ ଅବସରରେ ପୁରୀ ଗୋବର୍ଦ୍ଧନ ପୀଠରେ ଅନୁଷ୍ଠିତ ଶ୍ରୀବିମଳାମ୍ବା ମନ୍ଦିର ପ୍ରତିଷ୍ଠା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଥିଲେ, ନେତା ଓ ପାର୍ଟି ଦ୍ୱାରା ଦେଶ ଆଗେଇବ ନାହିଁ। ଏଥିପାଇଁ ଦୃଢ ସଂକଳ୍ପ, ତ୍ୟାଗ ଓ କଠିନ ପରିଶ୍ରମର ଆବଶ୍ୟକତା ରହିଛି। ଦେଶରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଆଦୌ ସନ୍ତୋଷଜନକ ନୁହେଁ। ଯେଉଁ ଶିକ୍ଷାରେ ଆଧ୍ୟାତ୍ମିକ ଓ ନୈତିକତାର ଶିକ୍ଷା ନାହିଁ ତାହା ଶିକ୍ଷା ପଦବାଚ୍ୟ ନୁହେଁ। କେନ୍ଦ୍ର ସରକାର ନୈତିକ ଶିକ୍ଷା ସମ୍ବଳିତ ନୂତନ ଶିକ୍ଷାପଦ୍ଧତି ପ୍ରଚଳନ କରିବାକୁ ଯାଉଛନ୍ତି। ଏଥିପାଇଁ ବିଚାର ବିମର୍ଶ ମଧ୍ୟ ଆରମ୍ଭ ହୋଇଯାଇଛି। ଆଧୁନିକ ଶିକ୍ଷାରେ ଅନେକ କୁସଂସ୍କାର ଥିବା ଶ୍ରୀ ଭାଗବତ ପ୍ରକାଶ କରିଛନ୍ତି। ସେ ଆହୁରି କହିଲେ ଯେ ପରିବାରରୁ ଶିକ୍ଷା ଓ ସଂସ୍କାର ଆରମ୍ଭ ହେବା ଉଚିତ୍। ବେଶଭୁଷା ଓ ଖାଦ୍ୟପାନୀୟରେ ସଂସ୍କୃତି ପ୍ରତିଫଳିତ ହେବା ସହ ନୀତିନିଷ୍ଠ ବ୍ୟକ୍ତିଙ୍କୁ ନେଇ କାମ କରିବାର କଳା ରହିବା ଦରକାର। ଏବେ ଦାନ ଅପେକ୍ଷା ରୋଜଗାରକୁ ସମସ୍ତେ ଗୁରୁତ୍ୱ ଦେଉଛନ୍ତି। ଭାରତ ଜ୍ଞାନ ଓ ନୈତିକତାରେ ସମଗ୍ର ବିଶ୍ୱକୁ ପ୍ରେରଣା ଦେଉଛି। ଆତ୍ମଶୁଦ୍ଧି ଓ ଶୋଧନ ନିଜଠାରୁ ଆରମ୍ଭ ହେବା ଉଚିତ। ଅହଂକାର ଛାଡ଼ି ଆତ୍ମସର୍ମପଣ ଭାବନେଇ କାର୍ଯ୍ୟ କରିବାକୁ ଶ୍ରୀ ଭାଗବତ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କହିଥିଲେ, ସନାତନ ବୈଦିକ ଧର୍ମର ସୁରକ୍ଷା ହେବା ଦରକାର। ଉତ୍ତମ ଚରିତ୍ରବାନ ବ୍ୟକ୍ତି ଉତ୍ତମ ସମାଜ ଗଠନ କରିପାରିବେ। ବର୍ତ୍ତମାନ ସମାଜରେ ମାନବିକତାର ଅଭାବ ପରିଲକ୍ଷିତ ହୋଇଛି। ଭାରତ ଜ୍ଞାନ ଓ ଆଧ୍ୟାତ୍ମିକତାକୁ ଭୁଲିଯିବା ଠିକ୍ ନୁହେଁ। ଦେଶର ୮୦% ଲୋକ ହିନ୍ଦୁ। ତେଣୁ ସବୁଧର୍ମର ଲୋକେ ଗ୍ରହଣ କରିବା ପରି ଶିକ୍ଷାବ୍ୟବସ୍ଥା ପ୍ରଚଳନ କରାଯାଉ। ଭାରତର ମୂଳଶକ୍ତି ସଂସ୍କୃତି ଓ ବୈଦିକ ପରମ୍ପରା। ତେଣୁ ପ୍ରାଚୀନ ସଂସ୍କୃତିର ସୁରକ୍ଷା ବିନା ସମାଜ ତିଷ୍ଠିରହିବା ଅସମ୍ଭବ।

ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ କହିଲେ ଯେ ସାଂସ୍କୃତିକ, ଧାର୍ମିକ ଏବଂ ସାମାଜିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଶିକ୍ଷାବ୍ୟବସ୍ଥା ପ୍ରଚଳନ କରାଯାଉ। ଭାରତରୁ ବିଦେଶକୁ ମେଧାଚାଲାଣ ସବୁଠାରୁ ଅଧିକ ବିପଜ୍ଜନକ ଏବଂ ଏହାକୁ ରୋକାଯିବା ସହ ବିଦ୍ୱାନମାନଙ୍କୁ ଦେଶରେ ମଧ୍ୟ ରଖିବା ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ଧାର୍ମିକ ନିଷ୍ପତ୍ତି ନେବାର ଅଧିକାର ସରକାରଙ୍କର ନାହିଁ। ଯେକୌଣସି ବ୍ୟାପାରରେ ନିଷ୍ପତ୍ତି କେବଳ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ହିଁ ନେଇପାରିବେ। କାରଣ ସେ ହେଉଛନ୍ତି ଧର୍ମଗୁରୁ। ଧର୍ମ ସଂକ୍ରାନ୍ତ ଯେକୌଣସି ନିଷ୍ପତ୍ତି ନେବାର ଅଧିକାର କେବଳ ଶଙ୍କରାଚାର୍ଯ୍ୟଙ୍କର ରହିଛି ବୋଲି କହିଛନ୍ତି ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ। ଗୋବର୍ଦ୍ଧନ ମଠରେ ତ୍ରି-ଦିବସୀୟ ଭଗବତୀ ମା’ ବିମଳାମ୍ବାଙ୍କ ପ୍ରତିଷ୍ଠା ମହୋତ୍ସବର ଅନ୍ତିମ ଦିବସର ସାନ୍ଧ୍ୟ ଅଧିବେଶନରେ ଯୋଗଦେଇ ସେ କହିଲେ ଯେ ଓଡ଼ିଶାରେ ଅନେକ ଧାର୍ମିକ କାର୍ଯ୍ୟରେ ସରକାର ଅଯଥା ହସ୍ତକ୍ଷେପ କରୁଛନ୍ତି। ଯାହାଦ୍ୱାରା ବହୁପ୍ରକାର ବିଶୃଙ୍ଖଳା ସୃଷ୍ଟି ହେଉଛି। ଏହି ବିଶୃଙ୍ଖଳାକୁ ରୋକିବାକୁ ହେଲେ ସରକାରଙ୍କୁ ଧାର୍ମିକ ବ୍ୟାପାରରେ ନିବୃତ୍ତ ରହିବାକୁ ପଡ଼ିବ। କାରଣ ଯେକୌଣସି ଧର୍ମସଙ୍କଟ ହେଲେ ତାହାର ସମାଧାନ କେବଳ ଶଙ୍କରାଚାର୍ଯ୍ୟ ହିଁ କରିପାରିବେ। ଏଥିସହ ଶ୍ରୀମନ୍ଦିରର ରୀତିନୀତି, ପୂଜାପଦ୍ଧତି ଓ ପରମ୍ପରାରେ ରାଜ୍ୟ ସରକାର ହସ୍ତକ୍ଷେପ କରିବା ଉଚିତ ନୁହେଁ ବୋଲି ସେ ମତ ଦେଇଥିଲେ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନ ଦେଶର ୧୨୫କୋଟି ହିନ୍ଦୁଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ। ଅଖଣ୍ଡ ଭାରତର ସଙ୍କଳ୍ପ ନେଇଥିବା ଶଙ୍କରାଚାର୍ଯ୍ୟ ପୃ-୭

# ବଦଳିବ ସରକାରୀକୋଠାର ଚେହେରା



**ଭୁବନେଶ୍ୱର :** ଆଗକୁ ବିଦ୍ୟାଳୟ, ହସ୍ପିଟାଲ, ରେଳ ଷ୍ଟେସନ୍, ପ୍ରେକ୍ଷାଳୟ, ବିଏମ୍‌ସି ଅଫିସ ସମେତ ରାଜଧାନୀରେ ଥିବା ଅନ୍ୟ ସମସ୍ତ ସରକାରୀ ଅଫିସ୍‌ର ନୂଆ ଚେହେରା ଦେଖିବାକୁ ମିଳିବ। ସବୁ ସରକାରୀ କୋଠାରେ ‘ବାରିୟର ଫ୍ରି ଆକ୍‌ସେସ୍’ ବା ଦିବ୍ୟାଙ୍ଗଙ୍କ ସୁବିଧା ଯିବାଆସିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। କେନ୍ଦ୍ର ସରକାରଙ୍କ ସୁଗମ୍ୟ ଭାରତ ଅଭିଯାନରେ ଜୁଲାଇ ୨୦୧୮ ସୁଦ୍ଧା ଏହି ବ୍ୟବସ୍ଥା ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଭୁବନେଶ୍ୱରରେ ଥିବା ସବୁ ସରକାରୀକୋଠାର ତାଲିକା ତୁରନ୍ତ ଦେବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଦିବ୍ୟାଙ୍ଗଙ୍କୁ ର୍‍ୟାମ୍ପ, ଲିଫ୍ଟ ସୁବିଧା

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ତଥା କେନ୍ଦ୍ର ସରକାରଙ୍କ ସୁଗମ୍ୟ ଭାରତ ଅଭିଯାନ ଯୋଜନାରେ ଦେଶର ସବୁ ରାଜ୍ୟର ରାଜଧାନୀରେ ଥିବା ସମସ୍ତ ସରକାରୀକୋଠାକୁ ‘ବାରିୟର ଫ୍ରି ଆକସେସ୍’ କରିବାକୁ ଯୋଜନା ହୋଇଛି। ସବୁ ସରକାରୀକୋଠାରେ ବାରିୟର ଫ୍ରି ଆକସେସ୍’ ବା ଭିନ୍ନକ୍ଷମଙ୍କ ବାଧାହୀନ ଯାତାୟତ ଓ ଅନ୍ୟାନ୍ୟ ସୁବିଧା ପାଇଁ ର୍‍ୟାମ୍ପ, ସତନ୍ତ୍ର କରିଡର, ବିଲ୍ଡିଂ ଅଧିକ ମହଲା ବା ଉଚ୍ଚା ଥିଲେ ଲିଫ୍ଟ ବ୍ୟବସ୍ଥା,ଜରୁରିକାଳୀନ ପ୍ରସ୍ଥାନପଥ ସମେତ ଲାଇଟିଂ, ଆଲାର୍ମ ଓ ସ୍ୱତନ୍ତ୍ର ଟଏଲେଟ୍ ବ୍ୟବସ୍ଥା କରାଯିବା ସମ୍ପର୍କରେ ସୁନିଶ୍ଚିତ କରିବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

ସୂଚନାଯୋଗ୍ୟ ଯେ ସୁଗମ୍ୟ ଭାରତ ଅଭିଯାନରେ ଜୁଲାଇ ୨୦୧୬ ସୁଦ୍ଧା ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କୋଠାର ଆକ୍‌ସେସିବିଲିଟି ଅଡିଟ୍ ସାରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଭୁବନେଶ୍ୱରର ପ୍ରାୟ ୫୦ଟି ସରକାରୀକୋଠାର ଅଡିଟ୍ ହୋଇସାରିଥିବା ସୂଚନା ମିଳିଛି। ବିଡିଏ ଅଫିସ୍, ବିଏମ୍‌ସି ଅଫିସ, ଉତ୍କଳ ବିଶ୍ୱବିଦ୍ୟାଳୟ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ହାଉସିଂ ବୋର୍ଡ଼ ଅଫିସ୍, ଦୂରଦର୍ଶନ କେନ୍ଦ୍ର, ମ୍ୟୁଜିୟମ୍, ରବୀନ୍ଦ୍ର ମଣ୍ଡପ, ଜୟଦେବ ଭବନ, ଆଇଜି ପାର୍କ, ଫରେଷ୍ଟ ପାର୍କ, ବିଜେବି କଲେଜ ସମେତ ଅନ୍ୟ ଦୁଇଟି କଲେଜ ଓ ଆଉକିଛି ସରକାରୀକୋଠାରେ ‘ବାରିୟର ଫ୍ରି ଆକସେସ୍’ ପାଇଁ ବି ଅଡିଟ୍ ସରିଛି। କେନ୍ଦ୍ର ସରକାର ୧୮ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ମଞ୍ଜୁର କରି ସାରିଛନ୍ତି। ନୂଆ ଭିନ୍ନକ୍ଷମ ପୃ-୭

# ଅଳିଆଗାଡ଼ିକୁ ଜଗିବ ଜିପିଏସ୍

**ଭୁବନେଶ୍ୱର :** ରାଜଧାନୀର ଅଳିଆଗାଡ଼ି ଉପରେ ଏବେ ରହିବ ସରକାରୀ ନଜର। ଅଳିଆ ବୁହା ନାଁରେ କେହି ଆଉ ଠକେଇ କରିପାରିବେନାହିଁ। କର୍ମଚାରୀ ହୁଅନ୍ତୁ କି ଅଧିକାରୀ କେହି ବାଦ ପଡ଼ିବେନି ଜିପିଏସ୍ ଟ୍ରାକିଂରୁ। ଠିକ୍ ସମୟରେ କେତେ ଅଳିଆ ଉଠିଲା ଏବଂ କେତେ ଅଳିଆ ଡ଼ିପୋରେ ପହଞ୍ଚିଲା ତାହାର ହିସାବ ସଠିକ୍ ମିଳିବ ଏବଂ ଅଳିଆ ଭିତରେ ଇଟା, ପଥର, ମାଟି ଭର୍ତ୍ତି କରି ବିଏମ୍‌ସିକୁ ଠକିବା କାରବାରରେ ଏଣିକି ଲାଗିପାରିବ ରୋକ୍। ଜିପିଏସ୍ ବ୍ୟବସ୍ଥାରେ ଅଳିଆ ଗାଡିକୁ ଟ୍ରାକ୍ କରାଯିବ। ସୂଚନାଯୋଗ୍ୟ, ଭୁବନେଶ୍ୱର ମହାନଗର ନିଗମ ଏବେ ରାଜଧାନୀର ୧୦ଟି ୱାର୍ଡରୁ ନିଜେ ଅଳିଆ ଉଠାଉଛି।

## ଆଉ ଠକି ହେବନି

ସଫେଇ ବାବଦରେ ବିଏମ୍‌ସିର ବର୍ଷକୁ ପ୍ରାୟ ୪୫ କୋଟି ଟଙ୍କା ଖର୍ଚ୍ଚ କରୁଥିବା ଜଣାପଡ଼ିଛି। କିନ୍ତୁ ଅନ୍ୟସବୁ ୱାର୍ଡରେ ଘରୋଇ ସଂସ୍ଥା ଦ୍ୱାରା ଅଳିଆଉଠା କାର୍ଯ୍ୟ କରାଯାଉଛି। ହେଲେ ଏହି ସଂସ୍ଥାଗୁଡ଼ିକ ବିଏମ୍‌ସିକୁ ଠକୁଥିବା ଜଣାପଡ଼ିବା ପରେ ବିଏମ୍‌ସି କର୍ତ୍ତୃପକ୍ଷ ବାଧହୋଇ ଏବେ ଠୋସ୍ ପଦକ୍ଷେପ ନେଇଛନ୍ତି। କାରଣ ଘରୋଇ ସଂସ୍ଥାମାନେ ଅଳିଆଗାଡ଼ିରେ ଅଳ୍ପ ପରିମାଣର ଅଳିଆ ଉଠାଇ ଅଧିକ ବିଲ୍ କରି ଟଙ୍କା ହଡ଼ପ କରୁଥିଲେ। ସେମାନଙ୍କ ସହିତ ହୋଇଥିବା ଚୁକ୍ତିରେ ଖିଲାପ ହୋଇଥିବାରୁ ବିଏମ୍‌ସି ଏଭଳି ପଦକ୍ଷେପ ନେଇଛି। ସଫେଇ ନାଁରେ ରାଜଧାନୀରେ ଚାଲିଥିବା ଏହି ମହାଘୋଟାଲାକୁ ଖତମ୍ କରିବା ପାଇଁ ନୂଆ ମନିଟରିଂ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଯଦ୍ୱାରା ଆଉ ଅର୍ଥ ତୋଷରପାତ ହେବନାହିଁ ଓ କାର୍ଯ୍ୟରେ ସ୍ୱଚ୍ଛତା ଆସିବ ବୋଲି ବିଏମ୍‌ସି ଚିନ୍ତା କରୁଛି। ଏବେ ଅଳିଆବୁହା ସମସ୍ତ ଗାଡ଼ି ଯଥା, ଟ୍ରାକ୍ଟର, ଟ୍ରକ୍ ଓ ପୃ-୭



# ଓଭାଲ୍ ଅଫିସ ରୂପରେଖ ବଦଳିଲା

**ୱାଶିଂଟନ୍ :** ଦାୟିତ୍ୱ ଗ୍ରହଣ କରିବାର ପ୍ରଥମ ଦିନରେ ଆମେରିକା ନୂଆ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ସ୍ଥିତ ନିଜ କାର୍ଯ୍ୟାଳୟ ଓଭାଲ୍ ଅଫିସ୍‌ର ରୂପରେଖ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ବ୍ରିଟେନ୍‌ର ପୂର୍ବତନ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ୍ ଚର୍ଚ୍ଚିଲ୍‌ଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ନିଜ କାର୍ଯ୍ୟାଳୟରେ ପୁନଃ ଅବସ୍ଥାପିତ କରିଛନ୍ତି। ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଦାୟିତ୍ୱ ଗ୍ରହଣ କରିବା ପରେ ୨୦୦୯ରେ ସେ ଏହି ପ୍ରତିମୂର୍ତ୍ତିକୁ ଓଭାଲ୍ ଅଫିସ୍‌ରୁ ବ୍ରିଟି ରୁମ୍‌କୁ ସ୍ଥାନାନ୍ତର କରିଥିଲେ। ଏହାକୁ ନେଇ ସେହି ସମୟରେ ଓବାମା ତୀବ୍ର ସମାଲୋଚନାର ଶିକାର ହୋଇଥିଲେ। ସେହିପରି ଓଭାଲ୍ ଅଫିସ୍‌କୁ ଓବାମା ଆଣିଥିବା ମାର୍ଟିନ୍ ଲୁଥର୍ କିଙ୍ଗ୍ ଜୁନିୟର୍‌ଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ଟ୍ରମ୍ପ ସେଠାରୁ ଅନ୍ୟତ୍ର ନେଇ ଯାଇଛନ୍ତି। ଏହା ସବୁଠାରୁ ବଡ଼ ପରିବର୍ତ୍ତନ ବୋଲି କୁହାଯାଉଛି। ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ ସିନ୍ ସ୍ପାଇସର୍, ଏହାର ଫଟୋ ଟୁଇଟର୍‌ରେ ପ୍ରକାଶ କରିଛନ୍ତି। ଏହି ଦୁଇ ବଡ଼ ପରିବର୍ତ୍ତନ ବ୍ୟତୀତ ଟେବୁଲ୍ ଚେୟାର, ପର୍ଦ୍ଦା ଏବଂ ଅନ୍ୟାନ୍ୟ ଜିନିଷର ଅବସ୍ଥିତିରେ ମଧ୍ୟ ଟ୍ରମ୍ପ ନିଜ ପସନ୍ଦ ଅନୁଯାୟୀ ବିଶେଷ ଭାବ ପରିବର୍ତ୍ତନ ଆଣିଛନ୍ତି। ଓଭାଲ୍ ଅଫିସ୍‌ର ପର୍ଦ୍ଦା ଗାଢ଼ ଲାଲ ଥିଲା। ମାତ୍ର ଟ୍ରମ୍ପ ଏବେ ସୁନେଲି ରଙ୍ଗର ପର୍ଦ୍ଦା ଲଗାଇଛନ୍ତି।

# ମୃତ୍ୟୁଯନ୍ତାରେ ଯୁବପିଢ଼ି



**ଭୁବନେଶ୍ୱର :** ଦିନକୁ ଦିନ ଯୁବପିଢିଙ୍କ ଭିତରେ ସୋସିଆଲ ମିଡିଆର ବ୍ୟବହାର ଅତ୍ୟଧିକ ବଢ଼ିଯିବା ସହିତ ଯୁବବର୍ଗଙ୍କ ପୋଷ୍ଟ୍‌ରେ ଦେଖିବାକୁ ମିଳୁଛି ସେଲଫି। ଏମିତିକି ସେଲ୍‌ଫିକୁ ନେଇ ସୋସିଆଲ ମିଡିଆରେ ଏକ ପ୍ରକାର ପ୍ରତିଯୋଗିତା ମଧ୍ୟ ଦେଖିବାକୁ ମିଳିଛି। ଏହି ମାନିଆ ଏତେ ବଢ଼ିଯାଇଛି ଯେ କିଛି ଟିଭି ଚାନେଲରେ ମଧ୍ୟ ସେଲ୍‌ଫି ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ନିର୍ବାଚନ ସମୟରେ ଯେପରି ବିଭିନ୍ନ ଦଳର ନେତାମାନେ ନିଜର ସଂଖ୍ୟା ଗରିଷ୍ଠତା ହାସଲ ପାଇଁ ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରାଣମୂର୍ଚ୍ଛା ଉଦ୍ୟମରେ ଲାଗିପଡ଼ନ୍ତି ଠିକ୍ ଅନୁରୂପ ପ୍ରତିଫଳନ ଦେଖାଦେଉଛି। ତେବେ ନେତା ଯଦିଓ ଚଉକି ମୋହରେ ଏସବୁ କରୁଛନ୍ତି, କିନ୍ତୁ ଯୁବପିଢି ସେଲ୍‌ଫି ନେଉଛନ୍ତି କେବଳ ସାମାନ୍ୟ କେତୋଟି ଲାଇକ୍ ବା କମେଣ୍ଟ ପାଇଁ। ନିଜର ସାଙ୍ଗମାନଙ୍କୁ ଅପଡେଟ୍ ଦେବା ପାଇଁ ବିଭିନ୍ନ ଢଙ୍ଗରେ ନିଜର ଫଟୋ ପୋଷ୍ଟ କରିବା ହେଉଛି ଏମାନଙ୍କର ମୂଳଲକ୍ଷ୍ୟ। ଅନ୍ୟଠୁ କିଛି ଅଲଗା କରି ଫଟୋ ଉଠାଇଲେ ଅଧିକ ଲାଇକ୍, କମେଣ୍ଟ ମିଳିବା ଲୋଭରେ କେତେବେଳେ ମୂଲ୍ୟବାନ ଜୀବନକୁ ବାଜି ଲଗାଇ ଦିଅନ୍ତି ତ ପୁଣି କେତେବେଳେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଅନ୍ୟଠୁ ଭିନ୍ନ ହେବା ପାଇଁ ଏମାନେ ବାଛିନିଅନ୍ତି ବିପଦପୂର୍ଣ୍ଣ ଫଟୋସୁଟ୍, ଯାହା ଏବେ ମୃତ୍ୟୁର ବାଏପାସ୍ (ଉପମାର୍ଗ) ସାଜିଛି।

ସେଲ୍‌ଫି ନିଶା ଏମିତି ଯେ କିଏ ଚଳନ୍ତା ଟ୍ରେନ୍ ଉପରକୁ ଚଢ଼ିଯାଉଛି ତ କିଏ ବହୁତଳ ପ୍ରାସାଦର ଶୀର୍ଷଭାଗକୁ; ପୁଣି କିଏ ହିଂସ୍ରଜନ୍ତୁ ମୁହଁ ସହିତ ମୁହଁ ମିଶାଇବାକୁ ପଛାଉ ନାହିଁ। ଏହି ନିଶା ଏବେ ମଦ ନିଶାଠାରୁ ବି ଭୟଙ୍କର ସାଜିଛି। ସେଲ୍‌ଫି ନିଶାରେ ନିଜ ଜୀବନ ହରାଇବା ସହ ପଙ୍ଗୁ, ଅକର୍ମଣ୍ୟଙ୍କ ସଂଖ୍ୟା ପୃ-୭





## ଛାଟୁପତି ଉବାଚ

ମଦବନ୍ଦ ଯିଏ କରିବ ଜାଣିଥା’
ବୁଡ଼ିଯିବ ତା’ର ବଅଁଶ
ଜୟରାମଙ୍କର କଥା ଶୁଣି ଏବେ
ଉଡ଼ିଯାଉଅଛି ହୋଓସ...
ଟ୍ରେନେ ହଉ କି ବଅସ (୨)
ସବୁଠାରେ ପାଙ୍ଗି ମେଣ୍ଟେଇଦେବେକି
ମଦୁଆ ଚେଲାଙ୍କ ଶୋଓଷ।
ଦାମ ବାବୁ ଭାରି ଖୁସି (୨)
ଏବେଠାରୁ କାଲେ ବେପାର ତାଙ୍କର
ବଢ଼ିଯିବ ପୁଣି ବେଶି
ପାଙ୍ଗି ପିଇଛନ୍ତି ଦେଶୀ
ସେଥିପାଇଁ ତାଙ୍କୁ ଫଟାକପାଳ ବି
ଲାଗୁଛି ଶରଗଶଶି।

- ପ୍ରତାପ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

### ୟୁପି ରାଜନୀତିରେ ନୂଆ ସମୀକରଣ

# ବାପା ହତାଶ ପୁଅକୁ ସାଇକେଲ

ନୂଆଦିଲ୍ଲୀ, ଉତ୍ତରପ୍ରଦେଶରେ ଶାସକ ସମାଜବାଦୀ ପାର୍ଟିରେ ବାପ-ପୁଅ ଲଢ଼େଇରେ ବାଜି ମାରିଦେଇଛନ୍ତି ପୁଅ ଅଖିଲେଶ ଯାଦବ। ତାଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନ ସାଇକେଲ ଚିହ୍ନ ମଞ୍ଜୁର କରିଛନ୍ତି। ଦଳର ଏହି ଚିହ୍ନ ପାଇଁ ଅଖିଲେଶ ଓ ବାପା ମୁଲାୟମ ସିଂ ଯାଦବ ନିର୍ବାଚନ କମିନ ନିକଟରେ ଫେରାଦ ହୋଇ ଦାବି ଉତ୍ଥାପନ ସହ ସେମାନଙ୍କ ସପକ୍ଷରେ ପ୍ରାମାଣିକ ତଥ୍ୟ ପ୍ରଦାନ କରିଥିଲେ। ତେବେ ଅଖିଲେଶଙ୍କ ପକ୍ଷରେ ଅଧିକ ସମର୍ଥନ ଥିବାରୁ ତାଙ୍କ ଗୋଷ୍ଠୀକୁ ସାଇକେଲ ଚିହ୍ନ ମିଳିଛି। ତେବେ ନିର୍ବାଚନ କମିଶନଙ୍କ ଏହି ଫୈସଲା ବରୋଧାରେ ମୁଲାୟମ କୋର୍ଟକୁ ଯିବେ କି ନା, ତାହା ସ୍ପଷ୍ଟ ହୋଇନି। ଏହି ପରିପ୍ରେକ୍ଷୀରେ ସମାଜବାର୍ଦୀ ପାର୍ଟିର ସମ୍ପାଦକ ଅମର ସିଂ ଅଢ଼େଇ ମାସ ପାଇଁ ଲଣ୍ଡନ ପଳାଇଛନ୍ତି। ବାପ-ପୁଅ ବିବାଦରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି କୁହାଯାଉଥିଲା ବେଳେ ସେ ବିବାଦ ଠାରୁ ଦୂରେଇ ଯାଇଛନ୍ତି। ସେ ଲଣ୍ଡନ ଯିବା ର୍ପୂବରୁ କହିଥିଲେ, "ଲଣ୍ଡନରେ ମୋର ଚିକିତ୍ସା ଚାଲିଥିଲା ବେଳେ ମୋତେ ଡକା ଯାଇଥିଲା। ପୁଣି ଲଣ୍ଡନ ଫେରିଯାଉଛି।" ତେବେ ସମାଜବାଦୀ ପାର୍ଟିର ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ବିଦେଶକୁ ଚାଲିଯିବା ବେଶ୍ ରହସ୍ୟମୟ ମନେହେଉଥିଲେ ବି ବାପା-ପୁଅ ଲଢ଼େଇରୁ ରାଜ୍ୟବାସୀଙ୍କୁ କ'ଣ ମିଳିବ, ତାହା ଆଗାମୀ ଦିନରେ ଜଣାପଡ଼ିବ।



# ଶଶିକଳାଙ୍କ ବିପକ୍ଷରେ ଜୟାଙ୍କ ଝିଆରୀ

**ଚେନ୍ନାଇ :** ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କର ମୃତ୍ୟୁ ପରେ ତାଙ୍କର ଦଳ ଓ ସାମ୍ରାଜ୍ୟ ପାଇଁ ଲଢେଇ ଆରମ୍ଭ ହୋଇଯାଇଛି। ଜୟାଙ୍କ ଭଳି ଦିଶୁଥିବା ତାଙ୍କର ଝିଆରୀ ଦୀପା ଜୟକୁମାର ଏବେ ରାଜନୀତିକୁ ଆସିବା ଲାଗି ସିଦ୍ଧାନ୍ତ ନେଇଛନ୍ତି। ମଙ୍ଗଳବାର ଦଳର ପ୍ରତିଷ୍ଠାତା ଏମ୍‌ଜି ରାମଚନ୍ଦ୍ରନ୍‌ଙ୍କ ଜୟନ୍ତୀ ଅବସରରେ ସେ ଏହି ବିଷୟ ଘୋଷଣା କରିଛନ୍ତି। ନିଜର କିଛି ସମର୍ଥକଙ୍କ ସହିତ ଦୀପା ମରିନା ବିଚ୍‌ରେ ଥିବା ଏମ୍‌ଜିଆର ଏବଂ ଜୟଲଳିତା ମେମୋରିଆଲ୍ ନିକଟରେ ପହଂଚିବାକୁ ଚେଷ୍ଟା କରିଥିଲେ। ତେବେ ଜନଗହଳି ଯୋଗୁ ସେ ନିଜର ଉଦ୍ୟମରେ ସଫଳ ହୋଇଥିଲେ। ଏଆଇଏଡିଏମ୍‌କେରେ ଲାଗି ରହିଥିବା ବିଦ୍ରୋହର ସ୍ୱରକୁ ଆହୁରି ତୀବ୍ର କରି ଦୀପା କହିଛନ୍ତି ଯେ, ଦଳୀୟ ମହାସଚିବ ପଦରେ ଏମ୍‌ଜିଆର୍ କିମ୍ବା





ଜୟାଙ୍କ ବ୍ୟତୀତ ଅନ୍ୟ କାହାରିକୁ ସେ ସ୍ୱୀକାର କରିବେ ନାହିଁ। ସେହିପରି ଶଶିକଳା ଏହି ପଦରେ ନିଯୁକ୍ତ ହେବା ଯୋଗୁ ବହୁ ଲୋକ ଏବଂ ଦଳୀୟ କର୍ମୀ ଅସନ୍ତୁଷ୍ଟ ଥିବା କଥା ସେ ପ୍ରକାଶ କରିଛନ୍ତି। ଦଳରେ ଶଶିକଳା ବିରୋଧୀଙ୍କ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ ଦୀପା ତାଙ୍କୁ କଡ଼ା ଟକ୍କର ଦେଇପାରନ୍ତି ବୋଲି କୁହାଯାଉଛି।

ଅନ୍ୟପଟେ ନିଜର ଆଗାମୀ ରଣନୀତି କ'ଣ ହେବ ସେ ସମ୍ପର୍କରେ ଜୟାଙ୍କ ଜନ୍ମଦିନ ଅର୍ଥାତ୍ ଫେବ୍ରୁଆରୀ ୨୪ ତାରିଖରେ ସେ ଘୋଷଣା କରିବେ ବୋଲି ଦୀପା ସ୍ପଷ୍ଟ କରିଛନ୍ତି। ଦୀପାଙ୍କ ଅନୁସାରେ ତାଙ୍କ ନିକଟରେ ଦୁଇଟି ବିକଳ୍ପ ରହିଛି। ପ୍ରଥମଟି ହେଲା ଏଆଇଏଡିଏମ୍‌କେରେ ଯୋଗ ଦେବା ନହେଲେ ଦ୍ୱିତୀୟଟି ହେଲା ନୂଆ ଦଳ ଗଠନ କରିବା। ତେବେ ଏ ସମ୍ପର୍କରେ ନିଜର ସମର୍ଥକମାନଙ୍କ ସହିତ ଆଲୋଚନା କରିବା ପରେ ଯାଇ କିଛି ସିଦ୍ଧାନ୍ତ ନେବେ ବୋଲି ସେ କହିଛନ୍ତି।

# ଦ୍ୱୀପରେ ଭୂତ !

ଇଟାଲିର ଏକ ଏମିତି ଏକ ଦ୍ୱୀପ ରହିଛି ଯାହା ବିଷୟରେ ଆପଣ ଶୁଣିଲେ ଚକିତ ହୋଇ ରହିଯିବେ। ପୂର୍ବପୁରୁଷରୁ ଶୁଣାଯାଏଯେ ଥରେ ସେହି ଦ୍ୱୀପକୁ ଯିଏ ଯାଏ ସେ ଆଉ କେବେ ଜୀବନ ଫେରି ଆସେନା। ଏମିତି ଏକ ଦ୍ୱୀପର ନାମ ହେଉଛି ପ୍ଲୋବୋଗିୟା। ଶୁଣାଯାଏ ପ୍ରାୟତଃ ଶହେ ବର୍ଷ ପୂର୍ବେ ରୋଗୀ ମାନଙ୍କୁ ନେଇ ସେଠାରେ ଛଡା ଯାଉଥିଲା ଏବଂ ମୃତ୍ୟୁ ପରେ ଏହିଠାରେ ସେହି ଶବ ଗୁଡିକୁ ସେହିଠାରେ ସମାଧି ଦିଆଯାଉଥିବାର ଜଣାଯାଏ। ଇଟାଲିର ପ୍ଲେଗ୍ ରୋଗୀ ମାନଙ୍କୁ ଏହିଠାରେ ଛାଡି ଦିଆଯାଉଥିବା ବିଷୟ କୁହାଯାଏ ଓ ଅଜଣା ଜ୍ୱରରେ ପୀଡିତ ରୋଗୀ ଅନ୍ୟଙ୍କୁ ସେଠାରେ ଛାଡି ଦବାର ନଜିର ରହିଛି ।ଅତୀତରେ ପରିସ୍ଥିତି ଏପରି ଅଣାୟତ ହୋଇଥିଲା ଯେ ପ୍ରାୟ ୧ ଲକ୍ଷ ୬୦ ହଜାର ରୋଗୀଙ୍କୁ ସେହିଠାରେ ଜୀବନ୍ତ ପୋଡ଼ି ପାଉଁଶ କରି ଦିଆ ଯାଇଥିଲା। ଏହାପରେ ସେଠାରେ ଅଶରୀରୀ ଦେଖାଦେଲେ। ସମୟକ୍ରମେ ଲୋକମାନେ ଏହି ଦ୍ୱୀପକୁ ଯାତାୟତ ବନ୍ଦ କରି ଦେଇଥିଲେ। ୧୯୨୨ ବେଳକୁ ଏହି ଦ୍ୱୀପରେ ଏକ ପାଗଳ ଖାନା ନିର୍ମାଣ କରାଗଲା। ଡାକ୍ତର ଓ ସେବାକାରୀଣୀ ମାନେ ସେଠାରେ ବିଭିନ୍ନ ପ୍ରକାର ପ୍ରେତାତ୍ମା ଦେଖିବାସହ ବିଭିନ୍ନ ପ୍ରକାର ଅଘଟଣ ମଧ୍ୟ ସେଠାରେ ଘଟିବାକୁ ଲାଗିଲା। ୨୦୦୦ ବେଳକୁ ୧୫ ଜଣ ପର୍ଯ୍ୟଟକ ପରିଭ୍ରମଣ କରିବାକୁ ଯାଇ ସେଠାରୁ ଫେରି ନଥିଲେ ଓ ପରେ ସେମାନଙ୍କର ପତ୍ତା ମିଳି ନଥିଲା ଏହି ଘଟଣା ଘଟିବା ପରେ ଇଟାଲି ସରକାର ଏହି ଦ୍ୱୀପକୁ ନିଷେଧ ଘୋଷଣା କଲେ।

### ବୋମାମାଡ଼ରେ ୧୦୦ ଶରଣାର୍ଥୀ ମୃତ

# ବୋକୋ ହାରାମ କ୍ୟାମ୍ପ ଉପରେ ଆକ୍ରମଣ ଯୋଜନା

**ଲାଗୋସ :** ନାଇଜେରିଆର ବାୟୁସେନା ଦ୍ୱାରା ଭୁଲବଶତଃ ଏକ ଶରଣାର୍ଥୀ ଶିବିର ଉପରେ ବୋମାମାଡ଼ କରାଯିବାରୁ ୧୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ରେଡ୍‌କ୍ରସର ୨୦ ସଦସ୍ୟ ଅଛନ୍ତି। ନାଇଜେରିଆ ସେନାର ଜଣେ ବରିଷ୍ଠ କମାଣ୍ଡର ମେଜର ଜେନେରାଲ ଲକି ଇରାବୋର ଏହି ରିପୋର୍ଟର ସତ୍ୟତାକୁ ସ୍ୱୀକାର କରିଛନ୍ତି। ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ ଦେଶର ଉତ୍ତର-ପୂର୍ବ ଭାଗରେ ଥିବା ରାନ୍ ଅଞ୍ଚଳରେ ଏହି ଘଟଣା ଘଟିଛି। ଏହି ଅଞ୍ଚଳରେ ଇସ୍‌ଲାମିକ ଆତଙ୍କବାଦୀ ସଂଗଠନ ବୋକୋ ହାରାମ୍ ଖୁବ୍ ସକ୍ରିୟ। ସେନାକୁ ଏହି ଅଞ୍ଚଳରେ ବୋକୋ ହାରାମ ଆତଙ୍କବାଦୀମାନଙ୍କ ଉପସ୍ଥିତି ବିଷୟରେ ସୂଚନା ମିଳିଥିଲା। ତେଣୁ ସେମାନଙ୍କୁ ବାୟୁସେନା ଦ୍ୱାରା ଟାର୍ଗେଟ କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ତଦନୁଯାୟୀ,ବାୟୁସେନାର ଯୁଦ୍ଧ ବିମାନକୁ କାମେରୁନ ସଂଲଗ୍ନ ନାଇଜେରିଆର ରାନ ଅଞ୍ଚଳରେ ଜମା ହୋଇଥିବା ବୋକୋ ହାରାମ ଆତଙ୍କବାଦୀଙ୍କ ଉପରେ ବୋମା ମାଡ଼ କରିବାକୁ ପଠାଯାଇଥିଲା। ହେଲେ ସେହି ଅଞ୍ଚଳରେ ଥିବା ଏକ ଶରଣାର୍ଥୀ ଶିବିରକୁ ଆତଙ୍କବାଦୀଙ୍କ କ୍ୟାମ୍ପ ମନେ କରି ବିମାନରୁ ତା' ଉପରେ ବୋମାମାଡ଼ କରାଯାଇଥିଲା । ଏହାଯୋଗୁ ୧୦୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ସଂଗଠନ ରେଡକ୍ରସ ଏବଂ ଡକ୍ଟରସ୍ ଓ୍ୱିଦାଉଟ ବର୍ଡରର କିଛି ସଦସ୍ୟ ବି ଅଛନ୍ତି। ମୃତାହତଙ୍କ ସଂଖ୍ୟା ଅଧିକ ହୋଇପାରେ ବୋଲି କୁହାଯାଉଛି।

# ନାଇଟ୍ କ୍ଲବ୍‌ରେ କେବଳ ସୁନ୍ଦର-ସୁନ୍ଦରୀ

**ନୂଆଦିଲ୍ଲୀ :** ଆଧୁନିକତା ମଣିଷକୁ ନୂଆ ନୂଆ ଦିଗ ଦେଖାଉଛି। ସବୁକଥାରେ କିଛି ନୂଆ କରିବାର ଆବଶ୍ୟକ ମନେକରୁଛନ୍ତି ସଭିଏଁ। ଏବେ ସୋସିଆଲ ମିଡିଆ ଏହାର ପ୍ରମୁଖ ବାର୍ତ୍ତାବହ ସାଜିଛି ଯେମିତି ! ଓ୍ୱେବ୍‌ସାଇଟ ହେଉକି ଫେସବୁକ ସବୁଥିରେ କିଛି ରୋଚକ ତଥ୍ୟ ପ୍ରକାଶ ପାଉଛି । ସେମିତି ଏକ ଓ୍ୱେବ୍‌ସାଇଟ ହେଉଛି 'ବିଉଟିଫୁଲପିଉପଲ.କମ୍'। ଯାହାକି ସୁନ୍ଦର ଯୁବକ ଓ ଯୁବତୀ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ।

ଲସ୍‌ଏଞ୍ଜେଲ୍‌ସରେ ଏକ ଅଭିନବ ନାଇଟ୍‌କ୍ଲବ ଖୋଲାଯାଇ ଏହି ଓ୍ୱେବ୍‌ସାଇଟକୁ ଉପଲବ୍ଧ କରାଯାଇଛି । ଏହି କ୍ଲବର ବିଶେଶତ୍ୱ ହେଉଛି , ଏଠାରେ ଯେ କେହି ଚାହିଁଲେ ପ୍ରବେଶ କରିପାରିବେ ନାହିଁ ।




କେବଳ ସୁନ୍ଦରୀ ଯୁବତୀ ଓ ସୁନ୍ଦର ଯୁବକ ମାନଙ୍କ ପାଇଁ ଖୋଲାଯାଇଥିବା ଏହି କ୍ଲବରେ ଯୁବତୀ ସଦସ୍ୟତା ଗ୍ରହଣ କରିବା ଏତେ ସହଜ ନୁହେଁ। ଏଥିପାଇଁ ଆବେଦନକାରୀଙ୍କ ଆବେଦନ କରି ଅପେକ୍ଷା କରିବାକୁ ପଡିବ। ଆବେଦନ ପତ୍ରରେ ନୂତନ ସଦସ୍ୟତା ଗ୍ରହଣ କରିବାକୁ ଇଚ୍ଛୁକ ପ୍ରାର୍ଥୀ ବା ପ୍ରାର୍ଥିନୀମାନେ ନିଜ ସଂପର୍କରେ ଉଲ୍ଲେଖ କରିବା ସହିତ ନିଜର ସଦ୍ୟତମ ଫଟୋ ଦବାକୁ ପଡିବ । ଆବେଦନ ପତ୍ର ମିଳିବା ପରେ 'ବିଉଟିଫୁଲପିଉପଲ.କମ୍' ର ପୁରୁଣା ସଦସ୍ୟମାନଙ୍କ ମତ ନିଆଯିବ । ଆବେଦନକାରୀଙ୍କ ସପକ୍ଷରେ ବହୁମତ ମିଳିବା ପରେ ହିଁ ଆବେଦନକାରୀଙ୍କୁ ସଦସ୍ୟତା ମିଳିପାରିବ । ସୂଚନାଯୋଗ୍ୟ , ଏହି ଓ୍ୱେବ୍‌ସାଇଟରେ ସଦସ୍ୟ ସଂଖା ଏବେ ଆଠଲକ୍ଷ। ଏଥିରେ ସଦସ୍ୟ ହେବାକୁ ଆଗ୍ରହୀ ଦୌଡରେ ପରାସ୍ତ ହୋଇଥିବା ଆବେଦନକାରୀଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଆଜିପର୍ଯ୍ୟନ୍ତ ଏହି ସଂଖା ୧ କୋଟି ଟପିଥିବାର ସୂଚନା ରହିଛି ।

# ଚା' ଦୋକାନୀରୁ ସୁପର ମଡ଼େଲ

**ନୂଆଦିଲ୍ଲୀ :** ଆଜିକାଲି ସୋସିଆଲ୍ ମିଡ଼ିଆରେ ବେଶ୍ ଚର୍ଚ୍ଚାରେ ଥିବା ପାକିସ୍ତାନରେ ଏକ ଖବର ବେଶ୍ ରୋଚକ। ଜଣେ ଚା ଦୋକାନୀ କିଭଳି ସୁପର

ମଡ଼େଲ ପାଲଟିଛି ତାହା ହିଁ ଚର୍ଚ୍ଚାର ବିଷୟ । ପାକିସ୍ତାନୀ ଫଟୋଗ୍ରାଫର ଜିୟାହ ଅଲ୍ଲୀ ଏହି ଚା ଦୋକାନୀ ଜଣଙ୍କର ଫଟୋ ଉଠାଇ ପ୍ରଥମେ ଇନ୍‌ଷ୍ଟାଗ୍ରାମରେ ଅପ୍‌ଲୋଡ କରିଥିଲେ । ତାହା ପରଠାରୁ ଏହି ଫଟୋ ଏବେ





ଦିନକୁ ଦିନ ଭାଇରାଲ ହେବାରେ ଲାଗିଛି। ଫଟୋଗ୍ରାଫର ଜିୟାଦ ଇସଲାମାବାଦର ସଡ଼କର ଦୂରାବସ୍ଥାର ଫଟୋ ଉଠାଇବା ପାଇଁ ଯାଇଥିଲେ। ଯେଉଁଠାରେ ରାସ୍ତାକଡରେ ଏହି ଚା ବାଲାକୁ ଚା ବିକ୍ରି କରୁଥିବାର ଦେଖି ଫଟୋଟିଏ ଉଠାଇଥିଲେ। ଚା ଦୋକାନଟି ବହୁତ ସୁନ୍ଦର ଲାଗିବାରୁ ସେ ଦୋକାନୀର ଫଟୋ ଉଠାଇଥିଲେ। ଏହା ପରଠାରୁ ସବୁ ସୋସିଆଲ ସାଇଟ୍‌ରେ ଚର୍ଚ୍ଚିତ ହେବାକୁ ଲାଗିଲା ଏହି ନୀଳ ନୟନ ବିଶିଷ୍ଟ ଚା ବିକାଳୀ । ଏହାପରେ ବହୁତ ବଡ ଫ୍ୟାଶନ ଏଜେନ୍ସି ଚା ଦୋକାନୀଙ୍କୁ ନିଜର ମଡ଼େଲ ରୂପେ ଚୟନ କରିଛନ୍ତି। ପାକିସ୍ତାନୀ ନ୍ୟାସ୍‌ନାଲ ନ୍ୟୁଜ୍ ଏଜେନ୍ସି ଡନ୍ ଏବଂ ସମା ଟିଭି ଏହି ଚା ଦୋକାନୀଙ୍କୁ ନେଇ କଭର ଷ୍ଟୋରୀ କରି ପ୍ରସ୍ତୁତ କରିଛି।

# ଜେଲ୍‌ରୁ ଖସିଯିବାକୁ ମାନସିକ

**ନୂଆଦିଲ୍ଲୀ :** ଆପଣ ଜେଲରୁ ଲୁଚି ଖସିଯିବାକୁ ଚାହାନ୍ତି ? ଭଗବାନଙ୍କ ନିକଟରେ ଏଥିପାଇଁ ପ୍ରାର୍ଥନା କରୁଛନ୍ତି ? ଆପଣ ଭାବୁଥିବେ ଏହା ଏକ ଅଜବ ପ୍ରକାର ପ୍ରଶ୍ନ । ହଁ ଆଜ୍ଞା ! ଆପଣ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ ମଧ୍ୟପ୍ରଦେଶର ନିମନ ଜିଲ୍ଲା ମୁଖ୍ୟାଳୟଠାରୁ ୩୦ କିଲୋମିଟର ଦୂର ଜାଲିନରରେ ରହିଛି ଏକ ମନ୍ଦିର ଯେଉଁଠି ଠାକୁରଙ୍କୁ ସୁନା, ରୁପା.ଫୁଲଫଳ ଅର୍ପଣ କରିବା ବଦଳରେ ହାତକଡି ଅର୍ପଣ କରାଯାଇଥାଏ । ଏହାପୁଣି ଅର୍ପଣ କରିଥାନ୍ତି ସେହିମାନେ ଯେଉଁମାନେ ସାଧାରଣତଃ ଅଫିମ ତସ୍କର ଓ ଜେଲ୍‌ରୁ ଖସି ପଳାଇଥିବା କଏଦୀ। ଏଠାରେ ଥିବା ନାଗ ମନ୍ଦିରରେ ହାତକଡି ଅର୍ପଣ କରାଯିବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ବିଶ୍ୱାସ ନହେଲେବି ଏହା ସତ । ଅଛି ଯେଉଁ ଅପରାଧୀ ଜେଲ୍‌ରୁ ଖସି ପଳାଇବାକୁ ଚାହୁଁଛି କିମ୍ବା ଜାମିନ ଚାହୁଁଛି ସେ ଏହି ମନ୍ଦିରକୁ ଆସି ମାନସିକ କରିଥାଏ । ଯଦି ମାନସିକ ପୂରଣ ହୁଏ ତେବେ ଫେରାର କଏଦୀ ଆସି ଅନ୍ଧାରୀରାତିରେ ମନ୍ଦିରରେ ହାତକଡି ଅର୍ପଣ କରି ସେଠାରୁ ପୁଣି ଅନ୍ୟତ୍ର ଫେରାର ହୋଇଯାଏ । ଦୀର୍ଘ ୫୦ ବର୍ଷହେଲା ଏଭଳି ପରମ୍ପରା ଏଠାରେ ଚାଲିଆସିଥିବାର ମନ୍ଦିରର ପୂଜକ ଶିବନାରାୟଣ ମେଘୱାଲ କହିଛନ୍ତି ।



# ଏଲିଏନ୍‌ଙ୍କ ମେସେଜ୍ ଶୁଣୁଛନ୍ତି ବୈଜ୍ଞାନିକ

**ନୂଆଦିଲ୍ଲୀ :** ତାରାଙ୍କର ଏକ ଛୋଟ ମଣ୍ଡଳୀ ସେମାନଙ୍କର ଉପସ୍ଥିତି ନେଇ ବାରମ୍ବାର ବାର୍ତ୍ତା ପଠାଉଥିବା ବୈଜ୍ଞାନିକମାନେ ରିସର୍ଚ୍ଚ ବେଳେ ଜାଣିବାକୁ ପାଇଛନ୍ତି। ୨.୫ ମିଲିଅନ ଷ୍ଟାର ମଧ୍ୟରୁ ମାତ୍ର ୨୩୪ଟି ଏଭଳି ସ୍ୱତନ୍ତ୍ର ଷ୍ଟାରଙ୍କୁ ଖୋଜି ପାଇଛନ୍ତି ବୈଜ୍ଞାନିକ। ଏମାନେ ଆଶ୍ଚର୍ଯ୍ୟଜନକ ବ୍ୟବହାର କରୁଥିବା ରିସର୍ଚ୍ଚ ବେଳେ ଜାଣିବାକୁ ପାଇଛନ୍ତି ବୈଜ୍ଞାନିକ। ଏହାର ଅର୍ଥ ବୈଜ୍ଞାନିକମାନେ ବୁଝିପାରିନଥିବା ବେଳେ ଏଲିଏନଙ୍କ ବାର୍ତ୍ତା ବୋଲି ଉଲ୍ଲେଖ କରିଛନ୍ତି। ଆଷ୍ଟ୍ରୋନୋମିକାଲ ସୋସାଇଟି ଅଫ ଦି ପାସିଫିକ୍ ଜର୍ଣ୍ଣାଲ ପବ୍ଲିକେସନଯେର ପ୍ରକାଶ ପାଇଥିବା ଏକ ନିବନ୍ଧରେ କୁବେକ୍ ଲଭାଇ ୟୁନିଭର୍ସିଟିର ପ୍ରଫେସର ଇ.ଏଫ୍ ବୋରା ଓ ଇ.ଟ୍ରଟିଅର ଏ ସମ୍ପର୍କରେ ଲେଖିଛନ୍ତି। ସେମାନଙ୍କ ମତରେ ଏହି କ୍ଷୁଦ୍ର ତାରାମଣ୍ଡଳୀରୁ ନିୟମିତଭାବେ ଅଲୌକିକ ସୂଚନା ଆସୁଥିଲା। ତେବେ ସେମାନେ ଏହାକୁ ପ୍ରମାଣିତ କରିବା ପାଇଁ ଅଧିକ ରିସର୍ଚ୍ଚ କରିବା ପାଇଁ ବୈଜ୍ଞାନିକ ଷ୍ଟିଫେନ୍ ହକିଂ ଏବଂ ମାର୍କ ଜୁକରବର୍ଗସହ ଅନେକ ବ୍ୟକ୍ତି ସହାୟତା ଘୋଷଣା କରିଥିଲେ। ୧୦,୦୦୦ରୁ ଭିତରୁ ଗୋଟିଏ ଏଭଳି ଅଲୌକିକ ପଦାର୍ଥ ବୋରା ଏବଂ ଟ୍ରଏଟର ଦେଖିବାକୁ ପାଇଥିଲେ। ଆଗକୁ ଅଧିକ ଯତ୍ନ ଓ ଆଧୁନିକ ଯନ୍ତ୍ରପାତି ସହ ରିସର୍ଚ୍ଚ କରାଯିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି।

# ଅଧିକ ବେତନ ଦୁଃଖ ଦିଏ

**ନୂଆଦିଲ୍ଲୀ :** ଉତ୍ତମ ଶିକ୍ଷାଗତ ଯୋଗ୍ୟତା ଅଭିଜ୍ଞତା ଓ ଦକ୍ଷତା ବଳରେ ଜଣେ ବ୍ୟକ୍ତି ଉଚ୍ଚପଦସ୍ଥ କର୍ମଚାରୀର ମାନ୍ୟତା ଲାଭ କରିପାରେ। ମୋଟା ବେତନ ଲାଭ ସାଙ୍ଗକୁ ଦୀର୍ଘ ତଥା ସୁସ୍ଥ ଜୀବନ ବିତାଇପାରେ କିନ୍ତୁ ସ୍ୱଳ୍ପ ବେତନ ଭୋଗୀଙ୍କ ତୁଳନାରେ ମୋଟା ବେତନଭୋଗୀ ଅଠେଇଶି ପ୍ରତିଶତ ଚାପଗ୍ରସ୍ତ ଓ ନଅ ପ୍ରତିଶତ କମ୍ ସୁଖୀ। ଆମେରିକାର ପେନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଦଳେ ଗବେଶକ ଅଧିକ ବେତନଭୋଗୀ କର୍ମଚାରୀ ଓ ସେମାନଙ୍କର ଦୈନନ୍ଦିନ ଜୀବନ ଉପରେ ଅଧ୍ୟୟନ କରି ଏହି ନିଷ୍କର୍ଷରେ ପହଞ୍ଚିଛନ୍ତି । ସେମାନଙ୍କ ମତାନୁସାରେ ଅଧିକ ବେତନ ପାଉଥିବା କର୍ମଚାରୀମାନେ ସମୟ ଅନୁସାରେ ବାରମ୍ବାର ନିଯୁକ୍ତି ବଦଳାଇଥାନ୍ତି। ନୂତନ ନିଯୁକ୍ତି କ୍ଷେତ୍ରରେ ସେମାନେ ସ୍ୱଭାବିକ ଭାବେ ଅଧିକ ଚାପରେ କାମ କରନ୍ତି । ଚାପ ସେମାନଙ୍କ ଜୀବନକୁ ପ୍ରଭାବିତ କରିବା ଦ୍ୱାରା ସେମାନଙ୍କ ଜୀବନରୁ ସରସତା ଲିଭିଯାଏ ।



# ବିଶ୍ୱର ସବୁଠାରୁ ଛୋଟ ଦେଶ




**ନୂଆଦିଲ୍ଲୀ :** ବିଶ୍ୱର ସବୁଠାରୁ ଛୋଟ ଦେଶ ହେଉଛି ଇଂଲଣ୍ଡ ନିକଟରେ ରହିଥିବା ସିଲ୍ୟାଣ୍ଡ ବାରପ ଫୋର୍ଟ। ଯାହାର ଜନସଂଖ୍ୟା ହେଉଛି ମୋଟ ୨୭ ଜଣ। ଇଂଲଣ୍ଡର ସଫୋଲ୍କ ସମୁଦ୍ର କୂଳରୁ ପ୍ରାୟ ୧୦ କିଲୋମିଟର ଦୂରରେ ଅବସ୍ଥିତ ସିଲ୍ୟାଣ୍ଡକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ୍ ନିର୍ମାଣ କରିଥିଲା। ମାଇକ୍ରୋ ନେସନ କୁହାଯାଉଥିବା ସିଲ୍ୟାଣ୍ଡରେ ବିଭିନ୍ନ ସମୟରେ ଭିନ୍ନଭିନ୍ନ ଲୋକଙ୍କ କବଜା କରି ଆସୁଥିଲେ। ତେବେ ୨୦୧୨ ଅକ୍ଟୋବର ୯ରେ ରାୟ ବେଟ୍‌ସ ନିଜକୁ ସିଲ୍ୟାଣ୍ଡର ପ୍ରିନ୍ସଭାବେ ଘୋଷଣା କରିଥିଲେ। ରାୟ ବେଟ୍‌ସଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ମାଇକେଲ ହାତରେ ଶାସନ କ୍ଷମତା ରହିଛି। ମାଇକ୍ରୋ ନେସନ ଅର୍ଥାତ୍ ଯେଉଁ ଦେଶକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିଥାଏ। ଫଳରେ ଏଠାରେ ଆୟ ଉପାର୍ଜନର ପନ୍ଥା ମଧ୍ୟ କିଛି ନଥିଲା। ସି ଲ୍ୟାଣ୍ଡ୍‌ର କ୍ଷେତ୍ରଫଳ ୨୫୦ ମିଟର। ଭଗ୍ନ ଅବସ୍ଥାରେ ଥିବା ଏହି କିଲ୍ଲା ବିଷୟରେ ଯେତେବେଳେ ଇଟାଂରନେଟ୍‌ରେ ଲୋକମାନେ ଜାଣିଲେ, ଏହାର ଉନ୍ନତି ପାଇଁ ଖୁବ୍ ଡୋନେସନ ଦେଲେ। ଫଳରେ ଏଠାରେ ରହୁଥିବା ଲୋକଙ୍କୁ ଆର୍ଥିକ ସହାୟତା ମିଳିଲା। ଫେସବୁକ୍‌ରେ ସିଲ୍ୟାଣ୍ଡ ପେଜ୍‌କୁ ୯୨ ହଜାର ଲାଇକ୍ ମିଳିଛି। ଏଠାକୁ ଏବେ ବହୁସଂଖ୍ୟାରେ ପର୍ଯ୍ୟଟକ ମଧ୍ୟ ଆସିବାରେ ଲାଗିଛନ୍ତି। ତେବେ ଅନ୍ତର୍ଜାତୀୟ ମାନ୍ୟତା ମିଳିଥିବା ବିଶ୍ୱର ସବୁଠାରୁ ଛୋଟ ଦେଶ ହେଉଛି ଭାଟିକାନ ସିଟି ଯାହାର କ୍ଷେତ୍ରଫଳ ୪୪ ବର୍ଗ କିଲୋମିଟର ଓ ଜନସଂଖ୍ୟା ୮୦୦।

## ମୁନିଗୁଡ଼ା ରେଲୱେ ଟନେଲ୍: ବିଶ୍ୱରେ ଦ୍ୱିତୀୟ

ଓଡ଼ିଶାର ମୁନିଗୁଡ଼ାରେ ଥିବା ରେଲୱେ ଟନେଲ୍ ଭାରତର ଦ୍ୱିତୀୟ ଦୀର୍ଘତମ ରେଲଓ୍ୱ ଟନେଲ୍ ଭାବେ ପରିଗଣିତ ହୋଇଛି । ବିଶ୍ୱରେ ଦିତ୍ୱୀୟ ସ୍ଥାନ ଅଧିକାର କରିଥିବା ଏହି ଟନେଲ୍ ଓଡ଼ିଶାର ମଲିଗୁଡ଼ା ଗାଁ ନିକଟସ୍ଥ ପାହାଡ଼ ଉପରେ ରହିଛି । ଯାହା କୋରାପୁଟଠାରୁ ୫୦ କି.ମି. ଦୂର ଓ ଜୟପୁର ସହରର ପୂର୍ବକୁ ରହିଛି ।




ଏଠାରୁ ମଲିଗୁଡାର ଦୂରତା ୩୫ କି.ମି. ମଧ୍ୟରେ । ଗୋଟିଏ ସୁନ୍ଦର ପାହାଡ଼ଘେରା ଗାଁ ହେଉଛି ମଲିଗୁଡ଼ା । ପିକ୍‌ନିକ ଋତୁରେ ଏଠାକୁ ବହୁ ପର୍ଯ୍ୟଟକ ବଣଭୋଜି କରିବାକୁ ଆସିଥାନ୍ତି । ଜାପାନୀ ଇଞ୍ଜିନିୟରମାନଙ୍କ ଦ୍ୱାରା ନିର୍ମିତ ମୁନିଗୁଡ଼ା ଟନେଲ୍‌ର ସବୁ ରୁଟ୍ ୧୯୬୧-୬୭ ମସିହାରେ ନିର୍ମାଣ ହୋଇଥିଲା । କିରାଣ୍ଡୁଲରୁ ଭାଇଜାକ୍ ବନ୍ଦରକୁ ଲୁହା ଓ ଅନେକ ଦ୍ରବ୍ୟ ଆଣିବାକୁ ଏହି ଟନେଲ୍ ମଧ୍ୟଦେଇ ଟ୍ରେନ୍ ଦନ୍ତେୱାଡ଼ା, ଜଗଦଲପୁର, ଜୟପୁର, କୋରାପୁଟ, ପାଦୁଆ, ଅରାକୁ ଓ କୋକଭଲ୍‌ସା ଦେଇ ଯାତାୟତ କରେ । ସତରେ ଏହା ଆମ ରାଜ୍ୟ ପାଇଁ ଏକ ଗୌରବର ବିଷୟ ।

## ଭିନ୍ନକ୍ଷମ ଅଧିକାର ଆଇନରେ ରାଷ୍ଟ୍ରପତିଙ୍କ ମୋହର

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ୨୦୧୬ ଭିନ୍ନକ୍ଷମ ଅଧିକାର ଆଇନକୁ ଭାରତର ରାଷ୍ଟ୍ରପତିଙ୍କ ସ୍ୱୀକୃତି ମିଳିବା ପରେ ଏହାକୁ କାର୍ଯ୍ୟକାରୀ କରାଯାଇଛି । ପୂର୍ବରୁ ଥିବା ୧୯୯୫ ମସିହା ଭିନ୍ନକ୍ଷମ ଆଇନ ପ୍ରତ୍ୟାହାର କରିନିଆଯିବା ସହିତ ନୂଆ ଆଇନରେ ଭିନ୍ନକ୍ଷମଙ୍କ ଅଧିକାର ଉପରେ ଗୁରୁତ୍ୱ ଦିଆଯାଇଛି ।

ଭିନ୍ନକ୍ଷମ ଅଧିକାର ଆଇନର ବିଭିନ୍ନ ଧାରାରେ ଥିବା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରକ୍ରିୟା ଆରମ୍ଭ କରିବାକୁ ଭାରତ ସରକାର ରାଜ୍ୟକୁ ପରାମର୍ଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଷୟ ଉପରେ ଏକ ତାଲିକା ପ୍ରସ୍ତୁତ ହୋଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଜରିଆରେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯିବାକୁ ପ୍ରସ୍ତାବ ରହିଛି । ଏ ସଂକ୍ରାନ୍ତରେ ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ନିତେନ ଚନ୍ଦ୍ର ସବୁ ବିଭାଗକୁ ଚିଠି ଲେଖିଛନ୍ତି ।

ନୂଆ ଆଇନରେ ଭିନ୍ନକ୍ଷମଙ୍କ ଉପରେ ଗବେଷଣା ପାଇଁ କମିଟି ଗଠନ କରାଯିବା ସହିତ ଜିଲ୍ଲା ଅଦାଲତ କିମ୍ବା ଭାରପ୍ରାପ୍ତ କର୍ତ୍ତୃପକ୍ଷ ଗଠନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ କରାଯିବାର ବ୍ୟବସ୍ଥା ରହିଛି । ଆଇନ କାର୍ଯ୍ୟକାରୀ ହେବାର ଦୁଇ ବର୍ଷ ଭିତରେ ସ୍କୁଲ ଯାଉଥିବା ପିଲାଙ୍କ ଭିତରେ ଭିନ୍ନକ୍ଷମ ଚିହ୍ନଟ ପାଇଁ ସର୍ବେକ୍ଷଣ, ଭିନ୍ନକ୍ଷମଙ୍କୁ ନିଯୁକ୍ତି ପାଇଁ ଋଣ ପ୍ରଦାନ, ପ୍ରତି ସରକାରୀ ପ୍ରତିଷ୍ଠାନରେ ଭିନ୍ନକ୍ଷମଙ୍କ ପାଇଁ ଅଭିଯୋଗ ଶୁଣାଣି ବ୍ୟବସ୍ଥା, ସହାୟତା ରାଶି ନିର୍ଦ୍ଧାରଣ, ୧୮ ବର୍ଷ ପର୍ଯ୍ୟନ୍ତ ମାଗଣା ଶିକ୍ଷା, ଉଚ୍ଚଶିକ୍ଷା ପାଇଁ ସରକାରୀ ସାହାଯ୍ୟପ୍ରାପ୍ତ ଶିକ୍ଷାନୁଷ୍ଠାନରେ ୫ ପ୍ରତିଶତ ସଂରକ୍ଷଣ, ନିଯୁକ୍ତି ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭିନ୍ନ ବିଭାଗ ପଦକ୍ଷେପ ନେବାକୁ ମାର୍ଗଦର୍ଶିକା ପ୍ରସ୍ତୁତ ହୋଇଛି ।

## ଏବେ ଭଡ଼ାରେ ମିଳିବ ସାଇକେଲ୍

**ଭୁବନେଶ୍ୱର :** ରାଜଧାନୀରେ ଏଣିକି ଭଡାରେ ମିଳିବ ବାଇକ୍ ଓ ସାଇକେଲ୍ । ଲୋକେ କାର୍ ଓ ଟ୍ୟାକ୍ସି ଭଡାରେ ନେଲା ଭଳି ଦୁଇଚକିଆ ଗାଡ଼ି ଓ ସାଇକେଲ ମଧ୍ୟ ଭଡାରେ ନେଇପାରିବେ । ଖାଲି ସେତିକି ନୁହେଁ, ଘରେ ବସି ଭଡା ପାଇଁ ଅନ୍‌ଲାଇନ୍‌ରେ ଆଗୁଆ ବୁକ୍ରିଂ କରିହେବ ।

ଭୁବନେଶ୍ୱରବାସୀ ଓ ସହରକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏହି ବାଇକ୍ ଓ ସାଇକେଲ୍ ରେଣ୍ଟାଲ ସର୍ଭିସ୍ ଦେବାକୁ ଯୋଜନା କରିଛି 'ମୋରାଇଡଜ୍ ସଂସ୍ଥା' । ଆସନ୍ତା ଫେବୃଆରୀ ୧ ତାରିଖରୁ ସଂସ୍ଥା ଏହି ସେବା ଆରମ୍ଭ କରିବ । ଲୋକଙ୍କୁ ପ୍ରଥମ ପର୍ଯ୍ୟାୟରେ ସହରର ୪ଟି ସ୍ଥାନ କିଟ୍ ଛକ, ସହିଦନଗର, ଖଣ୍ଡଗିରି ଓ ପୁରୁଣା ଭୁବନେଶ୍ୱରରେ ସଂସ୍ଥା ତା'ର ଆଉଟଲେଟ୍ ବା ଷ୍ଟୋର୍ ଖୋଲିବ । ଏଥିରେ ସାଇକେଲ୍ ଓ ବାଇକ୍ ରଖାଯିବ । ଲୋକେ ସିଧାସଳଖ ଷ୍ଟୋର୍‌କୁ ଆସି ଭଡାରେ ନେଇପାରିବେ । ସେମାନଙ୍କୁ ହେଲମେଟ ବି ଯୋଗାଇ ଦିଆଯିବ । ଆଗୁଆ ବୁକିଂ ପାଇଁ ଚାହୁଁଥିବା ଲୋକେ ଅନ୍‌ଲାଇନ୍‌ରେ ସଂସ୍ଥାର ପୋର୍ଟାଲ୍‌କୁ ଯାଇ ବୁକିଂ କରିବେ । ଷ୍ଟୋର୍‌ରେ ଆବଶ୍ୟକ ପରିଚୟପତ୍ର ଓ ଅନ୍ୟ ଡକ୍ୟୁମେ□ ଦାଖଲ କରି ଭଡା ସୁବିଧା ପାଇ ପାରିବେ ବୋଲି ସଂସ୍ଥାର ପ୍ରତିଷ୍ଠାତା ତଥା ମୁଖ୍ୟ ମହେଶ ବାରିକ୍ କହିଛନ୍ତି । ପ୍ରଥମ ଥର ପାଇଁ ମୋରାଇଡ୍ ତା ଷ୍ଟୋର୍‌ରେ ଗିଅର୍ ସୁବିଧା ଥିବା ସାଇକେଲ୍ ଉପଲବ୍ଧ କରିବ । ସାଇକେଲ୍ ଭଡ଼ାରେ ନେବାକୁ ୧୦ଘଣ୍ଟା ପାଇଁ ୨୦୦ଟଙ୍କା ଗଣିବାକୁ ପଡ଼ିବ । ସେହିପରି ରେଣ୍ଟାଲ୍ ଷ୍ଟୋର୍‌ରେ ୪ ପ୍ରକାର ବାଇକ୍ ରହିବ । ବିଭିନ୍ନ କମ୍ପାନୀର ସ୍କୁଟି ଓ ୧୦୦ ସିସି ବାଇକ୍ ଉପଲବ୍ଧ ହେବ । ୧୦ ଘଣ୍ଟା ପାଇଁ ଏହାର ଭଡ଼ା ୫୦୦ ଟଙ୍କା ରହିବ ଓ ସିକ୍ୟୁରିଟି ଜମା ୨ହଜାର ଟଙ୍କା ରହିବ ।



# ସାରଦା ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ

**ବାଲେଶ୍ୱର :** ଓପିଆଇଡି ବା ସ୍ୱତନ୍ତ୍ର ପ୍ରାଧିକୃତ କୋର୍ଟ ଗତ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରି ଚିଟ୍‌ଫଣ୍ଡ ସଂସ୍ଥା ସାରଦା ଗ୍ରୁପର ୪କୋଟି ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ ସୁଦୀପ ସେନ୍ ସ୍ଥାନୀୟ ଫକୀର ମୋହନ ଗୋଲେଇଠାରେ 'ସାରଦା ରିୟଲିଟି ଇଣ୍ଡିଆ ଲିମିଟେଡ' ନାମକ ଚିଟ୍‌ଫଣ୍ଡ ସଂସ୍ଥା ଖୋଲି ବାଲେଶ୍ୱର ସମେତ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଜିଲ୍ଲାର ଶହ ଶହ ଜମାକାରୀଙ୍କ ଠାରୁ ଅର୍ଥ ଆଦାୟ କରିଥିଲେ । ଏଥିରେ କୋଟି କୋଟି ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା । ଏସମ୍ପର୍କରେ ୩୦ରୁ ଉର୍ଦ୍ଧ୍ୱ ଜମାକାରୀ ୨୦୧୩, ମେ ୧୩ତାରିଖରେ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ । ସେତେବେଳେ ପୋଲିସ କେବଳ




ଷ୍ଟେଶନ ଡାଏରୀ କରି ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ । କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରି ଫକୀରମୋହନ ଗୋଲେଇ ଛକରେ ଥିବା ସାରଦା ଚିଟ୍‌ଫଣ୍ଡ କାର୍ଯ୍ୟାଳୟକୁ ସିଲ କରିଥିଲା । ଏଥିସହ ଚାନ୍ଦିପୁର ଥାନା ଅର୍ନ୍ତଗତ ଶ୍ରୀକୋଣା ପଞ୍ଚାୟତର ବାସୁଦେବ ସାମଲ ଓ ବାଲେଶ୍ୱର ରାଣୀପାଟନାର ବିଚିତ୍ରାନନ୍ଦ ଦାଶଙ୍କୁ ଗିରଫ କରାଯାଇଥିଲା । ତତ୍କାଳୀନ ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ମହାନ୍ତି ୨୦୧୩, ମେ ମାସରେ ଏ ନେଇ ଏକ ମିସ୍ କେଶ ରୁଜୁ କରିଥିଲେ, ଯାହାର କେଶ ନଂ ୧/୧୩ । ଓପିଆଇଡି ସ୍ୱତନ୍ତ୍ର କୋର୍ଟର ବିଚାରପତି ଜ୍ଞାନରଞ୍ଜନ ମହାନ୍ତି ଏହି ମାମଲାର ବିଚାର କରି ସାରଦା ଚିଟ୍‌ଫଣ୍ଡ ସଂସ୍ଥାର ୧୩ ଏକର ୬୪ ଡିସମିଲ ଜମି ବ୍ୟାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହାର ମୂଲ୍ୟ ପ୍ରାୟ ୪କୋଟି ୨୦ ଟଙ୍କା ହେବ ବୋଲି ଆକଳନ କରାଯାଉଛି ।

## ଚନ୍ଦନ ହତ୍ୟାକାଣ୍ଡ : ସ୍ୱାମୀଙ୍କ ହତ୍ୟା ପଛରେ ସ୍ତ୍ରୀ

**ପୁରୀ :** ସନ୍ଦେହ ଓ ଅସୁରକ୍ଷାର ଭାବନା ନାରୀକୁ ରକ୍ତମୁଖା କରିବାର ସଦ୍ୟ ପ୍ରମାଣ ମିଳିଛି ପୁରୀର ହୋଟେଲ ମାଲିକ ତଥା ଆଇନଜୀବୀ ଚନ୍ଦନ ବେହେରାଙ୍କ ହତ୍ୟାକାଣ୍ଡ ଘଟଣାରେ । ଯାହାର କରୁଣ ପରିଣତି ଭୋଗେ ବିଚରା ସ୍ୱାମୀ । ପତ୍ନୀ ଅନ୍ୟସହ ମିଶି ହତ୍ୟା ଷଡ଼ଯନ୍ତ୍ର ରଚନା କରି ସାରା ଜୀବନ ପାଇଁ ନିଜ ରାସ୍ତାରୁ ସ୍ୱାମୀଙ୍କୁ ହଟାଇ ଦେଇଛି । ଏମିତି ଏକ ଘଟଣା ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଥିବା ଜଣାପଡ଼ିଛି । ସମ୍ପତ୍ତି ଲୋଭ, ଅସୂୟା ଓ ସନ୍ଦେହ ଯେ କେତେ ଭୟଙ୍କର ହୋଇପାରେ, ଏହି ଘଟଣା ତା'ର ଜ୍ୱଳନ୍ତ ଉଦାହରଣ । ପୋଲିସ ଚନ୍ଦନଙ୍କ ପତ୍ନୀ ନିବେଦିତାଙ୍କୁ ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରିଣୀ ବୋଲି ଗିରଫ କରିଛି । ଏଥିସହ ଆଉ ୪ଜଣଙ୍କୁ ବି ଗିରଫ କରିଛି । ହତ୍ୟାରେ ବ୍ୟବହୃତ ଭୁଜାଲି ଓ ରିଭଲଭର୍ ଲୁଚାଇ ରଖିଥିବା ଜଣେ ସିକ୍ୟୁରିଟି ଗାର୍ଡ ପିସ୍ତଲ ଯୋଗାଇଥିବା ବଳିଆ, ଅଭିଯୁକ୍ତଙ୍କୁ ଆଶ୍ରୟ ଦେଇଥିବା ପ୍ରଫୁଲ୍ଲ ବେହେରା ଓ ରବୀନ୍ଦ୍ର ବେହେରା । ପୂର୍ବରୁ ପୁଲିସ ଅନ୍ୟ ୩ଜଣ ଜଗା, କପିଳା ଓ ବରଜଙ୍କୁ ଗିରଫ କରିଥିଲା । ସେମାନେ ପୂର୍ବ ଯୋଜନା ମୁତାବକ ଚନ୍ଦନଙ୍କୁ ତାଙ୍କ ଶାରଦା କୁଟୀର ନିକଟରେ ହତ୍ୟା କରିଥିଲେ । କିନ୍ତୁ ମାଷ୍ଟରମାଇଣ୍ଡ୍ । ଏସ୍‌ପି ସାର୍ଥକ ଷଡଙ୍ଗୀ କହିଛନ୍ତି ଯେ ଚନ୍ଦନଙ୍କ ସମ୍ପତ୍ତିର ମାଲିକାନା ଓ ଅଭିନେତ୍ରୀ ବାଣିଶ୍ରୀଙ୍କ ପ୍ରତି ଅତ୍ୟଧିକ ଇର୍ଷା ଯୋଗୁଁ ପାରିବାରିକ କଳହ ହିଁ ଏହି ହତ୍ୟାକାଣ୍ଡର ମୂଳ କାରଣ । ଅଧ୍ୟାପକ ନିବେଦିତା ଏହି ହତ୍ୟା ଷଡ଼ଯନ୍ତ୍ର କରିଥିଲେ । ଏଥିରେ ସେ ଅନ୍ୟମାନଙ୍କ ସହଯୋଗ ନେଇଥିଲେ । ଗତ ଡିସେମ୍ବର ମାସ ୨୨ ତାରିଖରୁ ଜାନୁଆରୀ ୫ ତାରିଖ ପର୍ଯ୍ୟନ୍ତ ନିବେଦିତା 'ସି ଆଇନ୍ ଆପାର୍ଟମେଣ୍ଟ'ରେ ରହି ଚନ୍ଦନ ହତ୍ୟାକାଣ୍ଡ ଷଡ଼ଯନ୍ତ୍ରର ନକ୍ସା ପ୍ରସ୍ତୁତ କରିଥିଲେ । ଗତ ୫ ତାରିଖ ଦିନ ଲିଟୁ ଓ ନିବେଦିତାଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା । ଚୁକ୍ତି ଅନୁସାରେ ଲିଟୁ ନିବେଦିତାଙ୍କଠାରୁ ପାଓ୍ୱାର ଅଫ୍ ଆର୍ଟର୍ଣ୍ଣି ହାସଲ କରିଥିଲେ । ଚନ୍ଦନ ହତ୍ୟା ପରେ ପୁରୀରେ ଥିବା ହୋଟେଲ ସମେତ ତାଙ୍କ ସମସ୍ତ ସମ୍ପତ୍ତିର ଦାୟିତ୍ୱ ନିବେଦିତା ଲିଟୁଙ୍କୁ ଦେଇଥାନ୍ତେ । ଲିଟୁ ବି ନିବେଦିତା ଓ ତାଙ୍କ ପିଲାଙ୍କ ଦେଖାଶୁଣା କରିଥାନ୍ତେ । ନିବେଦିତା ରାଉରକେଲା ଚାଲି ଯାଇଥିଲେ । ଅନ୍ୟପକ୍ଷରେ ଗତ ୭ ତାରିଖ ଦିନ ଚନ୍ଦନ ପୁରୀକୁ ଆସି ନିଜ ହୋଟେଲରେ ଏକ ଷ୍ଟାଫ୍ ମିଟିଂ କରିଥିଲେ । ସନ୍ଧ୍ୟାରେ ଚନ୍ଦନ ଭୁବନେଶ୍ୱର ଫେରିଯିବାର ଥିଲା । ତାଙ୍କ କାର୍‌କୁ ନେଇ ଡ୍ରାଇଭର ଅପେକ୍ଷା କରିଥିଲା । ଚନ୍ଦନ ଏକ ସ୍କୁଟିରେ ଆସି ଶାରଦା କୁଟୀରରେ ପହଞ୍ଚିଥିଲେ । ଆଗରେ ଜଗା ଓ କପିଳା ଛପି ରହିଥିଲେ । ଚନ୍ଦନ ଆସି ପହଞ୍ଚିବା ପରେ ତାଙ୍କୁ ପ୍ରଥମେ ଜଗା ହାଣିଥିଲା । ଚନ୍ଦନ ଖସିଯିବା ପାଇଁ ଉଦ୍ୟମ କଲାବେଳେ ତଳେ ପଡ଼ିଯାଇଥିଲେ । ଏହାର ସୁଯୋଗ ନେଇ ବଗିଚାରେ ଲୁଚାଇ ରଖିଥିବା ଖଣ୍ଡା ବାହାର କରି କପିଳା ଚନ୍ଦନଙ୍କୁ ହାଣିଥିଲା । ସେହିପରି ଶାରଦା କୁଟୀରରେ ଥିବା ବରଜୁ ମଧ୍ୟ ଏକ ଖଣ୍ଡା ଆଣି ତାଙ୍କୁ ହାଣିଥିଲା । ଏହି ସମୟରେ ଜଗା ରଖିଥିବା ଦେଶୀ ପିସ୍ତଲରୁ ଫାଇରିଂ କରିଥିଲା । ମାତ୍ର ପିସ୍ତଲ ଖରାପ ଥିବାରୁ ଫାଇରିଂ ହୋଇନଥିଲେ ମଧ୍ୟ ଏହି ମରଣାନ୍ତକ ଆକ୍ରମଣରେ ଚନ୍ଦନଙ୍କ ମୃତ୍ୟୁ ଘଟିଥିଲା । ପରେ ଘଟଣାସ୍ଥଳରୁ ସମସ୍ତେ ଫେରାର ହୋଇଯାଇଥିଲେ ।

### ପୋଲିସ ଜିମାରେ ଲିଟୁ

**ପୁରୀ :** ହୋଟେଲ ମାଲିକ ଚନ୍ଦନ ବେହେରା ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଉଥିବା ଲିଟୁ ଓରଫ ନରେନ୍ଦ୍ର କୁମାର ଦାସ ଚଳିତ ମାସ ୧୮ ତାରିଖ ଦିନ କୋର୍ଟରେ ଆତ୍ମସମର୍ପଣ କରିଛି । ଲିଟୁକୁ ଧରିବା ପାଇଁ ପୋଲିସ ଚଳିତ ମାସ ୮ ତାରିଖଠାରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରୁଥିଲା । ସାଇକୁଟୀର ହୋଟେଲ ମାଲିକ ଚନ୍ଦନଙ୍କୁ ହତ୍ୟା କରିବା ପାଇଁ ଲିଟୁ ୩ଜଣ ଯୁବକଙ୍କୁ ନିୟୋଜିତ କରିଥିବା ପୁଲିସ ସୂଚନା ଦେଇଛି । ୩ ହତ୍ୟାକାରୀଙ୍କୁ ଗିରଫ କରାଯାଇଥିବା ବେଳେ ଲିଟୁ ପୁଲିସକୁ ଚକ୍‌ମା ଦେଖାଇ ଖସି ଯାଇଥିଲା । ଚନ୍ଦନଙ୍କ ପତ୍ନୀ ନିବେଦିତା ହତ୍ୟାକାଣ୍ଡର ୩ଦିନ ପୂର୍ବରୁ ଲିଟୁ ନାମରେ ସମ୍ପତ୍ତି ରକ୍ଷଣାବେକ୍ଷଣ କ୍ଷମତାପତ୍ର ନୋଟାରୀଙ୍କ ମାଧ୍ୟମରେ କରିଥିବା ତଦନ୍ତରୁ ଜଣାପଡ଼ିଛି । ଚନ୍ଦନଙ୍କ ହତ୍ୟା ଷଡଯନ୍ତ୍ର ଅଭିଯୋଗରେ ପୋଲିସ ମୃତ ଚନ୍ଦନଙ୍କ ପତ୍ନୀ ନିବେଦିତାଙ୍କ ସମେତ ୮ ଜଣଙ୍କୁ ଗିରଫ କରିସାରିଛି । ଚନ୍ଦନଙ୍କ ନାମରେ ଥିବା ପ୍ରାୟ ୫୦ କୋଟି ଟଙ୍କାର ସମ୍ପତ୍ତି ଆତ୍ମସାତ୍ ପାଇଁ ଯୋଜନାବଦ୍ଧ ଭାବେ ତାଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି । ଏହି ଘଟଣାରେ ଆଉ କେଉଁମାନେ ସଂପୃକ୍ତ ସେଥିନେଇ ପୁଲିସ ଲିଟୁଠାରୁ ତଥ୍ୟ ସଂଗ୍ରହ କରିବ । ଲିଟୁର ଘର ଲୋକନାଥ ରୋଡ୍‌ର ଛପନଛକ ଅଞ୍ଚଳରେ ଓ ସେ ପୁରୀରେ ସାଇକୁଟୀର ହୋଟେଲ କିଣିବା ବେଳେ ମଧ୍ୟସ୍ଥତା କରିଥିବା ସୂଚନା ମିଳିଛି ।

### ସିବିଆଇ ବନାମ ଭିଜିଲାନ୍ସ ତଦନ୍ତ

# ଧର୍ମେନ୍ଦ୍ର କହିଲେ ଆଇନର ଉର୍ଦ୍ଧ୍ୱରେ କେହି ନୁହନ୍ତି

**କଟକ :** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଭାଇ ତଥା ପ୍ରଧାନ ଗ୍ୟାସ ଏଜେନ୍ସିର ସତ୍ତ୍ୱାଧିକାରୀ ସୌମେନ୍ଦ୍ର ପ୍ରଧାନଙ୍କ ନାଁରେ ଗ୍ୟାସ ବିତରଣରେ ଅନିୟମିତତା ଅଭିଯୋଗରେ ଭିଜିଲାନ୍ସ ବିଭାଗ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି । ସୌମେନ୍ଦ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଗୁଆ ଜାମିନ୍ ଲୋଡ଼ିଥିବା ଜଣାପଡ଼ିଛି । ସୌମେନ୍ଦ୍ରଙ୍କ ନାଁରେ ତାଳଚେର ମାଲୁଣ୍ଡାରେ ଥିବା ପ୍ରଧାନ ଗ୍ୟାସ ସର୍ଭିସ୍ କେନ୍ଦ୍ର ଉପରେ ଭିଜିଲାନ୍ସ ବିଭାଗ ପୁଣିଥରେ ଚଢ଼ଉ କରିଥିବା ଜଣାପଡ଼ିଛି । ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ୫ ଜଣିଆ ଦଳ ଏହି ଚଢ଼ଉରେ ସାମିଲ ହୋଇଥିଲେ । ଚଢ଼ଉ ସମୟରେ ଉକ୍ତ ଗ୍ୟାସ୍ ଏଜେନ୍ସିରେ ବ୍ୟାପକ ଅନିୟମତିତା ଧରାପଡ଼ିଥିବା ଭିଜିଲାନ୍ସର ଜନୈକ ଅଧିକାରୀ ସୂଚନା ଦେଇଛନ୍ତି । ରାଜ୍ୟର ଅଧିକାଂଶ ପେଟ୍ରୋଲ ପମ୍ପ ଏବଂ ଗ୍ୟାସ୍ ବିତରଣକାରୀ ସଂସ୍ଥାଗୁଡ଼ିକରେ କମ୍ ତେଲ ଦେବା, ଜାଲ୍ ଉପଭୋକ୍ତାଙ୍କ ନାମରେ ଗ୍ୟାସ ଚୋରା ବ୍ୟବସାୟ ସହିତ ଟାଙ୍କିରେ ତେଲ ଅପମିଶ୍ରଣ ହେଉଥିବା ଅଭିଯୋଗକ୍ରମେ ଭିଜିଲାନ୍ସ ପକ୍ଷରୁ ରାଜ୍ୟର ୧୭ଟି ତେଲଟାଙ୍କି ଓ ଗୋଟିଏ ଗ୍ୟାସ ବିତରଣକାରୀ ସଂସ୍ଥା ଉପରେ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ଏକାଧିକ ଗ୍ୟାସ୍ ବିତରଣକାରୀ ସଂସ୍ଥାରେ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା । ତାଳଚେରସ୍ଥିତ ପ୍ରଧାନ ଗ୍ୟାସ୍ ଏଜେନ୍ସି ଉପଭୋକ୍ତାଙ୍କୁ ଗ୍ୟାସ୍‌ବିତରଣରେ ବ୍ୟାପକ ଅନିୟମିତତା କରାଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିବା ପରେ ଭିଜିଲାନ୍ସ କଟକ ଡିଭିଜନ ପକ୍ଷରୁ ପ୍ରଧାନ ଗ୍ୟାସ ଏଜେନ୍ସିର ସ୍ୱତ୍ୱାଧିକାରୀ ସୌମେନ୍ଦ୍ରଙ୍କ ସମେତ ୪ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି । ଏହି ସଂସ୍ଥା ସହିତ ଆଉ କେତେକ ସଂସ୍ଥାରେ ମଧ୍ୟ ଅନିୟମିତତା ହୋଇଥିବା ପ୍ରାଥମତିକ ତଦନ୍ତରୁ ଜଣାପଡ଼ିଛି । ଖୁବ୍‌ଶୀଘ୍ର ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ନିର୍ଦ୍ଦେଶକ ଡା. ରାଜେନ୍ଦ୍ର ଶର୍ମା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଡା. ଶର୍ମାଙ୍କ ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ପେଟ୍ରୋଲ ପମ୍ପ୍ ଓ ଗ୍ୟାସ ଏଜେନ୍ସିଗୁଡ଼ିକ



ଉପଭୋକ୍ତାଙ୍କୁ ମାପ ଓ ଓଜନରେ ଠକୁଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା । ଏହି ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ପକ୍ଷରୁ ୨୦୧୬ ଡିସେମ୍ବର ୩୧ ତାରିଖରେ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାରେ ଥିବା ପେଟ୍ରୋଲ ପମ୍ପ୍ ଓ ଗ୍ୟାସ ଏଜେନ୍ସି ଉପରେ ଚଢଉ କରାଯାଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଜାନୁଆରୀ ୧୪ ତାରିଖରେ କୋରାପୁଟ, ନବରଙ୍ଗପୁର, ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର, ବାଲେଶ୍ୱର, ସମ୍ବଲପୁର, ବରଗଡ଼, ଅନୁଗୋଳ ଓ କଟକର ବିଭିନ୍ନ ପେଟ୍ରୋଲ ପମ୍ପ ଓ ଗ୍ୟାସ ବିତରଣକାରୀ ସଂସ୍ଥା ଉପରେ ଏକ ସଙ୍ଗରେ ଚଢଉ କରାଯାଇଥିଲା । ଚଢଉ ବେଳେ ଅନୁଗୋଳରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ବିକ୍ରି କରାଯାଇଥିବା କାଗଜପତ୍ର ଅନୁଧ୍ୟାନରୁ ଜଣାପଡ଼ିଥିଲା । ଜାଲ କାଗଜପତ୍ରରେ ୪୦ଟି ସିଲିଣ୍ଡର ବିଭିନ୍ନ ବ୍ୟକ୍ତିଙ୍କୁ ଦିଆଯିବା ସହ ଏଜେନ୍ସି ପରିସରରୁ ଗ୍ୟାସ୍ ଫିଲିଙ୍ଗ ସାମଗ୍ରୀ ଜବତ ହୋଇଛି । ତଦନ୍ତରୁ ପ୍ରଧାନ ଗ୍ୟାସ ଏଜେନ୍ସିରେ ଅନିୟମିତତା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିବା ପରେ କଟକ ଭିଜିଲାନ୍ସ ଡିଭିଜନ ପକ୍ଷରୁ ଗତକାଲି ପ୍ରଧାନ ଗ୍ୟାସ୍ ଏଜେନ୍ସିର ସ୍ୱତ୍ୱାଧିକାରୀ ଶ୍ରୀ ପ୍ରଧାନ, ପରିଚାଳକ ରଶ୍ମିକାନ୍ତ ମହାପାତ୍ର, ଗୋ-ଡାଉନ ଇନଚାର୍ଜ ନିଲୁ ସାହୁ ଓ ଦେବରାଜ ପଣ୍ଡାଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି । ଏ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଆଇନର ଉର୍ଦ୍ଧ୍ୱରେ କେହି ନୁହନ୍ତି । ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ।

# ଓଡ଼ିଆ ଭାଷାରେ ଅନ୍‌ଲାଇନ୍ ସେବା

ସାଧାରଣ ଲୋକଙ୍କ ସୁବିଧା ପାଇଁ ରାଜ୍ୟ ସରକାର ଅନଲାଇନ ମାଧ୍ୟମରେ ସାଧାରଣ ସେବା ଯୋଗାଣ ନିମନ୍ତେ ଏବେ ରାଜ୍ୟ ସରକାର କମନ୍ ଆପ୍ଲିକେସନ ପୋର୍ଟାଲ (କ୍ୟାପ୍)କାଯ୍ୟକାରୀ କରିଛନ୍ତି । ବର୍ତ୍ତମାନ ଏହା ଏବେ ଇଂରାଜିରେ ଚାଲିଛି । ଏହି ପୋର୍ଟାଲକୁ ଓଡିଆ ଭାଷାରେ କରାଯିବ ବୋଲି ନିଷ୍ପତି ନିଆଯାଇଛି । ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସରକାରୀ ଉଦ୍ୟମରେ ଆଧୁନିକୀକରଣ କେନ୍ଦ୍ର (ସିଏମ୍‌ଜିଆଇ) ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଇଂରାଜୀରୁ ଓଡିଆ ଭାଷାକୁ ରୂପାନ୍ତର କଲାବେଳେ ସହଜ ଓ ସରଳ ଶବ୍ଦ ବ୍ୟବହାର ନିମନ୍ତେ ଶ୍ରୀ ପାଢୀ ନିର୍ଦ୍ଦେଶ ଦେଇଥିଲେ । ବର୍ତ୍ତମାନ ପାଞ୍ଚଟି ବିଭାଗର



୧୮ଟି ସେବାକୁ କ୍ୟାପ ମାଧ୍ୟମରେ ଅନଲାଇନ୍ କରାଯାଇଛି । ଅଧିକ ସଂଖ୍ୟାରେ ସାଧାରଣ ସେବାକୁ ଏହି ବ୍ୟବସ୍ଥା ମାଧ୍ୟମରେ ଅନଲାଇନ୍ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଆଗାମୀ ଦିନରେ ୩୨୪ଟି ସାଧାରଣ ସେବାକୁ ଏହି ବ୍ୟବସ୍ଥାରେ ମିଶାଇବା ସହ ସାଧାରଣ ସେବା କେନ୍ଦ୍ରଗୁଡିକୁ ମଧ୍ୟ ସଂଯୋଜିତ କରାଯିବ । ୧୦ ଟଙ୍କା ପ୍ରତିବଦଳରେ ଏହି କେନ୍ଦ୍ର ମାଧ୍ୟମରେ ଜନସାଧାରଣ ନିର୍ଦ୍ଧାରିତ ସେବାମାନ ପାଇପାରିବେ । ମାନବ ସମ୍ବଳ ପରିଚାଳନା ସଫ୍ଟଓ୍ୱେର(ଏଚ୍ଆରଏମଏସ)ପ୍ରୟୋଗରେ ଓଡିଶା ଜାତୀୟ ସ୍ତରରେ ଏକ ଅଗ୍ରଣୀ ରାଜ୍ୟ ଭାବେ କାର୍ଯ୍ୟ କରୁଛି । ୩.୨୪.୦୦୦ ନିୟମିତ କର୍ମଚାରୀଙ୍କ ତଥ୍ୟ ବର୍ତ୍ତମାନ ସୁଦ୍ଧା ଏଥିରେ ରହିଛି । ସେହି କର୍ମଚାରୀଙ୍କ ଦରମା ଓ ପ୍ରାପ୍ୟ ହିସାବ ଏହା ମାଧ୍ୟମରେ କରାଯାଉଛି । ଏନ୍‌ଆର୍‌ଏମ୍‌ଏସ୍‌କୁ ମକଦ୍ଦମା ପରିଚାଳନା ସଫ୍ଟଓ୍ୱେର ସହ ସଂପୃକ୍ତ କରାଯାଉଛି । ଏହା ଦ୍ୱାରା ବିଭିନ୍ନ ବିଭାଗ ହାଇକୋର୍ଟ ଓ ଟ୍ରିବ୍ୟୁନାଲ୍‌ରେ ଚାଲିଥିବା ମୋକଦ୍ଦମା ପରିଚାଳନା ହେବ । ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ଅନୁସାରେ ବିଭିନ୍ନ କୋର୍ଟ ରାୟକୁ ଯଥାସମ୍ଭବ ତୁରନ୍ତ ଅପଲୋଡ୍ କରିବାକୁ ୨୦୧୬-୧୭ ଆର୍ଥିକ ବର୍ଷରେ ସିଏମ୍‌ଜିଆଇର ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପ ନିମନ୍ତେ ୮.୫୦ କୋଟି ଟଙ୍କା ବ୍ୟୟ ଆକଳନକୁ ଅନୁମୋଦନ କରାଯାଇଥିଲା । ବୈଠକରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ତୁହିନକାନ୍ତ ପାଣ୍ଡେ, ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବ ମୋନା ଶର୍ମା ,ସାଧାରଣ ପ୍ରଶାସକ ବିଭାଗର ସତନ୍ତ୍ର ଶାସନ ସଚିବ ଆର ଏସ୍ ଗୋପାଳନ, ଯୋଜନା ଓ ସଂଯୋଜକ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ କି ବି ରେଡ୍ଡି ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରୁଦ୍ରନାରାୟଣ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଖଣ୍ଡଗିରି ମେଳା : ବେଆଇନ ଦୋକାନ ହଟିବ

**ଭୁବନେଶ୍ୱର :** ଆସନ୍ତା ଫେବୃଆରୀ ୩ ତାରିଖରୁ ଖଣ୍ଡଗିରି ପାହାଡ଼ଦେଶରେ ଅନୁଷ୍ଠିତ ହେବ ପ୍ରସିଦ୍ଧ ମାଘମେଳା । ଖଣ୍ଡଗିରି ମେଳା ଭାବେ ଜଣାଶୁଣା ଏହି ଉତ୍ସବରେ ବହୁସଂଖ୍ୟକ ସାଧୁସନ୍ଥଙ୍କ ସମେତ ଲକ୍ଷାଧିକ ଲୋକଙ୍କ ସମାଗମ ହେବ । ତେଣୁ ଏହା କିପରି ସୁରୁଖୁରୁରେ ସମ୍ପାଦନ ହେବ ସେ ନେଇ ବିଏମ୍‌ସିରେ ଏକ ବୈଠକ ଅନୁଷ୍ଠିତ ହୋଇ ଗତବର୍ଷର ସମସ୍ୟା ଓ ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ବେଆଇନ ନିର୍ମାଣ ଉଚ୍ଛେଦ ଅଭିଯାନକୁ ଜୋର୍‌ଦାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଏଥିସହ ଆସନ୍ତା ଖଣ୍ଡଗିରି ମେଳାରେ ବେଆଇନ୍ ଗ୍ୟାସ୍ ସିଲିଣ୍ଡର ବ୍ୟବହାର ଉପରେ ମଧ୍ୟ ଅଙ୍କୁଶ ଜାରି କରାଯିବ । ଅପରପକ୍ଷେ ମେଳାରେ ଆଗନ୍ତୁକଙ୍କ ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ମାଘ ସପ୍ତମୀଠାରୁ ଆରମ୍ଭ ହେଉଥିବା ମାଘମେଘା ୯ ତାରିଖ ପର୍ଯ୍ୟନ୍ତ ଚାଲିବ । କିନ୍ତୁ ଯାତ୍ରା ଏବଂ ଦୋକାନ ବଜାର ୨୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ତେଣୁ ୧୯ଦିନ ପର୍ଯ୍ୟନ୍ତ ଲକ୍ଷାଧିକ ଲୋକଙ୍କ ସମାଗମକୁ ଦେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଏମ୍‌ସିର ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଛି । ମେୟର ଅନନ୍ତନାରାୟଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବେଆଇନ ଦୋକାନ ବଜାର ଉପରେ



ଲଗାମ୍ କଷିବାକୁ ନିଷ୍ପତ୍ତି ହୋଇଛି । ପ୍ରତିବର୍ଷ ଖଣ୍ଡଗିରି ମେଳାରେ ବିଏମ୍‌ସି ପିଣ୍ଡି ସମେତ ଶତାଧିକ ସଂଖ୍ୟାରେ ଉଠାଦୋକାନୀ, ଫାଷ୍ଟଫୁଡ଼, ଷ୍ଟେସ୍‌ନାରୀ ଦୋକାନ ବସିଥାଏ । ଏବେ କିନ୍ତୁ ଖଣ୍ଡଗିରି ପାଦଦେଶରେ ବହୁସଂଖ୍ୟକ ବେଆଇନ ଦୋକାନ ରହିଛି । ଏପରିସ୍ଥଳେ ମେଳା ସମୟରେ ଟ୍ରାଫିକ୍ ପରିଚାଳନାକୁ ନେଇ ଗୁରୁତର ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ଖଣ୍ଡଗିରି ପାହାଡ଼ଠାରୁ ନେଇ ଜୟଦେବବାଟିକା ମଧ୍ୟରେ ଥିବା ଶତାଧିକ ବେଆଇନ ଦୋକାନ ଏବଂ ଅନ୍ୟ ନିର୍ମାଣକୁ ଉଚ୍ଛେଦ କରାଯିବ । ବିଏମ୍‌ସି ଓ ବିଡିଏକୁ ନେଇ ଗଠିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଉଚ୍ଛେଦ ଅଭିଯାନ ଆରମ୍ଭ କରିବ । ଏ ନେଇ ପୂର୍ବରୁ ବ୍ୟବସାୟୀଙ୍କୁ ଡାକବାଜି ଯନ୍ତ୍ର ସହାୟତାରେ ସୂଚନା ଦିଆଯିବା ସହିତ କୌଣସି ପରିସ୍ଥିତିରେ ବି କୋହଳ ମନୋଭାବ ପୋଷଣ କରାଯିବନି ନାହିଁ ବୋଲି ମେୟର କହିଥିଲେ । ସେହିପରି ଗତବର୍ଷ କେବଳ ଅପେରା ପେଣ୍ଡାଲ ନିକଟରେ ସିସିଟିଭି ଲାଗିଥିବାବେଳେ ଚଳିତ ବର୍ଷ ଶାନ୍ତିଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ୍ ସୁପରିଚାଳନା ଲାଗି ଯିବାଆସିବା ଏବଂ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ସିସିଟିଭି ଲଗାଯିବା ସହ ଭିଡ଼ ପରିଲକ୍ଷିତ ହେଉଥିବା ସ୍ଥାନରେ ବାରିକେଡ୍ ବ୍ୟବସ୍ଥା କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି ।

## ମନ୍ତବ୍ୟ ବିବାଦୀୟ ନହେଉ

ଗଣତନ୍ତ୍ରର ସୁରକ୍ଷା ବ୍ୟବସ୍ଥା ଯେଉଁ ରାଜନେତାଙ୍କ ଉପରେ ନ୍ୟସ୍ତ, ସେମାନେ ଯେବେ ବୁଝି ବିଚାରି କଥା ନକହିବେ, ତାହାର ଭବିଷ୍ୟତ ପରିଣାମ ପାଇଁ ନିଶ୍ଚୟ ଦାୟୀ ରହିବେ। କାରଣ ଦେଶ ହେଉ କି ରାଜ୍ୟ, ସବୁଠି ସାଧାରଣଲୋକେ ନେତା, ମନ୍ତ୍ରୀ ଓ ସାଂସଦଙ୍କଠାରୁ ଉଚିତ ପରାମର୍ଶ ଓ ଗଠନମୂଳକ କଥା ଆଶା କରିଥାନ୍ତି। ଯେଉଁଥିରେ ସାଧାରଣଲୋକଙ୍କ ବିକାଶ ସହ ରାଜ୍ୟ ବା ଦେଶର ଉନ୍ନତି ସାଧିତ ହୋଇଥାଏ। ତେଣୁ ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ରହିବା ହେଉଛି ଅପରିପକ୍ୱ ନେତାଙ୍କ ହୀନଆଦର୍ଶ। ସରକାରୀ ଦଳ ହୁଅନ୍ତୁ ବା ବିରୋଧୀ ନେତାମାନେ ଯେତେବେଳେ ତୁଣ୍ଡରେ ତୁଣ୍ଡି ନଦେଇ ଅନଗଳ ଅଯଥା ଭାଷଣ ଦେଇଥାନ୍ତି, ତା'ର କୁପ୍ରଭାବ ଦଳ ତଥା ଶାସନ ଉପରେ ପଡ଼ିଥାଏ। ସ୍ୱକୀୟ ଢ଼ଙ୍ଗରେ କଥା କହିବାର ମଜା ନିଆରା ହୋଇଥିଲେ ବି ରାଜ୍ୟର ପ୍ରଗତି ପାଇଁ କଥା କହିବା ବେଳେ ତାହା ମାର୍ଜିତ ଓ ତଥ୍ୟ ଭିତ୍ତିକ ହେବା ଦରକାର। ନଚେତ ଶସ୍ତା ଲୋକପ୍ରିୟତା ବଢ଼ିବ ସିନା ରାଜନୈତିକ ପୃଷ୍ଠଭୂମିରେ ଏହା ଲଜ୍ଜାଜନକ ଘଟଣା ହୋଇରହିବ। ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଏବେ ଚର୍ଚ୍ଚାକୁ ଆସିଛନ୍ତି ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ। ଶ୍ରୀ ପାଙ୍ଗୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ କୋରାପୁଟଠାରେ ଏକ ବିବାଦୀୟ ମନ୍ତବ୍ୟରେ କହିଛନ୍ତି, ଯେଉଁ ସରକାର ମଦ ବନ୍ଦ କରିବ ସେ ନିର୍ବାଚନ ହାରିବ। ଏହି କଥାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୂର୍ବତନ ସାଂସଦଙ୍କ ଏଭଳି ମନ୍ତବ୍ୟରୁ ଫାଇଦା ଉଠାଇବାକୁ ଚେଷ୍ଟା କରିଛନ୍ତି ବିରୋଧୀ ଦଳଗୁଡ଼ିକ। ଶ୍ରୀ ପାଙ୍ଗୀ ହୁଏତ ନିଜର ସ୍ୱଭାବ ସୁଲଭ ଢଙ୍ଗରେ କହିଛନ୍ତି ଯେ ଆମର ତ ମଲେ ମଦ, ବାହାଘରରେ ମଦ, ଏକୋଇଶିଆରେ ମଦ, ଦୁଃଖେ ମଦ ଓ ସୁଖେ ମଦ। ଶ୍ମଶାନରେ ବି ମଦ। ହୁଏତ ଶ୍ରୀ ପାଙ୍ଗୀ ଏହାକୁ ମନୋରଞ୍ଜନ ଢଙ୍ଗରେ କହିଥାଇପାରନ୍ତି। କିନ୍ତୁ ଏହାର ସୁଦୂରପ୍ରସାରୀ ପ୍ରଭାବ ଢେର ଅଧିକ। କାରଣ ମଦ ବନ୍ଦ ପାଇଁ ଆନ୍ଦୋଳନ ତେଜୁଥିବା ବେଳେ ପୂର୍ବତନ ସାଂସଦଙ୍କ ମଦ ସପକ୍ଷ ମନ୍ତବ୍ୟ ନିଶ୍ଚୟ ହାସ୍ୟାସ୍ପଦ। ମଦ ପାଇଁ ଏବେ ଦେଶ ତଥା ରାଜ୍ୟର ଯୁବପିଢ଼ି ଅବସାଦ ମଧ୍ୟରେ ଜୀବନଯାପନ କରୁଛନ୍ତି। ମଦରାକ୍ଷସ କବଳରେ କବଳିତ ହେବାକୁ ଯାଉଛି ଆମ ରାଜ୍ୟ। ବିହାର ଭଳି ରାଜ୍ୟରେ ମଦ ବନ୍ଦ ପାଇଁ ମାନବଶୃଙ୍ଖଳର ପ୍ରସ୍ତୁତି ଚାଲିଥିବା ବେଳେ ଆମ ରାଜ୍ୟରେ ନେତା ଯେବେ ମଦ ନହେଲେ ନିର୍ବାଚନ ଜିତିବା ସମ୍ଭବ ନୁହେଁ ବୋଲି କହିବେ ଏହା ଗଣତନ୍ତ୍ରର ସୁରକ୍ଷା ନା ବିନାଶ ପାଇଁ କାର୍ଯ୍ୟଧାରା ତାହା ବୁଦ୍ଧିଜୀବୀମାନେ ବିଚାର କରିବେ। ନିଜ କଥା ବା ଯୁକ୍ତିକୁ ବଳିଷ୍ଠ ଦର୍ଶାଇବାକୁ ଯାଇ ସେ ମଧ୍ୟ ପ୍ରବାଦପୁରୁଷ ବିଜୁବାବୁଙ୍କ ନାମ ସହ ଜୟଲଳିତା ଓ ଏନ୍.ଟି. ରାଓଙ୍କ ଭଳି କିଛି ସର୍ବୋଚ୍ଚ ନେତାଙ୍କ ନିର୍ବାଚନ ହାରିବା ପଛରେ ମଦ ବନ୍ଦ ଏକ ବଳିଷ୍ଠ କାରଣ ବୋଲି ଦର୍ଶାଇବାକୁ ଭୁଲିନାହାନ୍ତି। ଆହୁରି ମଧ୍ୟ କହିଛନ୍ତି, ଯେତେବେଳେ ଯେଉଁ ସରକାର ରାଜ୍ୟରେ ମଦ ବନ୍ଦ କରିଛନ୍ତି, ସେମାନେ ନିର୍ବାଚନ ହାରି ଯାଇଛନ୍ତି। ତେବେ ଏ ପ୍ରସଙ୍ଗରେ ଆଲୋଚନା କରିବାର ଆବଶ୍ୟକତା ରହିଛି। କାରଣ ମଦ ଆମ ସାଂସ୍କୃତିକ ଅଭ୍ୟୁଦୟର ମାପକାଠି ନୁହେଁ। ଏହା ସମାଜକୁ ବା ସଭ୍ୟତାକୁ ଅଗ୍ରସର କରିନଥାଏ। ପରମ୍ପରା ବା ଅପରିଣାମଦର୍ଶୀ ଭାବେ ଆମେ ଏହାର ଅନୁସରଣ କରିବା ଦ୍ୱାରା ସାଧାରଣଲୋକେ ଏହାଦ୍ୱାରା କେତେ ପରିମାଣର ବା କେତେମାତ୍ରାରେ କ୍ଷତିଗ୍ରସ୍ତ ହେଉଛନ୍ତି, ତାହା ଆକଳନ ହେବା ଉଚିତ୍। ଏକ ବିକଶିତ ଦେଶ ବା ରାଜ୍ୟ ଯେ ମଦ ଭରସାରେ ପ୍ରଗତିର ରଥ ଚଢ଼ିଛି, ତାହା ସର୍ବାଦୌ ଗ୍ରହଣୀୟ ନୁହେଁ। ସାମାଜିକ ବିଧିବ୍ୟବସ୍ଥା ରକ୍ଷା ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ସର୍ବୋପରି ଆମର ଚଳଣିରେ ଏହାର କୁପ୍ରଭାବ ଯେ କେତେ, ସେ ସମ୍ପର୍କରେ ଅନୁଧ୍ୟାନ ନକଲେ ଏହାର କୁପ୍ରଭାବ ସମାଜକୁ ଏକ ବଡ଼ବ୍ୟାଧି ପରି ସମାଜକୁ ଆକ୍ରାନ୍ତ କରିବ। ତେଣୁ ନେତୃତ୍ୱ ନେଉଥିବା ପ୍ରତ୍ୟେକ ବ୍ୟକ୍ତି ବୁଦ୍ଧି, ବିବେକ ଓ ଜ୍ଞାନ ପ୍ରୟୋଗ କରି ସଂସ୍କାର ଓ ସମାଜର ବାର୍ତ୍ତା ଦେବା ଆବଶ୍ୟକ। ଅଯଥା ବିବାଦୀୟ ମନ୍ତବ୍ୟ ଦେଇ ଲୋକଙ୍କ ଦୃଷ୍ଟିରେ ବଡ଼ ହେବାର ମାନେ କିଛି ନଥାଏ। ତେଣୁ ଜନହିତକୁ ପରଖି ମନ୍ତବ୍ୟ ଦେଲେ ଏହା ଜନପ୍ରିୟ ହେବ।

# କଳାଟଙ୍କା, ରଙ୍ଗ ତା'ର ଗୋଲାପି ଗୋଲାପି



କେଦାର ମିଶ୍ର

ଗତବର୍ଷ ନଭେମ୍ବର ୮ ତାରିଖ ସନ୍ଧ୍ୟା ୮ଟାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତି ଉଦ୍ଦେଶ୍ୟରେ ଭାଷଣ ଦେଇ ଘୋଷଣା କଲେ ଯେ, ଦେଶରେ ଥିବା ସବୁ ୫୦୦ ଓ ୧୦୦୦ଟଙ୍କିଆ ନୋଟ୍ ଏବେ କେବଳ ସାଧାରଣ କାଗଜ ଟୁକୁଡ଼ା ମାତ୍ର। ଡିସେମ୍ବର ୩୦ ଭିତରେ ପୁରୁଣା ନୋଟ୍‌କୁ ବଦଳାଇ ନୂଆ ନୋଟ୍ ନେଇ ଆସିବାକୁ ପ୍ରଧାନମନ୍ତ୍ରୀ ଘୋଷଣା କଲେ। ପ୍ରଧାନମନ୍ତ୍ରୀ ଭାଷଣ ସାରିବା ବେଳକୁ ସାରା ଦେଶରେ ଗୋଟିଏ ଉତ୍ସାହୀ ଢେଉ ଖେଳିଗଲା। ଲୋକ ଭାବିଲେ, କଳାଧନର ଯୁଗ ଶେଷ। କଳାଟଙ୍କା ରଖିଥିବା କୁବେରମାନେ ଏବେ ଦାଣ୍ଡର ଭିକାରୀ ହୋଇଯିବେ। ଲୋକଙ୍କ ଧାରଣା ମୁତାବକ ଏବେ ବି କଳାଟଙ୍କା ଥାକ ମରା ହୋଇ ବିଭିନ୍ନ ରାଜନେତା ଓ ଶିଳ୍ପପତିଙ୍କ ଅମାରରେ ଥୁଆ ହୋଇଛି। ସେମାନେ ରାତାରାତି ଭିକାରୀ ହୋଇଯିବାର ସ୍ୱପ୍ନରେ ସାଧାରଣ ଭାରତୀୟମାନେ ବେଶ୍ ଆନନ୍ଦ ଉତ୍ସବ ପାଳନ କଲେ। ତେବେ ଦୁଇଦିନ ବ୍ୟାଙ୍କ ବନ୍ଦ ହେଲା ପରେ ୧୦ତାରିଖ ଯେତେବେଳେ ଏଟିଏମ୍ କାମ କଲା ନାହିଁ ଓ ବ୍ୟାଙ୍କ୍ ଆଗରେ ଘଣ୍ଟା ଘଣ୍ଟାର ଲମ୍ବା ଧାଡ଼ି ଲାଗି ରହିଲା, ସେଠି ଲୋକଙ୍କ ମନରେ ପ୍ରଶ୍ନ ଉଠିଲା, ବାସ୍ତବରେ କଳାଟଙ୍କାର ଅଧିକାରୀ କିଏ? ଅତି ଗୋପନତାର ସହିତ କଳାଟଙ୍କା ବିରୋଧରେ ଏହା ଏକ ବଡ଼ ଅପରେସନ୍ ବୋଲି ଯେଉଁମାନେ କହୁଥିଲେ, ସେମାନଙ୍କ ଦାବି ପଛରେ କ'ଣ ସବୁ ଯୁକ୍ତି ଅଛି ଓ ଏହି ଉଦ୍ୟମ ଫଳରେ ବାସ୍ତବରେ ଦେଶରୁ କଳାଟଙ୍କା ସମୂଳେ ନିପାତ ହେବ କି-ସେ ପ୍ରସଙ୍ଗରେ ଯୁକ୍ତିନିଷ୍ଠ ଆଲୋଚନା କରିବା ନିହାତି ଜରୁରୀ।

ପ୍ରଥମେ ଏହାକୁ କୁହାଗଲା ଯେ ଏହା ଏକ ଅତ୍ୟନ୍ତ ଗୋପନ ଅପରେସନ୍ ଓ ଏ ସମ୍ପର୍କରେ ଦେଶର ମାତ୍ର ୬ଜଣ ଲୋକ ଅବଗତ ଥିଲେ। ଅର୍ଥାତ୍ ଯେଉଁମାନଙ୍କ ପାଖରେ କଳାଟଙ୍କା ଗଚ୍ଛିତ ରହିଛି, ସେମାନେ ଏହାର କୌଣସି ଟେର୍ ପାଇନଥିଲେ। ଏହି ଯୁକ୍ତିଟି ସବୁଠୁ ହାସ୍ୟାସ୍ପଦ। ୮ ଏପ୍ରିଲ୍ ୨୦୧୬ଦିନ ଦେଶର ସର୍ବାଧିକ ପ୍ରସାରିତ ଅର୍ଥନୈତିକ ଖବରକାଗଜ 'ଦ ଇକୋନମିକ୍ ଟାଇମ୍ସ'ରେ ମୟୂର ସେଚ୍ଛି ଏକ ରିପୋର୍ଟ ପ୍ରକାଶ କରିଥିଲେ। ଦେଶର ସବୁଠୁ ବଡ଼ ବ୍ୟାଙ୍କ୍ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଅଧକ୍ଷା ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଓ ଏହାର ମୁଖ୍ୟ ଅର୍ଥନୀତିଜ୍ଞ ସୌମ୍ୟକାନ୍ତି ଘୋଷଙ୍କ ବକ୍ତବ୍ୟକୁ ଉଦ୍ଧାର କରି ଏହି ରିପୋର୍ଟ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲା ଯେ ଆଗାମୀ ଦିନରେ ଦେଶରୁ ୫୦୦ ଓ ୧୦୦୦ଟଙ୍କିଆ ନୋଟ୍ ଉଚ୍ଛେଦ ହେବାକୁ ଯାଉଛି। ବିହାର ନିର୍ବାଚନ ପରେ ଦେଶରେ କଳାଟଙ୍କାର ପ୍ରବାହ ବ୍ୟାପକ ଭାବରେ ବଢ଼ିଯାଇଛି ବୋଲି ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ହୃଦ୍‌ବୋଧ କରୁଥିଲା। ଏହା ଉପରେ ଅଙ୍କୁଶ ଲଗାଇବାକୁ ସେତେବେଳୁ ଉଦ୍ୟମ ଆରମ୍ଭ ହୋଇଛି। ସେଥିପାଇଁ ଡିମନିଟାଇଜେସନ୍ ବା ବିମୁଦ୍ରିକରଣ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସେଇ ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଥିଲା ଯେ, ୫୦୦ ଏବଂ ୧୦୦୦ଟଙ୍କିଆ ନୋଟ୍ ଅକାମୀ ହେବାର ଆଶଙ୍କାରେ ବଡ଼ ବଡ଼ ବ୍ୟବସାୟୀମାନେ ତାଙ୍କ ଟଙ୍କାକୁ ଅନ୍ୟତ୍ର ଖଟାଇବା ଆରମ୍ଭ କରିଛନ୍ତି। ଅର୍ଥାତ୍ ନୋଟ୍ ବଦଳରେ ସୁନା, ଜମି, ଘର, କ୍ଷେତ ଓ ଅନ୍ୟାନ୍ୟ ଅର୍ଥକରୀ ସାମଗ୍ରୀରେ ଧନ ବିନିଯୋଗ କରାଯାଇଛି। ଏପ୍ରିଲ୍‌ରୁ ଅକ୍ଟୋବର ମାସ ଭିତରେ ଦେଶର ପ୍ରମୁଖ ସମ୍ବାଦପତ୍ରଗୁଡ଼ିକରେ ଏହାକୁ ନେଇ ଖବର ପ୍ରକାଶ ପାଇଛି ଓ ଏହି ସମୟ ଭିତରେ ଦେଶର ବିଭିନ୍ନ ବ୍ୟାଙ୍କ୍‌ରେ ବ୍ୟାପକ ଟଙ୍କା ଜମା ହୋଇଛି। ତେଣୁ ପ୍ରଧାନମନ୍ତ୍ରୀ ମୋଦି ଓ ଅର୍ଥମନ୍ତ୍ରୀ ଜେଟ୍‌ଲୀ ଯେତେ ଏହାକୁ ଗୋପନ ବୋଲି କହିଲେ ମଧ୍ୟ ଏ ସମ୍ପର୍କରେ କଳାବଜାରୀ ଓ ଜମାଖୋର୍‌ଙ୍କ ପାଖରେ ଆଗରୁ ଖବର ପହଞ୍ଚି ସାରିଥିଲା ଓ ସେମାନେ ନିଜ ଟଙ୍କାକୁ ଅନ୍ୟତ୍ର ଖଟାଇ ସାରିଥିଲେ।

ଦ୍ୱିତୀୟ କଥା ହେଉଛି, ଡିମନିଟାଇଜେସନ୍ ଫଳରେ ଦେଶର କଳାଟଙ୍କା ସମୂଳେ ପାଇବ କି! ଏଠି କହି ରଖିବା ଉଚିତ୍ ହେବ ଯେ, ଡିମନିଟାଇଜେସନ୍ ହେଉଛି ଏକ ପାରମ୍ପରିକ ଉପାୟ। ଯେଉଁମାନେ ଅର୍ଥଶାସ୍ତ୍ର ପଢ଼ିଛନ୍ତି, ସେମାନଙ୍କ ପାଇଁ ଏହା ହେଉଛି ବହିରେ ଥିବା ଏକ ସହଜ ବ୍ୟବସ୍ଥା। ବାବା ସାହେବ୍ ଆମ୍ବେଦକରଙ୍କ କଳାଧନ ରୋକିବା ପାଇଁ ପ୍ରତି ଦଶବର୍ଷରେ ଥରେ ପୁରୁଣା ନୋଟ୍‌କୁ ଅଚଳ କରିଦେବା ପାଇଁ ପ୍ରସ୍ତାବ ଦେଇଥିଲେ। ତେବେ ଏହି ପ୍ରକ୍ରିୟାରେ ସବୁବେଳେ ଅଧିକ ମୂଲ୍ୟଥିବା ନୋଟ୍‌କୁ ଗୁରୁତ୍ୱ ଦିଆଯାଇଥାଏ। ପୂର୍ବରୁ ୧୯୪୮ ଓ ୧୯୭୮ରେ ଡିମନିଟାଇଜେସନ୍ କରାଯାଇଥିଲା ଓ ଦେଶରୁ ୫୦୦୦ ଓ ୧୦୦୦୦ଟଙ୍କାର ନୋଟ୍ ପ୍ରତ୍ୟାହାର କରାଯାଇଥିଲା। ଏଥର କିନ୍ତୁ ପରିସ୍ଥିତି ଅଲଗା। ଦେଶର ୫୦୦ ଓ ୧୦୦୦ ଟଙ୍କାର ନୋଟ୍ ପ୍ରତ୍ୟାହାର କଲାବେଳେ ସରକାର ଭାବିବା ଉଚିତ୍ ଥିଲା ଯେ ଏହାର ପରିମାଣ କେତେ ଓ ଏହା ଦ୍ୱାରା କେଉଁମାନେ ପ୍ରଭାବିତ ହେବେ। ଦେଶର ମୋଟ୍ ମୁଦ୍ରା ପ୍ରବାହ ହେଉଛି ୧୭ଲକ୍ଷ କୋଟି ଟଙ୍କା। ସେଥିରୁ ୧୪ ଲକ୍ଷ କୋଟି ଟଙ୍କା କେବଳ ୫୦୦/୧୦୦ଟଙ୍କା ନୋଟ୍ ରହିଥିବାବେଳେ ମାତ୍ର ତିନିଲକ୍ଷ କୋଟି ଟଙ୍କା ୧୦୦ରୁ କମ୍ ମୁଦ୍ରା ହୋଇରହିଛି। ପ୍ରାୟ ୮୭ ପ୍ରତିଶତ ଟଙ୍କା ହେଉଛି ଉଚ୍ଚମାନର। ପ୍ରଧାନମନ୍ତ୍ରୀଙ୍କ ଘୋଷଣା ପରେ ଦେଶର ୮୭% ମୁଦ୍ରା ରାତାରାତି ଅଚଳ ହୋଇଗଲା। ଏହି ନୋଟ୍‌ଗୁଡ଼ିକକୁ ବଦଳାଇବା ପାଇଁ ଯେଉଁପ୍ରକାର ବ୍ୟବସ୍ଥା କରିବା କଥା, ତାହା ସରକାର ଚିନ୍ତା କରିନଥିଲେ।

ପୂର୍ବୋକ୍ତ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ରିପୋର୍ଟର ଅର୍ଥନୀତିଜ୍ଞ ସୌମକାନ୍ତି ଘୋଷ୍ ସ୍ପଷ୍ଟ ଭାବରେ କହିଥିଲେ ଯେ, 'ଯଦି ଅଧିକ ମୂଲ୍ୟର ନୋଟ୍‌କୁ ବଦଳା ଯାଏ, ତା' ହେଲେ ଲୋକେ ଟଙ୍କା ବଦଳରେ ସମ୍ପତ୍ତି ବଢାଇବା ଆରମ୍ଭ କରିବେ।' ଟଙ୍କାକୁ ଖାରଜ କରିବା ପରେ ସାରା ଦେଶରେ ଅରାଜକ ପରିସ୍ଥିତି ସୃଷ୍ଟି ହେବ ବୋଲି ଭବିଷ୍ୟବାଣୀ କରିବା ସହିତ ଶ୍ରୀ ଘୋଷ୍ ପ୍ରସ୍ତାବ ଦେଇଥିଲେ ଯେ, 'ଏ ପ୍ରକାର ଉଦ୍ୟମ ନେବା ପୂର୍ବରୁ ଆବଶ୍ୟକୀୟ ଇଲେକେଟ୍ରୋନିକ୍ସ ଓ ଡିଜିଟାଲ୍ ଭିତ୍ତିଭୂମି ବଢ଼ାଇବାକୁ ପଡିବ।' ଏ ସମ୍ପର୍କରେ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ସହ ଅର୍ଥନୈତିକ ଭାବରେ ଲୋକଙ୍କୁ ସାକ୍ଷର କରିବାକୁ ପଡ଼ିବ। ଲୋକେ ଯେମିତି କଠିନ ପରିସ୍ଥିତିର ସାମ୍ନା ନ କରନ୍ତି, ତାହା ମଧ୍ୟ ଦେଖିବାକୁ ପଡିବ।' ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ବ୍ୟାଙ୍କ୍‌ଗୁଡ଼ିକ ଏ ସମ୍ପର୍କରେ ଅବଗତ ଥିଲେ ଓ ଏହାର ଯଥେଷ୍ଟ ପୂର୍ବରୁ ଭିତ୍ତିଭୂମିର ବିକାଶ ସମ୍ପର୍କରେ ପ୍ରସ୍ତାବ ମଧ୍ୟ ଦେଇସାରିଥିଲେ। ଭିତ୍ତିଭୂମିର ବିକାଶ କହିଲେ, ବ୍ୟାଙ୍କ୍‌ଗୁଡ଼ିକର ପ୍ରସାରଣ, ଆବଶ୍ୟକ ପରିମାଣରେ ନୂଆ ଭୋଟ୍‌ର ମୁଦ୍ରଣ, ଏଟିଏମ୍ ମେସିନ୍‌ଗୁଡ଼ିକୁ ନୂଆ ଟଙ୍କା ପାଇଁ ଯୋଗ୍ୟ କରିବା ଇତ୍ୟାଦି ପଦକ୍ଷେପ ବିଷୟରେ ବ୍ୟାଙ୍କ୍‌ଗୁଡ଼ିକ ପ୍ରସ୍ତାବ ଦେଇଥିଲେ। ତେବେ ଏ ସଂକ୍ରାନ୍ତୀୟ କୌଣସି ପ୍ରସ୍ତୁତି ସରକାର କରିନଥିଲେ।

ନୂଆ ନୋଟ୍‌ଗୁଡ଼ିକୁ ଧାରଣ କରିବାର କ୍ଷମତା ପୁରୁଣା ଏଟିଏମ୍ ମେସିନ୍‌ଗୁଡ଼ିକ ପାଖରେ ନ ଥିବାରୁ ଏଥିପାଇଁ ବହୁତ ସମୟ ଲାଗିଲା। ପ୍ରଧାନମନ୍ତ୍ରୀ ୮ ତାରିଖ ଦିନ ଏହିକଥା ବୁଝିପାରିଲେ ନାହିଁ କାହିଁକି? ଏକ ବୃହତ୍ତର ଜାତୀୟ ସ୍ୱାର୍ଥ ପାଇଁ ଦେଶବାସୀ କଷ୍ଟ ସ୍ୱୀକାର କରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଓ ଶାସକ ଦଳ କହିବାବେଳେ ନିଜ ଅପାରଗତା ଓ ଅପରିଣାମଦର୍ଶିତା ସମ୍ପର୍କରେ ସଚେତନ ହେଉନାହାନ୍ତି କାହିଁକି? କଳାଟଙ୍କା କେବଳ ଲୋକଙ୍କ ପାଖରେ ପୋତାଧନ ହୋଇ ରହିଛି ବୋଲି ଭାବିବା ଏକ ମୂର୍ଖାମୀ। କଳାଟଙ୍କାର ମଧ୍ୟ ଏକ ନିର୍ଦ୍ଦିଷ୍ଟ ପ୍ରବାହ ରହିଛି ଓ ସେହି ପ୍ରବାହ ଅର୍ଥନୀତିକୁ ପ୍ରଭାବିତ କରେ। ଦେଶର ଅଣସଙ୍ଗଠିତ ବ୍ୟବସାୟରେ କଳା ଓ ଧଳାଟଙ୍କାକୁ ବାଛିବା ସବୁଠୁ ଦୁରୂହ ବ୍ୟାପାର। ପରିବହନ, ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ, ଖୁଚୁରା ବଜାର ଇତ୍ୟାଦି କ୍ଷେତ୍ରରେ କଳାଟଙ୍କା ଓ ଧଳା ଟଙ୍କା ମିଶିକରି ଥାନ୍ତି। ଡିମନିଟାଇଜେସନ୍‌ରେ କଳାଟଙ୍କା ସମୂଳେ ଧ୍ୱଂସ ହେବ ବୋଲି ଭାବିବା କେବଳ ଆକାଶ କଇଁଆ ମାତ୍ର। ଏହାଫଳରେ ଦୁର୍ନୀତି ମଧ୍ୟ ବନ୍ଦ ହେବାର କୌଣସି ସମ୍ଭାବନା ନାହିଁ। ଯେଉଁ ଲାଞ୍ଚ କାରବାର ପୁରୁଣା ଟଙ୍କାରେ ଚାଲିଥିଲା, ସେହି ଲାଞ୍ଚ କାରବାର ନୂଆ ଟଙ୍କାରେ ଚାଲିବ। ରାଜନୈତିକ ଦଳଗୁଡ଼ିକ ଯେଉଁ କଳାଟଙ୍କା ନିର୍ବାଚନରେ ବ୍ୟବହାର କରୁଥିଲେ, ତାହା ସେମାନଙ୍କର ନିଜସ୍ୱ ସମ୍ପତ୍ତି ନୁହେଁ। ସେମାନେ ବିଭିନ୍ନ ସଙ୍ଗଠନ, କର୍ପୋରେଟ୍ ଓ ବ୍ୟବସାୟୀଙ୍କଠାରୁ ଆଣୁଥିଲେ ଓ ଏବେ ତାକୁ ନୂଆ ଟଙ୍କାରେ ବ୍ୟବହାର କରିବେ। ବରଂ ୨୦୦୦ ଟଙ୍କିଆର ପ୍ରଚଳନ ଫଳରେ ଏବେ କଳାଟଙ୍କାର ଅବସ୍ଥିତି ଆହୁରି ସହଜ ହୋଇଯିବ। ବଜାରରେ ଯେତେ ଅଧିକ ମୂଲ୍ୟର ନୋଟ୍ ଉପଲବ୍ଧ ହେବ, ସେତେ ଅଧିକ କଳାଟଙ୍କା ନିଜର ପ୍ରଭାବ ବିସ୍ତାର କରିବ। ଆଜି ଯାହା କଳାଟଙ୍କା ଉପରେ ସର୍ଜିକାଲ୍ ଷ୍ଟ୍ରାଇକ୍ ବୋଲି କୁହାଯାଉଛି, ତାହା ବାସ୍ତବରେ କଳାଟଙ୍କାର ବିଶୋଧନ ଓ ନବନିର୍ମାଣ।

ସବୁଠୁ ମଜା କଥା ହେଉଛି ପ୍ରଧାନମନ୍ତ୍ରୀ ଏହାକୁ ଦେଶ ନିର୍ମାଣ ଓ ଦୁର୍ନୀତି ବିରୋଧରେ ସବୁଠୁ ବଡ଼ ପଦକ୍ଷେପ କହୁଥିବାବେଳେ ସବୁଠୁ ଅଧିକ ଦୁର୍ନୀତିଗ୍ରସ୍ତ ଓ କଳାଟଙ୍କାର ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ତାଳିମାରି ଅଭିନନ୍ଦନ ଜଣାଇ ଚାଲିଛନ୍ତି। ଏହାକୁ ଆମେ ବୁଝିବା ନିହାତି ଜରୁରୀ। ସରକାରଙ୍କ ଡିମନିଟାଇଜେସନ୍‌ର ପ୍ରଭାବ ଏ ଦେଶର ଖୁଚୁରା ବେପାରୀ ଓ ମଧ୍ୟବିତ୍ତଙ୍କ ଉପରେ ସବୁଠୁ ଅଧିକ ପଡ଼ିବ। ହୁଏତ ଏହା ଫଳରେ ସରକାରଙ୍କ ପାଖକୁ ଟିକେ ଅଧିକ ଟିକସ ଆସିପାରେ। ଯେଉଁ ଠେଲାବାଲା ବା ଉଠାଦୋକାନୀ ଆୟକର ଦେଉନଥିଲା, ସେ ହୁଏତ ଏହାଫଳରେ ବାଧ୍ୟ ହୋଇ ଆୟକର ଦେବ। କିନ୍ତୁ ଏହା ବଡ଼ ବଡ଼ କଳାଟଙ୍କାର ଅଧିକାରୀ କର୍ପୋରେଟ୍‌ଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିବ ନାହିଁ। ଯେଉଁ ବଡ଼ ବଡ଼ ବ୍ୟବସାୟୀଙ୍କ ପାଖରେ କଳାଧନ ରହିଛି, ସେମାନେ ବହୁ ଆଗରୁ ବିଭିନ୍ନ ସମ୍ପ[illegible]ରେ ରୂପାନ୍ତରିତ କରି ସାରିଛନ୍ତି। ବାକି ଯାହା କିଛି ବଳକା ରହିଯାଇଛି, ତାକୁ ଘରୋଇ ବ୍ୟାଙ୍କ୍ ସମବାୟ ବ୍ୟାଙ୍କ ଓ ଛୋଟ ଛୋଟ ମାଧ୍ୟମ ଦେଇ ଅତି ସହଜରେ ବଦଳାଇ ଦେଇ ହେବ। ଉତ୍ତରପ୍ରଦେଶ ଓ ପଞ୍ଜାବ ନିର୍ବାଚନ ପୂର୍ବରୁ ଏହାକୁ ରାଜନୈତିକ ସଂସ୍କାରର ଏକ ଦିଗ ବୋଲି ଯେଉଁମାନେ ଭାବୁଛନ୍ତି, ସେମାନେ ଦେଶର ରାଜନୈତିକ ଦଳମାନଙ୍କର କାର୍ଯ୍ୟଶୈଳୀ ବିଷୟରେ ବିଶେଷ କିଛି ଜାଣନ୍ତି ନାହିଁ। କୌଣସି ରାଜନୈତିକ ଦଳ ବା ନେତା ନିଜ ପାଖରେ ମୋଟା ଅଙ୍କର ଟଙ୍କା ଜମା କରି ରଖନ୍ତି ନାହିଁ। ବିଭିନ୍ନ ଜାଲ୍ କମ୍ପାନୀ ଓ ବେନାମୀ ମାଲିକାନାରେ ଏହି ସବୁ ଟଙ୍କାକୁ ବିନିଯୋଗ କରାଯାଇଥାଏ। ଦେଶରେ କୋଟିଏରୁ ଅଧିକ ଏମିତି ଜାଲ୍ କମ୍ପାନୀ ରହିଛନ୍ତି। ସେହିମାନଙ୍କ ମାଧ୍ୟମରେ କଳାଟଙ୍କାକୁ ସହଜରେ ଧଳା କରାଯାଇପାରେ। ଆହୁରି ମଧ୍ୟ ଗତ ଦୁଇବର୍ଷ ଭିତରେ ଦେଶରୁ ପ୍ରଭୁତ ପରିମାଣରେ ଟଙ୍କା ବିଦେଶକୁ ଚାଲିଯାଇଛି। ସରକାରୀ ଓ ବେସରକାରୀ ବ୍ୟାଙ୍କ୍ ମାଧ୍ୟମରେ ସିଙ୍ଗାପୁର, ମାଲେସିଆ, ଦୁବାଇ, ପାନାମା, ଭର୍ଜିନ୍ ଆଇଲାଣ୍ଡ, ସ୍ୱିଜରଲ୍ୟାଣ୍ଡ ଇତ୍ୟାଦି ଦେଶକୁ କଳାଟଙ୍କା ଚାଲାଣ ହୋଇସାରିଛି। ସେହି ସବୁ ଟଙ୍କା ଆଣିବା ପାଇଁ ସରକାରଙ୍କ ପାଖରେ ଯେତିକି ଶକ୍ତି ରହିବା କଥା, ତାହା ନାହିଁ। ଏହାପୂର୍ବରୁ ବିଜେପି ସରକାର କଳାଧନ ସମ୍ପର୍କରେ ଯେଉଁ ପ୍ରକାରର ଉନ୍ମାଦନା ସୃଷ୍ଟି କରିଛନ୍ତି, ସେଥିରୁ ମୁକ୍ତି ପାଇବା ସହଜ ନୁହେଁ। ବିଦେଶରୁ କଳାଧନ ଫେରାଇ ଆଣିବା ଏକ ପ୍ରକାର ଦୁରୂହ ବ୍ୟାପାର। ତେଣୁ ସେ ସମ୍ପର୍କିତ ବିଫଳତାକୁ ଲୁଚାଇବାକୁ ଯାଇ ଏବେ ଦେଶର ଛୋଟ ଛୋଟ ପକେଟ୍ ଉପରେ ମାଡ ଆରମ୍ଭ ହୋଇଛି। କଳାଧନ ସମ୍ପର୍କରେ ସାଧାରଣ ଲୋକଙ୍କର ଯେଉଁ ଅନ୍ଧବିଶ୍ୱାସ ରହିଛି, ତାକୁ ଅସ୍ତ୍ର ଭାବରେ ବ୍ୟବହାର କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଏକ ବଡ଼ ଯୁଦ୍ଧ ବୋଲି ଘୋଷଣା କରିଛନ୍ତି। ତେବେ ଏହି ଯୁଦ୍ଧରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଏ ଦେଶର ସାଧାରଣ ଗରିବ ଜନତା। ପେଟ କାଟି ଯେଉଁ ଗୃହିଣୀ କିଛି ଟଙ୍କା ସଞ୍ଚିଥିଲା, ସେ ଆଜି କାଙ୍ଗାଳ ହୋଇଯାଇଛି। ଭିକ ମାଗି ଯିଏ କିଛି ସଞ୍ଚିଥିଲା ସିଏ ଜାଣିନି ତା'ର ଟଙ୍କା କ'ଣ ହେବ। ହେଲେ ଯେଉଁମାନେ କଳାଟଙ୍କାର ସୌଦାଗର ସେମାନେ ଅତି ଆନନ୍ଦରେ ଅଛନ୍ତି ଓ ସେମାନଙ୍କର କଳାଟଙ୍କା ଗୋଲାପୀ ୨୦୦୦ଟଙ୍କାରେ ସହଜରେ ରୂପାନ୍ତରିତ ହୋଇପାରୁଛି। ତେଣୁ ମୋଦି ସରକାରଙ୍କର ଏହି ସର୍ଜିକାଲ୍ ଷ୍ଟ୍ରାଇକ୍‌ର ସବୁଠୁ ବଡ଼ ସଫଳତାକୁ ନେଇ ଆମେ କହିପାରିବା ଯେ, କଳାଟଙ୍କାର ଏବେ ଖାଲି ଗୋଲାପୀ ଗୋଲାପୀ। ରଙ୍ଗ ବଦଳିଛି, ସ୍ଥିତି କିନ୍ତୁ ଯେମିତିକି ସେମିତି।

*ମୋ : ୯୪୩୭୧୫୪୪୪୫*

# ଉଠରେ ସୁପ୍ତ ଜାତି



ଉମାକାନ୍ତ ରାଉତ

ଗତସଂଖ୍ୟାରେ 'ସମ୍ବାଦପତ୍ରର ଭୂମି ଓ ଭୂମିକା' ଶୀର୍ଷକ ଆଲେଖରେ ଭାରତରେ ସମ୍ବାଦପତ୍ରର ଉତ୍ପତ୍ତି ଓ ଓଡ଼ିଶାରେ ଏହାର ପଦଧ୍ୱନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେଥିରେ ସମ୍ବାଦପତ୍ରମାନଙ୍କର ଇତିହାସ, ଆଭିମୁଖ୍ୟ ଓ କାର୍ଯ୍ୟପ୍ରଣାଳୀକୁ ସଂକ୍ଷେପରେ ଦର୍ଶାଯାଇ ସେମାନେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଭାବେ ନିଜର ଉପସ୍ଥିତିକୁ ଜାହିର କରିପାରିଲେ ସେମାନଙ୍କର ଉତ୍ପତ୍ତିକୁ ଅର୍ଥପୂର୍ଣ୍ଣ କରିପାରିବେ ବୋଲି ଦର୍ଶାଯାଇଥିଲା। ଏହି ପରିପ୍ରେକ୍ଷୀରେ ବସ୍ତୁତଃ ଓଡ଼ିଶାର ପ୍ରଥମ ମୁଦ୍ରିତ ସମ୍ବାଦପତ୍ର 'ଉତ୍କଳ ଦୀପିକା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସମ୍ୟକ୍ ସୂଚନା ମଧ୍ୟ ଦିଆଯାଇଥିଲା। ଏବେ ଭାଷା ଭିତ୍ତିରେ ଓଡ଼ିଶା ପ୍ରଦେଶ ପୁନର୍ଗଠନରେ 'ଉତ୍କଳ ଦୀପିକା'ର ଗୁରୁତ୍ୱପୂର୍ଣ୍ଣ ଭୂମିକା, ଓଡ଼ିଆ ଜାତୀୟତା ଉନ୍ମେଷ ପାଇଁ ଏହାର ଦୃପ୍ତ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହ ସମସ୍ତ ଗଣମାଧ୍ୟମକୁ ଏ ଦିଗରେ ସଚେତନ ଓ ଆହ୍ୱାନ ଜଣାଇ, କ୍ରମଶଃ ଶୋଇପଡୁଥିବା ଏ ମହାନ୍ ଜାତିକୁ ଉଠାଇବାର ଦୀପ୍ତ ପ୍ରୟାସ ହିଁ ଏ ଆଲେଖର ମୁଖ୍ୟ ଉଦ୍ଦେଶ୍ୟ। ଉତ୍କଳୀୟ ଜନଜୀବନର ଘୋର ତମସାଚ୍ଛନ୍ନ କାଳରେ ଏହି ସମ୍ବାଦପତ୍ରର ସୁଆବିର୍ଭାବ ନବଯୁଗର ଉଷାଲୋକ ସମ ପ୍ରବିଭାତ ହୋଇଥିଲା। ପୋକଖିଆ ଚେତନା ଓ ବିକଳାଙ୍ଗର ଭାଷାକୁ ପ୍ରତିହତ କରିବାକୁ ହେଲେ, ଆଜିର ଭାଷା ଆନ୍ଦୋଳନ ପରିପ୍ରେକ୍ଷୀରେ ଏକ୍ଷେତ୍ରରେ 'ଉତ୍କଳ ଦୀପିକା'ର ନିରବଚ୍ଛିନ୍ନ ପ୍ରୟାସ ଓ ସଫଳତାକୁ ଦୋହରାଇବା ଖୁବ୍ ପ୍ରାସଙ୍ଗିକ ମନେ ହୁଏ। ଏଥିପାଇଁ ଓଡ଼ିଶାରେ ଔପନିବେଶ ଶାସନର ଅଭ୍ୟୁଦୋୟ, ସଂଘଟିତ ନାନାଦି ବିଦ୍ରୋହ ଓ ଓଡ଼ିଆ ଅସ୍ମିତା ଓ ଜାତୀୟତାର ଉନ୍ମେଷ ବିଷୟରେ ସମ୍ୟକ୍ ଦୃଷ୍ଟିପାତ ଅପରିହାର୍ଯ୍ୟ। A SKETCH OF THE HISTORY OF ORISSA O.H.R.J Volume 142ରେ G.Toynbeeନିମ୍ନ ଶବ୍ଦରେ ଖୋର୍ଦ୍ଧା ମୁଲକରୁ ବ୍ରିଟିଶ୍‌ମାନେ ବିତାଡିତ ହେଇ ଆଶଙ୍କାକୁ ସ୍ୱୀକାର କରିଛନ୍ତି- "It Was not long, however, before a had to encounter a storm Which ... With so sudden fury sa to threaten expulsion if not from the whole of orissa atleast from territory of Khurda. ଓଡ଼ିଶାକୁ ଦଖଲ କରିବା କ୍ଷଣି ସମଗ୍ର ଓଡ଼ିଶା ନେହେଲେ ବି ଖୋର୍ଦ୍ଧା ଅଞ୍ଚଳରୁ ଏମିତି ଉତ୍ତପ୍ତ ଝଡ ଲେଲିହାନ୍ ଅଗ୍ନିଶିଖା ଭଳି ମାଡ଼ିଆସିଲା, ଯେ ଏଠାରୁ ସେମାନେ ବିତାଡିତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା ଅଥଚ୍ ପରୋକ୍ଷରେ ଏହାକୁ ବିରୋଧ ବା ସାମ୍ନା କରିବା ସରକାରଙ୍କ ଅସମ୍ଭବ ଥିଲା।

୧୮୧୮ ମସିହା ସେପ୍ଟେମ୍ବର ୯ ତାରିଖରେ ଜଏଣ୍ଟ୍ ମାଜିଷ୍ଟ୍ରେଟ୍ W.Forrestor କମିଶନର Robert kerଙ୍କୁ ନିମ୍ନ ଭାଷାରେ ଜଣାଇଥିଲେ- "Since the breaking out of the imsurrection very fe men of any consequence have ever been apprehended and it is to be feared that the nature of the country and disposition of the inhabitants will always preseut formidable obstacle to the suppression of these disturborrus either by nulitary or police." ଅର୍ଥାତ୍ ଓଡ଼ିଶା ମାଟି ଓ ଏହିମାଟିରେ ଅବସ୍ଥାନ କରୁଥିବା ଓଡ଼ିଆଜାତିକୁ ସୈନ୍ୟ, ବନ୍ଧୁକ ମୁନ ଅବା ପୋଲିସ୍ ଫୋର୍ସ ଦ୍ୱାରା ଜିତିବା ସମ୍ଭବ ନୁହେଁ। ଏସବୁ ପ୍ରସଙ୍ଗ ଶ୍ରୀ ସୁଭାଷଚନ୍ଦ୍ର ପଟ୍ଟନାୟକଙ୍କ 'ଓଡ଼ିଶା ପ୍ରଦେଶ ସୃଷ୍ଟିରେ ଗଣମାଧ୍ୟମରେ ସୁନ୍ଦରଭାବେ ଉପସ୍ଥାପିତ ହୋଇଛି।

ସୁତରାଂ ଏ ଜାତିର ନେତୃତ୍ୱ ନେଉଥିବା ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ରଙ୍କ ସହ କୌଶଳକ୍ରମେ ସନ୍ଧି କରି ଇଂରେଜମାନେ ଓଡ଼ିଆମାନଙ୍କ ଶାସକ ଭାବେ ନିଜକୁ ପରିଗଣିତ କରାଇପାରିଥିଲେ।

ଉଲ୍ଲେଖଯୋଗ୍ୟ ଯେ ସିପାହୀ ବିଦ୍ରୋହର ଢେର ଆଗରୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ରଣଦୁନ୍ଦୁଭି ବସ୍ତୁତଃ ବାଜିଥିଲା ଏହି ଓଡ଼ିଆମାନଙ୍କ ଉପରେ ଦାଉ ସାଧିବାକୁ ଅପସୁଯୋଗ ଉଣ୍ଡୁଥିବା ଅସହିଷ୍ଣୁ ପଡୋଶୀ ଅଞ୍ଚଳଗୁଡ଼ିକ ଯଦି ସାଲିସ୍ କରି ବ୍ରିଟିଶ ସହ ହାତମିଳାଇ ନଥାନ୍ତେ, ପରିସ୍ଥିତି ଭିନ୍ନ ହୋଇଥାନ୍ତା ଓ ଓଡ଼ିଶାମାଟି ବ୍ରିଟିଶ ଶାସନ ଅପସାରଣର ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ଯଥେଷ୍ଟ ଆଗରୁ ଭାରତ ମାଟିରୁ ଇଂରେଜମାନଙ୍କୁ ବିତାଡିତ କରିବାର ମୁଖ୍ୟ ଶ୍ରେୟ ପାଇଥାନ୍ତା।

୧୮୫୭ ସିପାହୀ ବିଦ୍ରୋହର ୪୦ ବର୍ଷ ପୂର୍ବରୁ ୧୮୧୭ରେ ପାଇକ ବିଦ୍ରୋହକୁ ନେତୃତ୍ୱ ପ୍ରଦାନ କରିଥିଲେ ନେତା ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ। ଉକ୍ତ ବର୍ଷ ଏପ୍ରିଲ୍ ୧୨ ତାରିଖରେ ଖୋର୍ଦ୍ଧାରେ ଇଂରେଜ ସରକାର ସାମରିକ ଆଇନ୍ ଲାଗୁ କରିବାର ପ୍ରତିକ୍ରିୟା ସ୍ୱରୂପ ପାଞ୍ଚରୁ ଦଶହଜାର ବିଦ୍ରୋହୀ ଜଗବନ୍ଧୁଙ୍କ ନେତୃତ୍ୱରେ ସେହିଦିନ ପୁରୀ ଅଧିକାର କରିନେବା ଅବା ୧୮୨୭ରୁ ୧୮୬୪ମଧ୍ୟରେ ବୀର ସୁରେନ୍ଦ୍ର ସାଏଙ୍କ ସମ୍ବଲପୁରର ବିଦ୍ରୋହ ସମ୍ପର୍କରେ ପର୍ଯ୍ୟାଲୋଚନା କରିବା ଏଠାରେ ପ୍ରସଙ୍ଗ ନୁହଁ। ମର୍କଟ ନ୍ୟାୟରେ ଶାସନ ସୁପରିଚ୍ଛଳନା ଆଳରେ ଓଡ଼ିଶାର ମାଟିକୁ ଭାଗଭାଗ କରି ପଡ଼ୋଶୀ ଅଣଓଡିଆ ତଥା ଅସହିଷ୍ଣୁମାନଙ୍କ ସହ ସେଗୁଡ଼ିକୁ ଯୋଡି ଓଡ଼ିଆଙ୍କୁ ସଂଖ୍ୟାଲଘୁ ସ୍ତରକୁ ଖସାଇ ଦେଇ ଓଡ଼ିଆ ଜାତିର ମାନମର୍ଯ୍ୟାଦା, ପରାକ୍ରମ ତଥା ଯୌଥବିକ୍ରମକୁ ତଳିତଳାନ୍ତ କରି, ସାଂସ୍କୃତିକ ଐତିହ୍ୟ ଲୁଟ୍ କରୁଥିବା ଇଂରେଜମାନଙ୍କର ନିରଙ୍କୁଶ ଶାସନଭୋଗର ଚକ୍ରାନ୍ତକୁ ପଣ୍ଡ କରିବା ପାଇଁ ଓଡ଼ିଆ ଜାତୀୟତା ଓ ଶିକ୍ଷିତ ଓ ବୁଦ୍ଧିଜୀବୀ ଓଡ଼ିଆମାନଙ୍କ ଦ୍ୱାରା ପତ୍ରପତ୍ରିକା ଓ ଗଣମାଧ୍ୟମକୁ ଉପଯୋଗ କରିବାର ରଣକୌଶଳ ସମ୍ପର୍କରେ ଆଲୋକପାତ କରିବା ଏଠାରେ ମୁଖ୍ୟ ପ୍ରସଙ୍ଗ।

ଔପନିବେଶିକ ଶାସନ ବିରୋଧରେ ପୂର୍ବରୁ ହୋଇଥିବା ଅସନ୍ତୋଷ ଓ ବିଦ୍ରୋହ ସ୍ଥାନ, ପାତ୍ର ଆଦିର ସୀମାବଦ୍ଧତା ଯୋଗୁଁ ତଥା ଆବଶ୍ୟକୀୟ ଜାତୀୟତାବୋଧର ଅଭାବ ହେତୁ ସେମାନଙ୍କ ଭିତରେ କୌଣସି ସମନ୍ୱୟ ନଥିଲା। ବିଦ୍ରୋହକାରୀଙ୍କର ଜାତୀୟତା ସମ୍ପର୍କିତ ଅଜ୍ଞାନତା, ବୌଦ୍ଧିକ ଅପାରଗତାର ସଙ୍କଟ ଆଦି ଅନେକ କାରଣ ଯୋଗୁଁ ସୀମିତଭାବେ କାଁ ଭାଁ କିଏ କେଉଁଠି ସାମୟିକ ଆଶ୍ୱସ୍ତି ଲାଭ କରିଥିଲେ ହେଁ, ଔପନିବେଶବାଦୀ ଶାସକଙ୍କୁ ପ୍ରତିହତ କରିବାରେ ଶତପ୍ରତିଶତ ସଫଳତା ପାଇପାରୁନଥିଲେ। ଏସବୁର ମୁଖ୍ୟ କାରଣ ଥିଲା ଜାତୀୟତାବୋଧ ଉପାଦାନ ବିଷୟକ ଅଭାବ ଓ ଅଜ୍ଞତା।

ଉଦାହରଣ ସ୍ୱରୂପ ୧୭୬୭ରେ ପାରଳାଖେମୁଣ୍ଡିର ରାଜା ନାରାୟଣ ଦେବଙ୍କର ଉଦ୍ୟମ, ୧୭୮୦, ୧୮୩୦ ଓ ୧୮୫୭ରେ ପାରଳାଖେମୁଣ୍ଡିରେ ପୁନଶ୍ଚ ବିଦ୍ରୋହ, ଘୁମୁସରରେ କନ୍ଧମାନଙ୍କଦ୍ୱାରା ବିଦ୍ରୋହ, ଖୋର୍ଦ୍ଧା, କନିକା ଓ କୁଜଙ୍ଗ ଆଦି ସ୍ଥାନମାନଙ୍କରେ ୧୮୦୪ର ବିଦ୍ରୋହ, ୧୮୧୭ର ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଖୋର୍ଦ୍ଧା ବିଦ୍ରୋହ(ପାଇକ ବିଦ୍ରୋହ), ୧୮୨୭ରେ ସମ୍ବଲପୁରରେ ସୁରେନ୍ଦ୍ର ସାଏଙ୍କ ନେତୃତ୍ୱରେ ବିଦ୍ରୋହ, ୧୮୪୮ରେ ଅନୁଗୁଳ ବିଦ୍ରୋହ, ୧୮୫୭ର ଗଣସଂଗ୍ରାମ, ଗଡଜାତ ବିଦ୍ରୋହ, ୧୮୬୬ର ବାମନଘାଟି ବିଦ୍ରୋହ, ୧୮୬୭ରେ କେନ୍ଦୁଝର ମେଳି, ୧୮୯୩ ନୟାଗଡ଼ ବିଦ୍ରୋହ ଓ ରଣପୁର ବିଦ୍ରୋହ ଆଦି ଅନେକ ସମନ୍ୱୟର ଅଭାବ, ଓଡ଼ିଆ ଜାତୀୟତା ଉନ୍ମେଷର ଅଭାବ ଓ ବୌଦ୍ଧିକ ଚିନ୍ତନର ଅନୁପସ୍ଥିତି ଯୋଗୁଁ ଖଣ୍ଡବିଖଣ୍ଡିତ କର ଶାସନ ମୁଠିରେ ରଖିବା ଔପନିବେଶବାଦୀ ଶାସକଙ୍କୁ ବେଶ ସୁହାଉଥିଲା। ଏହି ସମୟରେ ବିଶ୍ୱର ନାନା ଭୂଖଣ୍ଡରେ ମୁଣ୍ଡ ଟେକି ଉଠିଲା ଜାତୀୟତାବାଦର ଆନ୍ଦୋଳନ। ଭାରତରେ ମଧ୍ୟ ଏହି ଜାତୀୟତାବାଦୀ ଆନ୍ଦୋଳନ କେବଳ ବିଦେଶୀ ଇଂରେଜମାନଙ୍କର ବିରୋଧ କଲା ନାହିଁ, ତତ୍ ସହିତ ସାମନ୍ତବାଦୀ, ରୁଢ଼ିବାଦିତା, ସାମାଜିକ କୁସଂସ୍କାର, ନିରକ୍ଷରତା, ଜାତିବାଦ ଆଦି ନାନାଦି ବିଯୁକ୍ତ ସାମାଜିକ କୁସଂସ୍କାରରୁ ମୁକ୍ତି ପାଇଁ ସଂଗ୍ରାମ ଜାରି ରଖିଲା। ଅନୁରୂପଭାବେ ଏହା ଓଡ଼ିଶାର ଶିକ୍ଷିତ ବୁଦ୍ଧିଜୀବୀବର୍ଗ ତଥା ସଚେତନ ନାଗରିକମାନଙ୍କୁ ଜାତୀୟତାର ସ୍ରୋତ ଆଡକୁ ପ୍ରେରିତ କଲା। ଜ୍ଞାନ, ଶିକ୍ଷା ଓ ବିକାଶର ଅଭ୍ୟୁଦୋୟ ଯୋଗୁଁ ମୁଷ୍ଟିମେୟ ସଚେତନ ଓଡ଼ିଆମାନେ ସମଗ୍ର ଓଡ଼ିଆ ଜାତି ତଥା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତାବଦ୍ଧ ନକଲେ ଓଡ଼ିଆ ଅସ୍ମିତା, ଜାତୀୟତାବୋଧାଦିର ଉନ୍ମେଷ ଘଟିପାରିବ ନାହିଁ ଏବଂ ଫଳତଃ ଲୀନମନାମାନଙ୍କ ଦ୍ୱାରା ଏକ ଐତିହସମ୍ପନ୍ନ ପରାକ୍ରମୀ ଜାତି ଓ ଭାଷାକୁ ଲୁପ୍ତ କରିବାର ହୀନଚକ୍ରାନ୍ତ ଫଳବତୀ ହେବ ବୋଲି ଆଶଙ୍କା ପ୍ରକାଶ କଲେ। ଏହି ସାମାଜିକ ସଙ୍କଟର ଅନୁଭବ ସେମାନଙ୍କୁ ଏକ ଶିକ୍ଷିତ ଜାତୀୟତାବାଦୀ ଗୋଷ୍ଠୀ ରୂପେ ଗଢ଼ି ହେବା ଲାଗି ହୁଏତ ଅବସର ପ୍ରଦାନ କଲା। ସେମାନେ ସାମୂହିକ ବିକାଶ ଓ ସାମାଜିକ ସଙ୍ଗଠନକୁ ଜାତୀୟ କାର୍ଯ୍ୟଭାବେ ଗ୍ରହଣ କରିନେଲେ ଓ ସାମାଜିକ କର୍ମକୁ ନିଜର ବୌଦ୍ଧିକ ଦାୟିତ୍ୱ ଓ କର୍ତ୍ତବ୍ୟ ହିସାବରେ ଗ୍ରହଣ କଲେ। ଜାତି, ଧର୍ମ, ବର୍ଣ୍ଣ ଓ ଆଞ୍ଚଳିକ ଭେଦଭାବର ଉର୍ଦ୍ଧ୍ୱରେ ଏକ ସାମୂହିକ ଜାତି ପରିଚୟ ଖୋଜିବାର ପର୍ବ(ଉଦ୍ୟମ) ଆରମ୍ଭ ହେଲା, ଯାହାକୁ ଓଡ଼ିଆ ଜାତୀୟତାର ଉନ୍ମେଷ କହିଲେ ଅତ୍ୟୁକ୍ତି ହେବନାହିଁ। ଫଳସ୍ୱରୂପ ରାଜା-ରାଜୁଡା-ଜମିଦାର ମହାନ୍ତାଦିଙ୍କ ବଦଳରେ ପ୍ରଥମ କରି ସାମାଜିକ ନେତୃତ୍ୱର ଦାୟିତ୍ୱ ଜାତିପ୍ରେମୀ ବୁଦ୍ଧିଜୀବୀମାନଙ୍କ ହାତକୁ ଆସିଲା। ନେତୃତ୍ୱ ରାଜଦ୍ୱାରରୁ ଆସି ଜନପଥରେ ପହଞ୍ଚିବାର ପ୍ରକ୍ରିୟା ଆରମ୍ଭ ହେଲା।

ବୁଦ୍ଧିଜୀବୀ ଗୋପାଳଚନ୍ଦ୍ର ପ୍ରହରାଜ ୧୮୯୦ରେ ତାଙ୍କ ଉପନ୍ୟାସ ଭାଗବତ ଟୁଙ୍ଗୀରେ ଏହି ସାମାଜିକ ଓ ଜାତୀୟ ଉନ୍ନତି ଶିକ୍ଷିତ ବୁଦ୍ଧିଜୀବୀଙ୍କର ପ୍ରଥମ ଓ ପ୍ରଧାନ ଦାୟିତ୍ୱ ବୋଲି ସ୍ପଷ୍ଟ କଲେ। " ମସ୍ତରାମ" ଚରିତ୍ର ମାଧ୍ୟମରେ ସେ ଏକଥା ପ୍ରାଞ୍ଜଳ କଲେ। ଜାତିପ୍ରେମର ଦାୟରେ ପ୍ରତି ପ୍ରାଣରେ ଜାତୀୟତାବୋଧର ସଂଚର ଓ ଉନ୍ମେଷ ପାଇଁ ଫକୀରମୋହନ, ମଧୁସୂଦନ ଦାସ, ମଧୁସୂଦନ ରାଓ ଆଦି ଯୋଗ୍ୟଜନ୍ମାମାନେ ଶିକ୍ଷକତା ବୃତ୍ତିକୁ ଆପଣେଇ ନେଇଥିଲେ। ଜାତୀୟତାବାଦୀ ମଞ୍ଚ ଭାବେ ୧୯୦୩ରେ 'ଉତ୍କଳ ସମ୍ମିଳନୀ'ର ଆବିର୍ଭାବ ଘଟିଲା। ଜାତୀୟତାର ଉନ୍ମେଷ ତଥା ସବୁପ୍ରକାର ଶିକ୍ଷା ପାଇଁ ମାତୃଭାଷା ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ସର୍ବସମ୍ମତ ସ୍ୱର ସୃଷ୍ଟି ହେଲା। ମାତୃଭାଷାରେ ଶିକ୍ଷାନୁଷ୍ଠାନମାନ ପ୍ରତିଷ୍ଠା ହୋଇ ଜାତୀୟତାର ବହ୍ନି ପ୍ରଜ୍ୱଳିତ କରିବାରେ ଲାଗିଲେ। ପ୍ୟାରୀମୋହନ ଆଚାର୍ଯ୍ୟ ଟ୍ୟୁସନ୍ କରି ୧୮୭୦ରେ ପ୍ରତିଷ୍ଠା କରିଥିବା 'କଟକ ଏକାଡେମୀ' ସ୍କୁଲ (ପରେ ପ୍ୟାରୀମୋହନ ଏକାଡେମୀ ଭାବେ ଖ୍ୟାତ), ୧୯୦୮ରେ ମଧୁସୂଦନଙ୍କ ପ୍ରଚେଷ୍ଟାରେ କନ୍ୟା ବିଦ୍ୟାଳୟ ପ୍ରତିଷ୍ଠା ଏସବୁର ମୂକସାକ୍ଷୀ। କବି ଗଙ୍ଗାଧର ଗାଇଉଠିଲେ- 'ମାତୃଭୂମି ମାତୃଭାଷାର ମମତା ଯା' ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ?' ଫକୀରମୋହନ ମାତୃଭାଷାକୁ ନଦୀର ନିଜସ୍ୱ ସ୍ରୋତ ଓ ବିଦେଶୀ ଭାଷାକୁ ବଢ଼ିପାଣି ସଙ୍ଗେ ତୁଳନା କଲେ। ଓଡ଼ିଆ ଜାତୀୟତା, ସ୍ୱାଭିମାନ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କ୍ଷେତ୍ରରେ ପ୍ରମୁଖ ଓ ବଳିଷ୍ଠ ଭୂମିକା ନେଇଥିବା 'ଉତ୍କଳ ଦୀପିକା' ତର୍କ କରି କହିଥିଲା ଯେ କେବଳ ମାତୃଭାଷାରେ ହିଁ ଗଣଶିକ୍ଷା ସମ୍ଭବ। ଫକୀରମୋହନଙ୍କ ଦ୍ୱାରା ବାଲେଶ୍ୱରରୁ 'ସମ୍ବାଦବାହିନୀ' ପ୍ୟାରୀମୋହନଙ୍କ ଦ୍ୱାରା 'ଉତ୍କଳପୁତ୍ର' ଚତୁର୍ଭୁଜ ପଟ୍ଟନାୟକଙ୍କ ଦ୍ୱାରା 'ସଂସ୍କାରକ' ଆଦି ପତ୍ରପତ୍ରିକା ପ୍ରକାଶ ପାଉଥିଲେ ହେଁ ସେମାନଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏକ ଓ ଅଭିନ୍ନ ଥିଲା। 'ଉତ୍କଳ ଦୀପିକା'କୁ ସାମାଜିକ କାମରେ ସହଯୋଗ କରିବା ପାଇଁ 'ଉତ୍କଳପୁତ୍ର'ର ସୃଷ୍ଟି ହୋଇଥିଲା। ସାମାଜିକ ସମୃଦ୍ଧି, ସମାଜସେବା ଓ ଜାତୀୟ ଚେତନାର ଅଭିବୃଦ୍ଧି ସମସ୍ତଙ୍କର ଧ୍ୟେୟ ହୋଇଥିବାରୁ ସେମାନେ ପରସ୍ପରକୁ 'ସହଯୋଗୀ'ବୋଲି ସମ୍ବୋଧନ କରୁଥିଲେ।

ଘୁମେଇ ପଡୁଥିବା ଗୋଟିଏ ସୁପ୍ତ ଅଥଚ ମହାନ୍ ଜାତିକୁ ନିଦରୁ ଉଠାଇବାକୁ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା 'ଉତ୍କଳ ଦୀପିକା' ତାଙ୍କର ୨୨।୧୦।୧୮୭୦ ସଂସ୍କରଣରେ କେବଳ 'ଘୁମୁସରବାସୀଙ୍କ ପତ୍ର ପ୍ରକାଶ କରି ନୁହେଁ, ଉକ୍ତ ବିବୃତ୍ତିକୁ ସମର୍ଥନ କରି ଏକ ଉତ୍କୃଷ୍ଟ ସମ୍ପାଦକୀୟ ଅଭିମତ ଉପସ୍ଥାପନ କରି କେମିତି ଓଡ଼ିଆ ଜନଜାଗରଣର ନେତୃତ୍ୱ ନେଇପାରିଥିଲେ, ତାହା ପରବର୍ତ୍ତୀ ଆଲେଖରେ ସ୍ପଷ୍ଟ କରାଯିବ। ଆଜିର ଗଣମାଧ୍ୟମ ଏହି ଆଦର୍ଶକୁ ଅକ୍ଷୁର୍ଣ୍ଣ ରଖି କାର୍ଯ୍ୟ କରିପାରିଲେ ଓ ଓଡ଼ିଆ ଜାତୀୟତା, ସ୍ୱାଭିମାନ, ଅସ୍ମିତାର ପୁନଃ ଜାଗରଣ କରାଇ ଏ ଜାତିକୁ ବଳିଷ୍ଠ ଓ ସ୍ୱାବଲମ୍ବୀ କରାଇପାରିଲେ ଏହାର ପ୍ରକୃତ ଉଦ୍ଦେଶ୍ୟ ପୁରଣ ହୋଇପାରିବ ଓ ଗଣମାଧ୍ୟମ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିପାରିବ। ସୁତରାଂ ଓଡ଼ିଶାର ଗଣମାଧ୍ୟମମାନଙ୍କର ଆଜିର ସ୍ୱର ହେଉ- 'ଉଠରେ ସୁପ୍ତ ଜାତି'।

ସମ୍ପାଦକଙ୍କୁ ଚିଠି

## ଭଲ ଲାଗିଲା 'ଏକମାତ୍ର'

ସାପ୍ତାହିକ ଏକମାତ୍ର ପଢ଼ି ବେଶ୍ ଆତ୍ମସନ୍ତୋଷ ଲାଭ କଲି। ନିରପେକ୍ଷ ଖବର ସାଙ୍ଗକୁ ସାହିତ୍ୟ ପୃଷ୍ଠା ଉଚ୍ଚମାନର ରହିଛି। ଆଜିକାଲି ଖବରକାଗଜ ଯେମିତି ଶିଳ୍ପପତି ଓ ବଡ଼ବଡ଼ିଆଙ୍କ କବ୍‌ଜାରେ ରହିଆସିଛି, ସେହି ସମୟରେ ଏଭଳି ଏକ ନିରପେକ୍ଷ ଖବରକାଗଜ ପ୍ରକାଶ ପାଇବା ସତରେ ସମ୍ପାଦକ ଓ ଏହାର ପରିଚାଳକଙ୍କର ସାହସିକତାର ନିଦର୍ଶନ। ଖବରକାଗଜଟି ଆଗକୁ ଆଗକୁ ଯାଉ ଓ ଶିଖରରେ ପହଞ୍ଚୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ କାମନା।

**ଗୀତାଞ୍ଜଳି ସାହୁ**
ରାଜନଗର, କେନ୍ଦ୍ରାପଡ଼ା

ଧାରାବାହିକ ଉପନ୍ୟାସ

# ବେଦନାର ବେଦ

## କ୍ଷୀରୋଦ ଦାସ



ରାତି ସେତେବେଳକୁ ପାହି ନଥାଏ। ପୃଥିବୀକୁ ମନଭରି ଉପଭୋଗ କରୁଥାଏ ଅନ୍ଧକାର। ଗଛପତ୍ରର ସନ୍ଧିରେ ସନ୍ଧିରେ ଲେସିହୋଇ ରହିଥାଏ କଳାରଙ୍ଗର ଦୁଃଖ। ସାରା ସଂସାର ସମ୍ପୂର୍ଣ୍ଣ ଅଚେତନ ହୋଇ ରହିଥିବା ବେଳେ ଚକ୍ରଧର ଘର ଭିତରୁ ଶୁଭୁଥିଲା ଖୁଡ୍‌ଧାଡ୍ ଶବ୍ଦ। ନିସ୍ତବ୍ଧ ରାତିର ଶୂନ୍‌ଶାନ୍ ପରିବେଶ ଭିତରେ ସେ ଶବ୍ଦ ଶୁଭୁଥିଲା ଅବୁଝା ଏକ ସଙ୍ଗୀତ ପରି। ସେ ଘର ଭିତରେ ଯେ କିଛି ଗୋଟାଏ ଘଟିବାକୁ ଯାଉଛି, କିଛି ଗୋଟାଏ ବ୍ୟତିକ୍ରମ ଯେ ମୁଣ୍ଡ ଟେକିଛି, ଏକଥା ସ୍ପଷ୍ଟ ପ୍ରତିପାଦନ କରୁଥିଲା ସେଇ ଏକକ ଶବ୍ଦ।

ଭୋର୍ ଠିକ୍ ସାଢ଼େ ପାଞ୍ଚଟା ବେଳକୁ ସେମାନେ ବାହାରି ପଡ଼ିଥିଲେ ଘରୁ।

ଚକ୍ରଧର କାନ୍ଧେଇଥିଲା ପୁଅକୁ। ହାତରେ ଧରିଥିଲା ଜିନିଷପତ୍ର ବୋଝେଇ ଗୋଟାଏ ବ୍ୟାଗ୍। ବାଡ଼ି-କବାଟ, ଦାଣ୍ଡ-କବାଟରେ ତାଲା ପକାଇ ଆଉ ଦୁଇଟା ବ୍ୟାଗ୍ ଦୁଇହାତରେ ଓହଳାଇ ଦାଣ୍ଡଦୁଆର ବନ୍ଧତଳକୁ ଓହ୍ଲାଇ ଆସୁଥିବା ବେଳେ ଚମ୍ପାର ଦୁଇଆଖି ଓଦା ହୋଇଉଠିଲା। ତା' ନରମ ଛାତି ଭିତରେ ସୃଷ୍ଟି ହୋଇଯାଉଥିଲା ପୀଡ଼ାଦାୟକ ଏକ ଗଭୀର କ୍ଷତ। ସେ କ୍ଷତର ଯନ୍ତ୍ରଣା ବ୍ୟାପିଯାଉଥିଲା ଚାରିଆଡ଼େ ଏବଂ ସେଥିରୁ ବୋହିପଡୁଥିଲା ଥପଥପ ତାଜା ରକ୍ତ। ପ୍ରଥମେ ସୁଁ ସୁଁ ହୋଇ ଏବଂ ପରେ ପରେ ବନ୍ଧବାଡ଼ ମାନୁ ନଥିବା, କୌଣସି ସାନ୍ତ୍ୱନା ଆଶ୍ୱାସନାକୁ ପରବାୟ କରୁ ନଥିବା ଏକ ମରମଥରା ବିକଳ କାନ୍ଦଣା ମଡ୍‌ମାଡ୍ କରି ଭାଙ୍ଗି ପକାଇଲା ପାତ୍ରପଡ଼ା ଗାଁ ଲୋକଙ୍କ ରାତିପୁହା ନିଦକୁ। ସେ ଦୟନୀୟ, ରକ୍ତଜର୍ଜରିତ କାନ୍ଦ ଯେ କେବଳ ଲୋକମାନଙ୍କ ନିଦ ଭାଙ୍ଗିଦେଇଥିଲା ସେ କଥା ନୁହେଁ, ତାହା ସୂଚାଇ ଦେଲା ଯେ 'ଚମ୍ପା-ଚକରା' ସଂସାରରେ ଏକ ଭୟାନକ ଦୁର୍ବିପାକ ଘଟିବାକୁ ଯାଉଛି। ସେ ଦୁର୍ବିପାକକୁ ରୋକିବାର ତାକତ କାହାର ନାଇଁ। ସେ କାନ୍ଦଣା ସୂଚାଇ ଦେଉଥିଲା ଯେ କେବଳ ଚମ୍ପା ଓ ଚକରାର ସଂସାର ନୁହେଁ, ସଚରାଚର ଏ ସମଗ୍ର ବିଶ୍ୱ ଛାରଖାର ହୋଇଯାଉଛି ଦୁର୍ବିପାକ ଦ୍ୱାରା। ସମଗ୍ର ସଂସାର ଆକ୍ରାନ୍ତ ହୋଇପଡୁଛି ନାହିଁ ନଥିବା ଏକ ବିପତ୍ତି ଦ୍ୱାରା।

ରୋଗୀ ବଡ଼ ଡାକ୍ତରଖାନାକୁ ବୁହାହୋଇଗଲେ ରୋଗ କ'ଣ ଆଉ ମାମୁଲି ହୋଇ ରହିଥାଏ? ନା ଏ ବିପତ୍ତିଠାରୁ ବଳି କିଛି ବିପତ୍ତି ଥାଏ?

ପଛକୁ ବୁଲିଚାହିଁ ଚକ୍ରଧର ସ୍ତ୍ରୀକୁ ଆକଟ କଲା, "କାହିଁକି ଗୋଟାଏ ଏମିତି ବାହୁନୁଚୁ ଏଡ଼େବଡ଼ ପାଟିରେ? ତୋ ବାହୁନା ଶୁଣି କ'ଣ ପୁଅର ଦେହ ଭଲ ହୋଇଯିବ ନା ଛାନିଆ ହୋଇ ରୋଗ ତା' ଦେହଛାଡ଼ି କୁଆଡ଼େ ପଳେଇବ? ପୁଅକୁ ଭଲ କରିବାକୁ ପରା ଆମେ ତାକୁ ନେଇ ଯାଉଛନ୍ତି ବଡ଼ମେଡ଼ିକାଲ। କାନ୍ଦ ବନ୍ଦକରି ତୁ ବେଗି ବେଗି ପାଦ ପକା। ଛ'ଟା ବାଜି ପଇଁଚାଳିଶ ମିନିଟ୍‌ରେ ପରଜଙ୍ଗ ଷ୍ଟେସନ୍‌ରେ ରେଳ ଲାଗିବ। ରେଳ ଫେଲ୍ ହୋଇଗଲେ ଆଜି ଆଉ ଯାଇହେବନି। ପୁଣି ଗୋଟାଏ ଦିନ ଅପେକ୍ଷା କରିଥିବ। ଚାଲ୍ ଚାଲ୍, ଶୀଘ୍ର ପାଦ ପକା। ଫର୍‌ଚା ହୋଇଗଲାଣି। ଆଉ ଟିକକ ପରେ ସୂର୍ଯ୍ୟ ଉଠିବେ।"

ପେଡ଼ି ସାଇତା ଛିଟପକା ପିନ୍ଧାଲୁଗା କାନିରେ ଲୁହଲାଳ ପୋଛିଲା ଚମ୍ପା। କାଳିଆ ଠାକୁରଙ୍କ ଉଦ୍ଦେଶ୍ୟରେ ମଥାଲଗା ଜୁହାରଟିଏ ହେଲା ଦାଣ୍ଡମଝିରେ। ଦି' ହାତରେ ଦି'ଟା ବ୍ୟାଗ୍ ଉଠାଇ ପାଦ ବଢ଼ାଇଲା ଆଗକୁ। କଇଁ କଇଁ କୋହଟିଏ ତଥାପି ଜାବୁଡ଼ି ଧରିଥିଲା ତାକୁ। ଧାରା ଶ୍ରାବଣ ପରି ଧାରଧାର ଲୁହ ବୋହି ଯାଉଥିଲା ତା' ଦୁଇଆଖିରୁ। ଏକମୁହାଁ ହୋଇ ଚକ୍ରଧର ପଛେପଛେ ସେ ଚାଲିଯାଉଥିଲା ଗାଁ ଦାଣ୍ଡେ ଦାଣ୍ଡେ।

ଆଗରେ ଚକ୍ରଧର ଓରଫ ଚକରା। ତା' କାନ୍ଧରେ ବସିଥିଲା ପୁଅ। ପଛେ ପଛେ ଚମ୍ପା। ଲାଗୁଥିଲା- ଦୁଇଜଣ ଦୁଃଖୀ ମଣିଷ, ନିଜ ଦୁଃଖର ଓଜନକୁ ବୋହି ବୋହି, ଲୁହ ଓ କୋହରେ ଅତିଷ୍ଠ ହୋଇ, ସଂସାର ଓ ବିଧାତା ଉପର ଆସ୍ଥା ଓ ବିଶ୍ୱାସ ତୁଟାଇ ଅନନ୍ତ ପଥରେ ଦିଗଭ୍ରଷ୍ଟ ହୋଇ ଆଗେଇ ଯାଉଛନ୍ତି କୁଆଡ଼େ ନାଇଁ କୁଆଡ଼େ!

ପାତ୍ରପଡ଼ା ଗାଁଠାରୁ ପରଜଙ୍ଗ ରେଳଷ୍ଟେସନ୍ ଛଅ କିଲୋମିଟର ବାଟ। ପରଜଙ୍ଗ ଷ୍ଟେସନ ସେତେବଡ଼ ନହେଲେ ମଧ୍ୟ ରେଳ ସେଠି ପାଞ୍ଚମିନିଟ୍ ଅଟକେ। ଆଗରୁ ରହୁ ନଥିଲା। ପାରଦ୍ୱୀପଠାରୁ ସିଧା ଚାଲି ଯାଉଥିଲା ପ୍ରତାପନଗରୀ। ହେଲେ ସ୍ଥାନୀୟ ଲୋକମାନଙ୍କ ବହୁଦିନର ଦାବି ଏବଂ ପରଜଙ୍ଗ କଲେଜ ଟୋକାମାନଙ୍କ ହଙ୍ଗାମା ଯୋଗୁଁ ରେଳକର୍ତ୍ତୃପକ୍ଷ ସେଠାରେ ଏକ ଛୋଟକାଟର ଷ୍ଟେସନ ପ୍ରତିଷ୍ଠା କଲେ। ସ୍ଥାନୀୟ ବିଧାୟକଙ୍କ ଉଦ୍ୟମ ମଧ୍ୟ ଏ ଦିଗରେ ପ୍ରଶଂସନୀୟ। ଲୋକମାନଙ୍କ ଆନନ୍ଦ କହିଲେ ନସରେ। ବିନା ଟିକେଟରେ ଯାତ୍ରୀ ଏଠୁ ବେଶି ଉଠନ୍ତି। ରେଳଭଡ଼ା ଭିତରେ ନାନା ଉତ୍ପାତ କରନ୍ତି। ଧରପଗଡ଼ ପ୍ରାୟ ନଥାଏ। କଦବା କେଉଁଦିନ ଯଦି ଟିଟି ଧରିଲା, ପାଞ୍ଚ/ଦଶ ହାତଗୁଞ୍ଜା ଦେଇ ଖସିଯାଆନ୍ତି।

ପରଜଙ୍ଗ ଷ୍ଟେସନ ପାଖରେ ପହଞ୍ଚିବା ବେଳକୁ ପୂରା ସକାଳ ହୋଇଯାଇଥାଏ। ଟ୍ରେନ୍ ଆସି ନଥାଏ। ଯାତ୍ରୀମାନେ ଭରପୁର ହୋଇଯାଇଥା'ନ୍ତି। ବାପ୍‌ରେ, କେତେ ଲୋକ! କୁଆଡ଼େ ବାହାରିଛନ୍ତି ଏମାନେ? ସମସ୍ତଙ୍କର କ'ଣ ତା'ଭଳି ଜରୁରୀ କାମ ଅଛି! - ଚକ୍ରଧର ଭାବିଲା ଏବଂ ଅଧିକ ନ ଭାବି ସ୍ତ୍ରୀ ଓ ପୁଅକୁ ସେଠି ବସାଇଦେଇ ଚାଲିଗଲା କାଉଣ୍ଟର ପାଖକୁ ଟିକେଟ କରିବାକୁ। ଏ ଏରିଆରେ ତା'ର ଆତଯାତ ଅଛି। ସପ୍ତାହକୁ ଥରେ, ସୋମବାର ସେ ଆସେ ପରଜଙ୍ଗ ହାଟକୁ। ସେଇବାଟ ଦେଇ ହାଟକୁ ଯାଏ। ତେଣୁ କିଛି କିଛି ଅଭିଜ୍ଞତା ତା'ର ଥିଲା ଏ ଷ୍ଟେସନ ବିଷୟରେ।

କଟକକୁ ଦୁଇଟା ଟିକେଟ୍ କାଟି ସେ ଫେରିଆସିଲା ସ୍ତ୍ରୀ ଚମ୍ପା ଓ ପୁଅ ବସିଥିବା ସ୍ଥାନକୁ। ଛଅବର୍ଷର ପୁଅ ଚନ୍ଦନ। ଅସୁସ୍ଥତା ଯୋଗୁଁ ସେ ଘାଲେଇ ପଡ଼ିଥିଲା ମା' କୋଳରେ। ହଠାତ୍ ପ୍ରଚଣ୍ଡ ଶବ୍ଦ କରି ଟ୍ରେନ୍ ଆସି ଅଟକିଲା ଷ୍ଟେସନରେ। ଟ୍ରେନ୍ ରହିବା କ୍ଷଣି ଚଳଚଞ୍ଚଳ ହୋଇଉଠିଲା ସାରା ଅଞ୍ଚଳ। ଟ୍ରେନ୍ ସେଠି ଅଳ୍ପ ସମୟ ପାଇଁ ରହେ। ଆରମ୍ଭ ହୋଇଗଲା ଯାତ୍ରୀମାନଙ୍କ ଭିତରେ ଠେଲାପେଲା। କିଏ ଆଗ ଚଢ଼ିବ, ସେଥିପାଇଁ ପ୍ରତିଯୋଗିତା। ଓହ୍ଲାଇବା ଲୋକମାନଙ୍କ ମଧ୍ୟରେ ବି ପ୍ରତିଯୋଗିତା, କିଏ ଆଗ ଓହ୍ଲାଇବ! କାଳେ ଚଢ଼ିବା ପୂର୍ବରୁ କି ଓହ୍ଲାଇବା ପୂର୍ବରୁ ଟ୍ରେନ୍ ଚାଲିଯିବ କି!

ମଝାମଝି ଗୋଟେ ବଗି ଭିତରୁ କୌଣସି ପ୍ରକାରେ ଆଗ ଉଠିଗଲା ଚକ୍ରଧର। ଚମ୍ପା କାଖରୁ ପୁଅକୁ ଟେକିନେଲା ଭିତରକୁ। ତା'ପରେ ଚମ୍ପା ହାତରୁ ବ୍ୟାଗ୍ ଦୁଇଟା ନେଇଯିବା ପରେ ଖୁବ୍ ପରିଶ୍ରମ କରି ଚମ୍ପା ଉଠିଲା ଟ୍ରେନ୍ ଭିତରକୁ। ଯାହାହେଉ, ସେହି ଦୟାମୟଙ୍କ ଅପାର କରୁଣା। ମା' ଶାରଳାଙ୍କ ଅଶେଷ ଦୟା, ନାନା ଠେଲାପେଲା ପାଟିତୁଣ୍ଡ, ଘୋ'ଘା, କଷ୍ଟ ଅସୁବିଧା ସତ୍ତ୍ୱେ ସେମାନେ ବସି ଯାଇଥିଲେ ଗୋଟେ ବଗି ଭିତରେ। ବସିଯିବା ପରେ ଏକ ହାଲ୍‌କାପଣ ପ୍ରତିଫଳିତ ହୋଇଗଲା ସେମାନଙ୍କ ମୁହଁରେ।

"ବାପ୍‌ରେ!"- ଚନ୍ଦନର ଶୁଖିଲା ମୁହଁ ଉପରେ ଲୁଗାକାନି ବୁଲାଇ ଆଣି ଚମ୍ପା ଡାକିଲା- "ଭୋକ ଲାଗିଲାଣି କିରେ ବାପ! ବିସ୍କୁଟ୍ ଦି'ଖଣ୍ଡ ଦେବି, ଖାଇବୁ? ଶୋଷ ଲାଗିବଣି, ପାଣି ଗିଲାସେ ଦେବି, ପିଇବୁ?"

ଟ୍ରେନ୍ ଧୀରେ ଧୀରେ ଗତି ବଢ଼ାଇବାକୁ ଆରମ୍ଭ କରିଥିଲା। ଅପ୍ରତିହତ ଶବ୍ଦ ଓ ଗତିର ତାଳେ ତାଳେ ଦୋହଲି ଦୋହଲି ମାଡ଼ି ଚାଲିଥିଲା ଆଗକୁ ଆଗକୁ। ଦୁଇପାଖରେ ବିଲମାଳ, ଗଛବୃକ୍ଷ, ମଣିଷ, ଗାଈ-ବଳଦ ନିଜ ନିଜର ଧନ୍ଦାରେ ବ୍ୟସ୍ତ ହୋଇ ଧାଉଁଥିଲେ ପଛକୁ ପଛକୁ। ଯିଏ ଯାହା କାମରେ ଯେତେ ବ୍ୟସ୍ତ।

ବାପର ଛାତି ଉପରେ ଆଉଜି ପଡ଼ିଥିବା ଚନ୍ଦନ ମା'ର କଥା ଶୁଣି ସାମାନ୍ୟ ଆଖି ଖୋଲି ମୁହଁ ବୁଲାଇ ଚାରିଆଡ଼କୁ ଚାହିଁଲା ଏବଂ ସେସବୁ ଜିନିଷ ତାକୁ ପ୍ରଲୋଭିତ କରିପାରୁ ନାହିଁ ଜାଣିପାରି ନିରାସକ୍ତ ଭାବରେ ଆଖିବୁଜି ଦେଇ ନିଜକୁ ପୁଣି ଫେରାଇନେଲା ପୂର୍ବସ୍ଥିତିକୁ। ନୀରବତା, ଅସହାୟତାଓ ଅସୁସ୍ଥତାର ବଳୟ ଭିତରେ ସତେଯେପରି ସେ ବନ୍ଦୀ ହୋଇଯାଇଥିଲା! ଯେମିତିକି ଏସବୁ କଥା, ଏସବୁ ଦୃଶ୍ୟ, ଏସବୁ କଥା ତାକୁ କୁହାନଯାଇ ଆଉ କାହାକୁ କୁହାଯାଇଛି! ସେ ଯେମିତି ଶୋଇଛି, ସେମିତି ଶୋଇବ! କେହି ତାକୁ ଅଯଥା ହଇରାଣ ନ କରନ୍ତୁ, କେହି ତା' ନିଦକୁ ଖଇଚା ନକରନ୍ତୁ,

ସେହିପରି ନୀରବ ପ୍ରତିବାଦଟିଏ ଫୁଟି ଦିଶୁଥିଲା ତା' ଛୋଟିଆ ଅସୁସ୍ଥ ମୁହଁରେ। ସମଗ୍ର ପୃଥିବୀକୁ ପଛକରି, ପୃଥିବୀର ସବୁକଥାକୁ ତୁଚ୍ଛକରି ଚନ୍ଦନ ମୁହଁ ବୁଲାଇ ଶୋଇପଡ଼ିଲା ପୁଣିଥରେ।

**କ୍ରମଶଃ...**

## ସ୍ୱପ୍ନ ସ୍ପର୍ଶ

### ରକ୍ଷକ ନାୟକ

ତୁମର ଅସଫଳ ଲଢ଼େଇ; ସ୍ଥିରନିଶ୍ଚିତ
ନାହିଁ ତୁରୀ ନାହିଁ ତରବାରୀ
ଖଣ୍ଡେ ପାଞ୍ଚଣ ଧରି ତୁମେ ଲଢୁଛ
ଏକା ଏକା, ନାହିଁ ସାଥୀ ନାହିଁ ସଖା
ସାମ୍ନାରେ ଦୁର୍ଦ୍ଧର୍ଷବାହିନୀ
ଯେ ପରାଜୟ କ'ଣ କେବେ ବି ଜାଣିନି।

ତୁମ ଆଖିରେ ଭୟର ଲେଶମାତ୍ର ଚିହ୍ନ
ନାହିଁ
ଭୟ ଉପରେ ତୁମର ଏ ବିଜୟ
ତୁମ ଶକ୍ତିର ଆଧାର
ଯାହା ପାଇଁ ନିକଟେଇ ଆସେ
ଦୂର ଚକ୍ରବାଳ।

ତୁମ ସହ କେହି ନାହାନ୍ତି
କେବଳ ତୁମର ଛାଇ
କେବେ ଆଗରେ ତ କେବେ ପଛରେ।
ତଥାପି ପରବାୟ ନାହିଁ।

କାହିଁକି ଲଢୁଛ, ଜାଣିକି ବି
ଯେ ତୁମେ ହାରିଯିବ, ସରିଯିବ
ମହାବାତ୍ୟାରେ କୁଟାଖିଅ ପରି
ତୁମେ ଯାଇ କେଉଁଠି ପଡ଼ିବ।

ଅବଶ୍ୟ ପ୍ରଥମେ ତୁମେ
ଏକଲା ନଥିଲ; ତୁମ ସହ
କିଛି କିଛି ଲୋକ ଥିଲେ
ସେମାନେ ବି ଚାଲିଗଲେ
ଗୋଟେ ପରେ ଗୋଟେ
ଏବେ ତୁମେ ନିହାତି ଏକଲା।

ତୁମେ ଆଙ୍କିଲ ଏକ
ସାମୂହିକ ସ୍ୱପ୍ନ, ତୁମ ସାମ୍ନାରେ
ମୃତ୍ୟୁ ପରି ଉପସ୍ଥିତ ସୈନ୍ୟବାହିନୀ
ପାଇଁ ବି ତୁମେ ସ୍ୱପ୍ନ।

ଦେଖିଛ!
ସେମାନେ ତାହା ଜାଣନ୍ତି କି
ନାହିଁ ଜାଣିନି। ହୁଏତ ସେମାନଙ୍କ
ସ୍ୱପ୍ନ ସାକାର କରିବାକୁ
ତୁମର ଏ ରଣବେଶ
ଗଣର ଗରିମା ପାଇଁ
ଗଳାରେ ମରଣର ମାଳ।

ତୁମକୁ ଆଉ ଏକା ହେବାକୁ
ଦେବିନି; ଦେଖ ମୁଁ ଏପଟରୁ
ଡେଇଁଛି ତୁମ ପଟକୁ
ମୋ ଭଳି ଅନେକ ଆସିବେ
ତୁମ ପଟ କେବେ ଖାଲି ରହିବନି।

*ରାଜ୍ୟପାଳଙ୍କ ଲୋକସମ୍ପର୍କ ଅଧିକାରୀ*
*ରାଜଭବନ, ଭୁବନେଶ୍ୱର-୮*
*ଇ-ମେଲ୍ :*
*rakshaknayak@ymail.com*
*Mob : 9437171440*

## ବିଶ୍ୱାସର ଖେଳ

### ତାରକ ମହାନ୍ତି

ଗୋଟେ ବିଶ୍ୱାସର ବାଲିବନ୍ଧରେ
ଠିଆ ହୋଇଥିବା ସମ୍ପର୍କଟା
ଭାଙ୍ଗିଯିବାକୁ ବା କେତେକ୍ଷଣ!

ସାମାନ୍ୟ ଅବୁଝାମଣା
ଅଳ୍ପକିଛି ସ୍ୱାର୍ଥ ପାଇଁ
ହୁଏତ ଭୁଶୁଡ଼ିଯାଏ
ଭଲପାଇବାର ସୁନ୍ଦର ଦୁର୍ଗଟିଏ,
ଯେଉଁକଥାକୁ ବୁଝୁବୁଝୁ
ସରିଯାଏ ଜୀବନ
ଅକସ୍ମାତ୍ ମରିଯାଏ ମନ ତଳେ ବଢୁଥିବା
କଅଁଳ ଡାଳପତ୍ର ଥିବା

ଗୋଲାପି ଗଛଟି, ଏକଥା
ମୁଁ ତ ଜାଣିଛି, ହେଲେ
ତୁମେ କ'ଣ ସେକଥାକୁ ଜାଣ!

ଭୟଙ୍କର ଝଡ଼ ପରେ
ଠିଆ ହେଇଥିବା ଦି'ସେଣିଆ
ନଡ଼ାଛପର ଘରଖଣ୍ଡିକୁ
ନିରେଖି ଦେଖିଲ ଥରେ
କେତେ ଅଳନ୍ଧୁ ଥିଲା ତା' ଭିତରେ
ପୁରୁଷ ପୁରୁଷ ଧରି ସେମିତି
ସାଇତା ସମ୍ପତ୍ତି ପରି
ଜେଜେମା' ଅମଳରୁ ଯେମିତି

ଓହଳିଥିଲା ଓରା ଉପରେ,
ନିଶୁଣି ଗୋଟିଏ ଥିଲେ ବି
ଅଳନ୍ଧୁ ପାଳଟି ଯାଇଥିଲା
ଘରର ସମ୍ପତ୍ତି, ଯାହା
କ୍ଷତି କରୁନଥିଲା କାହାର।
ହଁ, ନଈବଢ଼ିରେ ସେ' ସନ
ପଛୁଆଣି ପାଣି ଆସି
ଛୁଇଁଯାଇଥିଲା ଘରର ଅଗଣା,
ଦୋ'ଫସଲି ବିଲ ସାରା
ବାଲି ଚରିଯିବା ପରେ
ନା ଧାନ, ମୁଗ କିଛି ହେଲା
ସେଇଦିନଠୁ ସଞ୍ଜହେଲେ ଆଖୁବଣରେ
ଶୁଭୁଛି ବିଲୁଆର ହୁକେ ହୋ
ଏବଂ ଆଖୁପତ୍ରର ସୁ ସୁ ଗର୍ଜନ।

ଏତେ ଭିତରେ ବି ଜୀବନଟେ
ନିଅଣ୍ଟିଆ ସଂସାରର
ବୋଝ ବହି ବହି ବାଟ ଚାଲିଛି,
ବାଟ ହୁଡ଼ିଗଲେ କି ମିଳେ ଜୀବନ!

ଜୀବନ କହିଲେ ତ ଅନ୍ଧାରରୁ
ଆଲୋକଆଡ଼କୁ ମୁହଁକରି
ଧୀରେ ଧୀରେ ଆଗକୁ ଚାଲିବା
ପରକୁ ଆପଣାର କରି
କେତେବେଳେ କଅଁଳ ଦୁବଘାସରେ ତ
ଆଉ କେବେ କଣ୍ଟାରେ ଚାଲିବା,
ସବୁ କଥାରେ କି ଗୋଟେ ସନ୍ଦେହ
ହାକିମାତି ଓ ଭେଦଭାବ, ଜାଣିଥାଅ;
ସମ୍ପର୍କଟା ଗୋଟେ ବିଶ୍ୱାସର ଖେଳ।

*ଭୁବନେଶ୍ୱର-୨୧*
*ଫୋନ୍ ; ୯୪୩୭୧୩୩୭୭୭*

## ପ୍ରାର୍ଥନା

### ପ୍ରଭାତୀ ନାୟକ

ମନମନ୍ଦିରରେ ତୁମ ପାଇଁ
ଜଳୁଥିବା ଦୀପଶିଖା ଭିତରେ
ପ୍ରତୀକ୍ଷାର ଚିତ୍ର ବେଶ୍ ସ୍ୱଷ୍ଟ ଓ ସମର୍ପିତ।

ମୋର ସମସ୍ତ ପ୍ରାର୍ଥନା
ତୁମ ପାଇଁ ଓ ତୁମ ପାଇଁ
ଯାହା ଭାଷାରେ ଅବ୍ୟକ୍ତ
ମୋ ମନବଗିଚାର
ପ୍ରତିଟି ଫୁଲପାଖୁଡ଼ାରେ
ଯେତେଯେତେ ରଙ୍ଗ ଅଛି
ସବୁରଙ୍ଗ ଲାଗେ ମୋତେ
ହଁ, ତୁମେ ଇ ତ!

ମାନ କଲାବେଳେ ଭାବିବସେ
ତୁମର ଅନୁପସ୍ଥିତିରେ
ଏହାର ଅର୍ଥ ଅବା କ'ଣ!
ମୋ ନୀରବ ପ୍ରାର୍ଥନା
ନିରନ୍ତର ଭାବନା ଭିତରେ
ତୁମ ବ୍ୟତିରେକ କେହି ନାହିଁ
ଯାହା ତୁମେ ଜାଣ କି ନଜାଣ
ମୋ ଦୁନିଆରେ କେହି ନାହିଁ
ଆଉ ତୁମ ବ୍ୟତିରେକ।

*ଘର ନଂ-୩୦/ବ୍ଲକ୍-୩*
*ଇଡ୍‌କୋ କଲୋନୀ, ଭୁବନେଶ୍ୱର-୧୦*

## ସମୟାତୀତ

### ଜଟାୟୁ

ବିନ୍ଦୁ ସିନା ବିନ୍ଦୁ ନୁହେଁ
ମିଶିଗଲା ପରେ ହ୍ରଦର ହୃଦୟେ
ଭିଡ଼ ଭିତରର ଶବ୍ଦ ସଡ଼କରେ,
ଅମା ଅରମାରେ
କବିତା ମୋ ହଜି ହଜି ଯାଏ
କିଏ କହେ?
ଭିଡ଼କୁ ଡର କ'ଣ ଯେ
ଅନ୍ଧାରକୁ ଡର ପୁଣି କ'ଣ?

ବୀଜ ଭିତରେ ବି ଥାଏ ଅନ୍ଧକାର
ଦେଖିଚ କି?
ଜାଣିଛ କି କେଉଁ ଦିନ ବୁଜି
ହୋଇଗଲା?
କେଉଁଦିନ ପ୍ରସ୍ତ ପ୍ରସ୍ତ କାଳିମା ଭିତରେ
ସବୁଜିମା ତା'ର ହଜିଗଲା?

ଘନ ଘୋର କାଳିମା ବ୍ୟତୀତ
ସେ ବୀଜ କି ଅନ୍ୟ କିଛି ନୁହେଁ?
ରଜନୀରେ ମିଞ୍ଜି ମିଞ୍ଜି ତାରା ମେଳେ
ସୂର୍ଯ୍ୟତ୍ୱ କି ସଂକଟରେ ରହେ?
ଖୋଲିଦିଅ କବାଟ, ଝରକା
ଦେଖିଆସ ସମୟରେ ଶିଉଳି ଜମୁଛି
ଅନାବିଷ୍କୃତ ଭିଡ଼ରେ କବିତା ମୋ
ତା' ଆଗ୍ନେୟ ଆଗାମୀ ଛୁଉଁଛି!!

ଇ-ମେଲ୍ :
jatayu.example@gmail.com

## କାନେ କୃଷ୍ଣଚୂଡ଼ା କହେ

### ପ୍ରତାପ କୁମାର ସାହୁ

ରକ୍ତଗୋଲାପର ରକ୍ତିମ ଆଭାରୁ
ବୋଲିହେଇଛ କି ଦେହେ
ଲହଡ଼ିମାରୁଛି ଉଚ୍ଛୁଳା ଯୌବନ
କାନେ କୃଷ୍ଣଚୂଡ଼ା କହେ
ଗୋଲାପକୁ ଯେବେ ନିଜର ମୁଁ ଭାବେ
କଣ୍ଟା ମୋର ରକ୍ତନିଏ।

*ତୁଳସୀପୁର, ବାଙ୍କୀ, କଟକ*
*ମୋ : ୯୯୩୭୫୩୧୦୧୩*
*ଇ ମେଲ୍ :* **puripratap@gmail.com**

EKAMAATRA 23rd-29th January, 2017, Bhubaneswar
ଏକମାତ୍ର
ଅନୁସନ୍ଧାନ ପରେ ଖବର
ପ ରି କ୍ର ମା




ପୁରୀ ବେଳାଭୂମିରେ ଦେଶବିଦେଶର ବାଲୁକାଶିଳ୍ପୀଙ୍କ କଳା ପ୍ରଦର୍ଶନ

## ମହାନଦୀ ଜଳ ବିବାଦ : ଗଠନ ହେଲା କମିଟି
# ଯୋଗଦେଲେନି ଓଡ଼ିଶା ସରକାର

**ଭୁବନେଶ୍ୱର :** ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ବହୁସଂଖ୍ୟକ ନଦୀବନ୍ଧ ନିର୍ମାଣ କରି ଓଡ଼ିଶାକୁ କମ୍ ଜଳ ଛାଡ଼ିବା ଅଭିଯୋଗରେ ଓଡ଼ିଶା ସରକାର ଦୀର୍ଘଦିନ ହେବ ଆନ୍ଦୋଳନ କରିବା ସହିତ ଏହା ବିରୋଧରେ କେନ୍ଦ୍ର ନିକଟରେ ନିଜର ଦାବି ଜଣାଇସାରିଛନ୍ତି। ଏହି ପରିପ୍ରେକ୍ଷୀରେ ନିକଟରେ କେନ୍ଦ୍ର ସରକାର ଏହି ବିବାଦର ସମାଧାନ କରିବା ଲାଗି ଏକ କମିଟି ଗଠନ କରିଛନ୍ତି। ତେବେ ରାଜ୍ୟର ବିଜେଡି ସରକାର ଏହି କମିଟିରେ ଯୋଗ ଦେବନି ବୋଲି ସ୍ପଷ୍ଟ ମନା କରିଦେଇଛନ୍ତି। ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି ଯେ ଏହି ବିବାଦ କେବଳ ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ଏବଂ କେନ୍ଦ୍ର ସରକାର ଏଥିରେ ମଧ୍ୟସ୍ଥତା କରୁଛନ୍ତି। ମାତ୍ର ବିଜେପି ଶାସିତ ଅନ୍ୟ ରାଜ୍ୟଗୁଡ଼ିକୁ ଏହି କମିଟିରେ ସଦସ୍ୟତା ଦେଇ କେନ୍ଦ୍ର ଓଡ଼ିଶା ଉପରେ ଚାପ ସୃଷ୍ଟି କରିବାକୁ ଚେଷ୍ଟା କରୁଛି। ତେଣୁ ଏହି କମିଟି ଉପରେ ଓଡ଼ିଶା ସରକାର ସନ୍ଦେହ ପ୍ରକାଶ କରୁଛନ୍ତି। ସେଥିପାଇଁ ବିଜେଡି ଏହି କମିଟିରେ ଯୋଗ ଦେବନାହିଁ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜ୍ୟର ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ମଧ୍ୟ ଏହି କମିଟିକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଜଳ ବିବାଦ ନେଇ ଓଡ଼ିଶା ସରକାରଙ୍କ ଅଭିଯୋଗ ଓ ଆପତ୍ତି ଆଧାରରେ କେନ୍ଦ୍ର ସରକାର ଗଠନ କରିଛନ୍ତି ଏକ ବୁଝାମଣା କମିଟି। ଏ ସଂକ୍ରାନ୍ତରେ କେନ୍ଦ୍ର ଜଳସମ୍ପଦ ଓ ନଦୀ ବିକାଶ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି କମିଟିରେ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ରାଜ୍ୟର ୧୧ ପ୍ରତିନିଧି ସଦସ୍ୟ ରହିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ବ୍ୟାରେଜ ନିର୍ମାଣକୁ ନେଇ ଆପତ୍ତି ଉଠାଇଥିଲେ ଓଡ଼ିଶା ସରକାର। କେନ୍ଦ୍ର ଜଳସମ୍ପଦ ବିଭାଗ ମନ୍ତ୍ରୀ ଉମା ଭାରତୀଙ୍କ ଅଧ୍ୟକ୍ଷତାରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକ ବିଫଳ ପରେ ରାଜ୍ୟ ସରକାର ଟ୍ରିବ୍ୟୁନାଲ ଗଠନ ପାଇଁ କେନ୍ଦ୍ର ନିକଟରେ ଦାବି କରିଥିଲେ। ଏହି ପ୍ରସଙ୍ଗରେ ଓଡ଼ିଶା ସରକାର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି। ୧୯୫୬ ମସିହା ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନର ଧାରା ୩ ଅନୁସାରେ ଓଡ଼ିଶା ସରକାର କରିଥିବା ଆବେଦନ ଆଧାରରେ କେନ୍ଦ୍ର ଜଳସମ୍ପଦ ବିଭାଗ ଏହି କମିଟି ଗଠନ କରିଥିବା କୁହାଯାଇଛି। କେନ୍ଦ୍ରୀୟ ଜଳ କମିଶନର ଜଣେ ସଦସ୍ୟ ଏହି କମିଟିର ଅଧ୍ୟକ୍ଷ ରହିବେ। ମହାନଦୀର ଅବବାହ କ୍ଷେତ୍ର ଓ ଅବବାହିକାରେ ଥିବା ୫ଟି ରାଜ୍ୟ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଝାଡଖଣ୍ଡର ପ୍ରତିନିଧିଙ୍କ ସହ କେନ୍ଦ୍ର କୃଷି,ଜଙ୍ଗଲ ଓ ପରିବେଶ, ଜଳସମ୍ପଦ ମନ୍ତ୍ରାଳୟ ସହ କେନ୍ଦ୍ର ଜଳ କମିଶନ ଓ ପାଣିପାଗ ବିଭାଗର ମଧ୍ୟ ପ୍ରତିନିଧି ଏଥିରେ ରହିବେ ବୋଲି ସୂଚନା ମିଳିଛି।

# ଓଇଆର୍‌ସି ଅଧ୍ୟକ୍ଷ ହେଲେ ଉପେନ୍ଦ୍ର, ସିଏମ୍‌ଙ୍କ ସଚିବ ରାଜେଶ



**ଭୁବନେଶ୍ୱର :** ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ଅଧ୍ୟକ୍ଷ ଭାବେ ଅବସର ପ୍ରାପ୍ତ ଆଇଏଏସ୍ ଉପେନ୍ଦ୍ରନାଥ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଜ୍ୟପାଳ ଡଃ ଏସ୍.ସି.ଜମିର ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଅନ୍ୟପକ୍ଷରେ ୧୯୮୭ ବ୍ୟାଚ୍ ଆଇଏଏସ୍ ରାଜେଶ ବର୍ମାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ୍ ଓ ୧୯୯୫ ବ୍ୟାଚ୍ ଆଇଏଏସ୍ ହେମନ୍ତ ଶର୍ମାଙ୍କୁ ଶକ୍ତି ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ତଥା ୧୯୮୩ ବ୍ୟାଚ୍ ଆଇଏଏସ୍ ଉପେନ୍ଦ୍ରନାଥ ବେହେରା ଆଜି ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ରାଜଭବନର ଅଭିଷେକ ହଲ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟପାଳ ଡ଼ଃ ଜମିର ତାଙ୍କୁ ଓଇଆରସି ଅଧ୍ୟକ୍ଷ ଭାବେ ଶପଥ ପାଠ କରାଇଛନ୍ତି। ଏହି ସମାରୋହରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ସି.ଜେ.ବେଣୁଗୋପାଳଙ୍କ ସହ ବରୀଷ୍ଠ ଆଇଏଏସ୍ ଜଜନ କୁମାର ଧଳ, ଅସିତ୍ କୁମାର ତ୍ରିପାଠୀ, ରାଜେଶ ବର୍ମା, ଜିଜିଭି ଶର୍ମା,ହେମନ୍ତ ଶର୍ମା, ଅଶୋକ କୁମାର ମିନାଙ୍କ ଓ ଅନ୍ୟ ବରିଷ୍ଠ ଓଏଏସ୍ ଅଫିସରମାନେ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଜଷ୍ଟିସ ବିନୋଦ ପ୍ରସାଦଙ୍କ ଅଧ୍ୟକ୍ଷତା ବିଶିଷ୍ଟ ଚୟନ କମିଟି ସୁପାରିସ ଆଧାରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୬ ଅକ୍ଟୋବର ୨୭ତାରିଖରେ ଶ୍ରୀ ବେହେରାଙ୍କୁ ଓଇଆରସି ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହେବା ପାଇଁ ମଞ୍ଜୁରି ଦେଇଥିଲେ। ଗ୍ରୀଡ୍‌କୋ ଓ ଓପିଟିସିଏଲ୍ ପରିଚାଳନା ନିର୍ଦ୍ଦେଶକ ହେମନ୍ତ ଶର୍ମାଙ୍କୁ ଶକ୍ତି ସଚିବ ଭାବେ ଦାୟିତ୍ୱ ନ୍ୟସ୍ତ ହୋଇଛି। ସେହିପରି ଭାବେ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି।

## ବିଭିନ୍ନ ବିଭାଗର କାର୍ଯ୍ୟ ତଦାରଖ : ବରିଷ୍ଠ ଅଧିକାରୀଙ୍କୁ ମିଳିଲା ଦାୟିତ୍ୱ

ଭୁବନେଶ୍ୱର: ରାଜ୍ୟ ସରକାର ବିଭିନ୍ନ ବିଭାଗର କାର୍ଯ୍ୟ ତଦାରଖ ପାଇଁ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ବ□ନ କରିଛନ୍ତି। ତଦନୁଯାୟୀ ମୁଖ୍ୟ ଶାସନ ସଚିବଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ୧୯ ଟି ବିଭାଗ ଥିବାବେଳେ ଉନ୍ନୟନ କମିସନଙ୍କ ହାତରେ ୧୭ ଓ କୃଷି ଉତ୍ପାଦନ କମିସନରଙ୍କ ନିକଟରେ ୫ଟି ବିଭାଗ କରିଛି।

ଦିୟିତ୍ୱ ପୁର୍ନବର୍ଣ୍ଟନ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପ୍ରକାଶ କରିଥିବା ବିଜ୍ଞପ୍ତିରେ ଏଣିକି ସରକାରୀ ଅନୁମୋଦନ ପାଇଁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ବାଟଦେଇ ଶକ୍ତି, ଅର୍ଥ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଜଙ୍ଗଲ ଓ ପରିବେଶ, ସାଧାରଣ ପ୍ରଶାସନ, ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ, ସ୍ୱରାଷ୍ଟ, ଗୃହନିର୍ମାଣ ଓ ନଗର ଉନ୍ନୟନ, ଶିଳ୍ପ, ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା, ଆଇନ୍, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପ□ାୟତିରାଜ, ସଂସଦୀୟ ବ୍ୟାପାର, ଯୋଜନା ଓ ସଂଯୋଜନ, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ଇସ୍ପାତ ଓ ଖଣି ଏବଂ ଜଳସମ୍ପଦ ବିଭାଗର ଫାଇଲ୍ ଯିବ। ସେହିଭଳି ଉନ୍ନୟନ କମିସନର ଆର୍. ବାଲକ୍ରିଷ୍ଣନ୍‌ଙ୍କ ହାତରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଅବକାରୀ, ଉଚ୍ଚଶିକ୍ଷା, ସୂଚନା ଓ ଲୋକସମ୍ପର୍କ, ଶ୍ରମ ଓ ଇଏସ୍‌ଆଇ, ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ, ସାଧାରଣ ଉଦ୍ୟୋଗ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ ବୈଷୟିକ ଜ୍ଞାନ, କ୍ରୀଡା ଓ ଯୁବସେବା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ପର୍ଯ୍ୟଟନ ଓ ସଂସ୍କୃତି, ମହିଳା ଏବଂ ଶିଶୁ ବିକାଶ, ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ରହିବ। ଯେକୌଣସି ବିଭାଗର ଯେକୌଣସି ନଥି ମଧ୍ୟ ମୁଖ୍ୟ ଶାସନ ସଚିବ ଚାହିଁଲେ ମଗାଇ ପାରିବେ। ଅର୍ଥ ବିଭାଗର ଯେଉଁସବୁ ନଥିରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ଲୋଡା ସେ ସମସ୍ତ ନଥିପତ୍ର ଉନ୍ନୟନ କମିଶନରଙ୍କ ମାଧ୍ୟମ ଦେଇ ମୁଖ୍ୟ ଶାସନ ସଚିବ ଓ ଅର୍ଥମନ୍ତ୍ରୀଙ୍କ ପାଖକୁ ପଠାଯିବବୋଲି ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଅଶୋକ କୁମାର ମୀନାଙ୍କ ଦ୍ୱାରା ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି।



## ଅତିରିକ୍ତ ମୁଖ୍ୟସଚିବ ପାହ୍ୟାକୁ ଉନ୍ନୀତ ହେଲେ ଗଗନ ଧଳ

ଭୁବନେଶ୍ୱର: ବର୍ତ୍ତମାନ କୃଷି ଉତ୍ପାଦନ କମିସନର ପଦରେ କାର୍ଯ୍ୟରତ ଗଗନ କୁମାର ଧଳ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି। ତାଙ୍କ ଭଳି ୧୯୮୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ୟୁ.ପି.ସିଂହ ଏବଂ ସୁରେନ୍ଦ୍ର ନାଥ ତ୍ରିପାଠୀ ମଧ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାକୁ ଉନ୍ନୀତ ହୋଇଛନ୍ତି। ଆଇଏଫ୍‌ଏସ୍ ଅଫିସର ସ୍ତରରେ ମଧ୍ୟ ଅଦଳ ବଦଳ ହୋଇଛି। ୧୯୮୨ ବ୍ୟାଚ୍‌ର ଆଇଏଫ୍‌ଏସ୍ ସୁବାଷ ଚନ୍ଦ୍ର ମିଶ୍ରଙ୍କୁ କେନ୍ଦୁପତ୍ର ପ୍ରଧାନମୁଖ୍ୟ ବନ ସଂରକ୍ଷକ(ପିସିସିଏଫ୍) ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ୧୯୮୪ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଜିତ ଭର୍ତ୍ତୃହରିଙ୍କୁ ଜଙ୍ଗଲ ବିଭାଗର ସ୍ୱତନ୍ତ୍ର ସଚିବ, ସମ୍ବଲପୁର ମଣ୍ଡଳରେ ଅତିରିକ୍ତ ପିସିପିଏଫ୍ ୧୯୮୬ ବ୍ୟାଚ୍ ଆଇଏଫ୍‌ଏସ୍ ଏଲ୍.କେ.ତିୱାରୀଙ୍କୁ ପଦୋନ୍ନତି, ୧୯୮୬ ବ୍ୟାଚ୍ ଆଇଏଫ୍‌ଏସ୍ ପି.କେ.ମୋହନଙ୍କୁ ବାଉଁଶ ମିସନର ନୂଆ ଦିର୍ଦେଶକ, ୧୯୮୯ ବ୍ୟାଚ୍ ଆଇଏଫ୍‌ଏସ୍ ସୁଶାନ୍ତ ନନ୍ଦଙ୍କୁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷର ସିଇଓ, ଅନୁଗୁଳରେ ଫରେଷ୍ଟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ୨୦୦୪ ବ୍ୟାଚ୍ ଆଇଏଫ୍‌ଏସ୍ ଏ.କେ. ପ୍ରତଭାକରଙ୍କୁ ପଦୋନ୍ନତି ଦିଆଯାଇଛି।

# ଉପାୟ ନପାଇ ଡିଜିଟାଲ ପେମେଣ୍ଟ

**ଭୁବନେଶ୍ୱର :** ବିବାଦୀୟ ବିମୁଦ୍ରୀକରଣ ପଦକ୍ଷେପକୁ ସଫଳ ପ୍ରମାଣିତ କରିବା ପାଇଁ କେନ୍ଦ୍ର ସରକାର ଡିଜିଟାଲ ପେମେଣ୍ଟକୁ ଢାଲ କରିଛନ୍ତି। ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳ ଘୋଷଣା ପରେ ଦେଶର ବିଭିନ୍ନ ସ୍ଥାନରେ କ୍ୟାସ୍‌ଲେସ୍ ଟ୍ରାଞ୍ଜାକ୍ସନ ବା ନଗଦବିହୀନ ଦେଣନେଣ ବଢ଼ିଥିବା କୁହାଯାଉଛି। ସରକାରଙ୍କ ଏହି ବାହାସ୍ଫୋଟ ଓ ବାସ୍ତବିକ ସ୍ଥିତି ମଧ୍ୟରେ ବଡ଼ ପାର୍ଥକ୍ୟ ଅଛି। ରାଜ୍ୟରେ ଇଣ୍ଟରନେଟ୍ ସଂଯୋଗ, ସ୍ମାର୍ଟଫୋନ୍, ବ୍ୟାଙ୍କିଙ୍ଗ୍ ସୁବିଧା ଅଭାବ ରହିଛି। ଏଥିସହିତ ଅଧିକାଂଶ ଲୋକ ଡିଜିଟାଲ ପେମେଣ୍ଟ ମାଧ୍ୟମଗୁଡ଼ିକର ବ୍ୟବହାର ବିଷୟରେ ଅବଗତ ନୁହନ୍ତି। ତେଣୁ ରାଜ୍ୟରେ ଡିଜିଟାଲ ପେମେଣ୍ଟ ପ୍ରଚଳନ ଆଶାନୁଚିତ ଭାବେ ବଢ଼ିନାହିଁ। ବିମୁଦ୍ରୀକରଣ ଘୋଷଣା ପରେ ଚାରିଆଡ଼େ ଟଙ୍କା ଅଭାବ ଦେଖାଯାଇଛି। ଏଥିସହ ସରକାର ବ୍ୟାଙ୍କ, ଏଟିଏମ୍‌ରୁ ଉଠାଣ ଉପରେ କଟକଣା ଲଗାଇଦେଇଛନ୍ତି। ଏଭଳି ସ୍ଥିତିରେ ଅନେକ ଗ୍ରାହକ ଓ ବ୍ୟବସାୟୀ ନଗଦ ବଦଳରେ କାର୍ଡ ଓ ମୋବାଇଲ ୱାଲେଟ୍ ଧରିବାକୁ ବାଧ୍ୟ ହେଉଛନ୍ତି। ଛୋଟକାଟିଆ ଦୋକାନରେ ବି ପେଟିଏମ୍ ଭଳି ଆପ୍‌ର ବୋର୍ଡ଼ ଝୁଲୁଛି। ହେଲେ ସେସବୁର ବ୍ୟବହାର ଆଶାନୁରୂପ ଭାବେ ହେଉନାହିଁ। ଶିଳ୍ପ ସଂଘମାନଙ୍କର କହିବାନୁଯାୟୀ, ସବୁ କ୍ଷେତ୍ରରେ ଡିଜିଟାଲ ପେମେଣ୍ଟ ବ୍ୟବହାର ଆଶାନୁଯାୟୀ ବଢ଼ିନି। ସରକାର ଯେତେ ପ୍ରୋତ୍ସାହନ ଦେଲେ ବି ଓଡ଼ିଶା ଭଳି ରାଜ୍ୟରେ କ୍ଷୁଦ୍ର ବ୍ୟବସାୟୀ ଓ ନିରକ୍ଷର ଲୋକମାନେ ଡିଜିଟାଲ ପେମେଣ୍ଟକୁ ଆପଣାଇବା ଦୀର୍ଘଦିନ ପର୍ଯ୍ୟନ୍ତ ସମ୍ଭବ ହେବନାହିଁ। ସୁରକ୍ଷା ଦୃଷ୍ଟିରୁ ଡିଜିଟାଲ ମାଧ୍ୟମରେ ମୋଟା ଅଙ୍କର ଦେଣନେଣ କରିବାକୁ ଲୋକେ ସଂକୋଚ କରୁଛନ୍ତି।

# ଏପ୍ରିଲ ୩୦ ଯାଏ ଧାନ ସଂଗ୍ରହ

ଭୁବନେଶ୍ୱର: ରାଜ୍ୟରେ ଚଳିତ ଖରିଫ ଋତୁରେ ଧାନସଂଗ୍ରହ ଆସନ୍ତା ଏପ୍ରିଲ ୩୦ ତାରିଖ ଯାଏ ବୃଦ୍ଧି କରାଯାଇଛି। ଉପକୂଳ ଜିଲ୍ଲାରେ ଧାନ ଅମଳ ବିଳମ୍ବ ହେଉଥିବାରୁ ସଂଗ୍ରହ ସମୟ ସୀମା ଆଉ ମାସେ ଘୁଞ୍ଚାଇବାକୁ ନିଷ୍ପତ୍ତି ହୋଇଛି। ଏ ନେଇ ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ଏ ନେଇ ଜିଲ୍ଲାପାଳଙ୍କୁ ଜଣାଇ ଦିଆଯାଇଛି। ପୂର୍ବରୁ ମାର୍ଚ୍ଚ ୩୧ ଯାଏ ଧାନ ସଂଗ୍ରହ ପାଇଁ ସମୟ ସୀମା ଧାର୍ଯ୍ୟ କରାଯାଇଥିଲା।

ନଭେମ୍ବର ୧୫ ତାରିଖରୁ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଚଳିତ ବର୍ଷ ଖରିଫ ଋତୁରେ ୪୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯିବ। ଏ ପର୍ଯ୍ୟନ୍ତ ୧୭ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ଏ ବାବଦରେ ଚାଷୀଙ୍କୁ ୨୦୨୧ କୋଟି ଅନ୍‌ଲାଇନ୍ ଜରିଆରେ ପ୍ରଦାନ କରାଯାଇଛି। ମିଲରମାନେ ଏ ପର୍ଯ୍ୟନ୍ତ ୨ ଲକ୍ଷ ୪୬ ହଜାର ମେଟ୍ରିକ ଟନ ଚାଉଳ ସରକାରଙ୍କ ନିକଟରେ ଦାଖଲ କରିଛନ୍ତି। ୨୦୧୫-୧୬ ଖରିଫ ଋତୁରେ ଜାନୁୟାରୀ ୧୭ ତାରିଖ ସୁଦ୍ଧା ମାତ୍ର ୧ ଲକ୍ଷ ୨୭ ହଜାର ମେଟ୍ରିକ ଟନ ଚାଉଳ ମିଲରମାନେ ଦାଖଲ କରିଥିଲେ। ଗତ ବର୍ଷ ଏହି ସମୟରେ ୧୧ ପ୍ରତିଶତ ଚାଉଳ କ୍ରୟ କରାଯାଇଥିବା ବେଳେ ଚଳିତ ବର୍ଷ ୨୧ ପ୍ରତିଶତ ମିଲରମାନଙ୍କଠାରୁ ସଂଗ୍ରହ କରାଯାଇଛି। ଚଳିତ ବର୍ଷ ରାଜ୍ୟର ୨୯୪ଟି ବ୍ଲକ୍‌ରେ ପି-ପାସ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିବା ବେଳେ ୯.୫ ଲକ୍ଷ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଚଳିତ ବର୍ଷ ପ୍ରଥମଥର ପାଇଁ ମିଲରମାନଙ୍କୁ ୧୦୦ ପ୍ରତିଶତ ଚାଉଳ ଦାଖଲ କରିବାକୁ ଯୋଗାଣ ବିଭାଗ ପକ୍ଷରୁ ଦିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଦାଖଲ ନ କରିବେ ସେମାନଙ୍କୁ ଧାନ ସଂଗ୍ରହରୁ ତୁରନ୍ତ ବାଦ୍ ଦେବାକୁ ନିଷ୍ପତ୍ତି ହୋଇଛି।

## ସାଇବର କ୍ରାଇମ୍
# ୫ ଗିରଫ



**କଟକ :** କଟକ କମିଶନରେଟ ପୋଲିସ୍ ଏକ ସାଇବର ଠକେଇ ମାମଲାର ପର୍ଦ୍ଦାଫାସ କରି ୫ ଜଣଙ୍କୁ ଗିରଫ କରିଛି। ଗିରଫ ୫ ଜଣଙ୍କ ମଧ୍ୟରୁ ଦୁଇ ଜଣ ସାଲେପୁର ବିଏସ୍‌ଏନ୍‌ଏଲ୍ କର୍ମଚାରୀ ଧ୍ରୁବଚରଣ ଖଟାଇ କୃତ୍ତିଦାସ କାଣ୍ଡି। ସୂଚନା ଅନୁସାରେ ଦୁବୃର୍ତ୍ତମାନେ କଟକ ସିଡିଏ ଅଞ୍ଚଳର ସଞ୍ଜୀବ ଦାସଙ୍କ ଝିଅ ସାଳିନୀ ଦାସଙ୍କ ନାଁରେ ଥିବା ଆକାଉଣ୍ଟରୁ ୨୫ ଲକ୍ଷ ୧୧ ହଜାର ୮୪ ଟଙ୍କା ହ୍ୟାକ କରି ହଡ଼ପ କରିଛନ୍ତି। ଗତ ନଭେମ୍ବର ୨୬ ରୁ ୨୮ ତାରିଖ ମଧ୍ୟରେ ୭୧ଟି ଟ୍ରାଞ୍ଜାକସନ୍ ମାଧ୍ୟମରେ ଏହି ଟଙ୍କା ଗାଏବ ହୋଇଥିଲା। ଏ ନେଇ ସଞ୍ଜୀବ ମର୍କତନଗର ଥାନାରେ ଅଭିଯୋଗ କରିଥିଲେ। ୟୁଜର ନେମ ଓ ପାସ୍‌ୱାଡ଼ ହ୍ୟାକ୍ କରି ଦୁବୃର୍ତ୍ତମାନେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ପାଇଁ ରେଜିଷ୍ଟ୍ରେଟ ମୋବାଇଲ ନମ୍ବର ପାଇଥିଲେ। ପରେ ଜାଲ କାଗଜପତ୍ର ମାଧ୍ୟମରେ ସାଲେପୁର ବିଏସ୍‌ଏନ୍‌ଏଲ୍ ଅଫିସରୁ ନକଲି ସିମ୍ କାର୍ଡ଼ ବାହାର କରି ଏହି ନମ୍ବର ମାଧ୍ୟମରେ ସହଜରେ ଓଟିପି ନମ୍ବର ହାସଲ କରି ଦୁବୃର୍ତ୍ତମାନେ ଟଙ୍କା ହଡ଼ପ କରିଥିଲେ। ସିମ୍ କାର୍ଡ଼ ସମ୍ପର୍କରେ ସଞ୍ଜୀବନ ଜାଣିବା ବେଳକୁ ଦୁବୃର୍ତ୍ତମାନେ ଟଙ୍କା ଲୁଟ୍ କରିସାରିଥିଲେ। ସଞ୍ଜୀବ ମର୍କତନଗର ଥାନାରେ ଟଙ୍କା ହଡ଼ପ୍ ସମ୍ପକରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି କୋଲକାତାରୁ ୩ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ପଚାରାଉଚରା କରି ସେମାନଙ୍କଠାରୁ ସୁନା ଚେନ୍, ୯୫,୦୦୦ ଟଙ୍କା ଓ ୩ଟି ବାଇକ ଜବତ କରିଛି।



ଇଣ୍ଡିଆନ୍ ନାଭି ପକ୍ଷରୁ ପୁରୀ ବିଚ୍ ଫେଷ୍ଟିଭାଲରେ ବ୍ୟାଣ୍ଡ୍ ପରିବେଷଣ

# ନିଆଁ ଭିତରେ ଅଘୋର ତପସ୍ୟା

**ଉପସ୍ଥାପନା : ଜାହ୍ନବୀସୂତ**

ଈଶ୍ୱରଙ୍କ ସତ୍ତା ରହିଛି କି ନା, ତାହା ଆଜି ବି ମଣିଷ ଅନୁସନ୍ଧାନ ଜାରି ରଖିଛି। ତେବେ ଈଶ୍ୱର କଣିକା ରହିଛି ବୋଲି ବିଜ୍ଞାନ ମତ ଦେଇଛି। ଏସବୁ ସତ୍ତ୍ୱେ କାହିଁ କେଉଁ ଆଦିମ କାଳରୁ ମଣିଷ ଭଗବାନଙ୍କ ଉପରେ ବିଶ୍ୱାସ ରଖିଆସିଛି। ସୁଖଦୁଃଖରେ ମଣିଷକୁ ଭଗବାନ ସହାୟ ହୋଇଥାନ୍ତି ବୋଲି ମଧ୍ୟ ବିଶ୍ୱାସ। ଏମିତି ଅନେକ ଉଦାହରଣ ରହିଛି ଆମ ସମାଜରେ। ସମସ୍ତଙ୍କୁ ଜଣା ଯେ ଈଶ୍ୱରୀୟ ସତ୍ତା ସବୁବେଳେ ଅଦୃଶ୍ୟ। ଆମେ କେବଳ ତାଙ୍କ ପ୍ରତିମାକୁ ପୂଜା କରୁ। ତେଣୁ ଈଶ୍ୱରଙ୍କୁ ନେଇ ମଣିଷ ମନରେ ଯୁଗଯୁଗରୁ ରହିଛି ଜିଜ୍ଞାସା। ଆଉ ଏହି ଜିଜ୍ଞାସାକୁ ଦୂର କରିବା ପାଇଁ ଯେଉଁମାନଙ୍କର ସାହାରା ମଣିଷ ନେଇଥାଏ, ସେମାନେ ହେଉଛନ୍ତି ସାଧୁସନ୍ଥ ଓ



ବାବା। ଆଉ ଏମାନେ ଅନେକ ଅଲୌକିକ ଶକ୍ତିର ଅଧିକାରୀ ବୋଲି ଦାବି କରିଥାନ୍ତି। ତେବେ ଏମାନଙ୍କର ଏହି ଅଲୌକିକ ଶକ୍ତି ସବୁବେଳେ ମଣିଷ ମନରେ ରହସ୍ୟ ସୃଷ୍ଟି କରିଥାଏ। ସେମିତି ଜଣେ ବାବା ହେଉଛନ୍ତି ତାମିଲନାଡୁ ତାଞ୍ଜାଭୁରର ଯୋଗୀ ରମ୍ଭୁସ୍ୱାମୀ। ସେ ଜଳନ୍ତା ନିଆଁରେ ଶୋଇ ତପସ୍ୟା କରିଥାନ୍ତି ବୋଲି କୁହାଯାଏ। ବିଗତ ୪୫ ବର୍ଷ ଭିତରେ ସେ ପ୍ରାୟ ୧୦୦୦ ଥର ଅଗ୍ନି ତପସ୍ୟା କରିଛନ୍ତି। ତାଙ୍କର ଏପରି ଅଗ୍ନି ଉପାସନା ଆଜି ବି ରହସ୍ୟମୟ। ଏହା ଯଦିଓ ଆଶ୍ଚର୍ଯ୍ୟଜନକ ଓ ଅବିଶ୍ୱାସଯୋଗ୍ୟ, ତଥାପି ଅନେକ ଲୋକେ ବିଶ୍ୱାସ କରିଆସୁଛନ୍ତି। ତେବେ ଏଠାରେ ପ୍ରଶ୍ନଉଠେ ଯେ ଏ ସାଧୁଙ୍କର ଚର୍ମ କ'ଣ ଅନ୍ୟମାନଙ୍କ ଚର୍ମ ଅପେକ୍ଷା ଭିନ୍ନ? ଯଦି ହଁ, ତେବେ ଏହା କେମିତି ସମ୍ଭବ? ଏହା କ'ଣ ଦୈବୀକୃପା? କେହି କ'ଣ ଜଳନ୍ତା ନିଆଁରେ ଶୋଇପାରେ?

କେବଳ ଏତିକି ନୁହେଁ, ବରଂ ବାବାଙ୍କୁ ନେଇ ଆହୁରି ଅନେକ କଥା ବି ଶୁଣିବାକୁ ମିଳେ। ତାଙ୍କ ଶରୀରର ଓଜନ ମାତ୍ର ୪୩ କିଲୋଗ୍ରାମ୍। ଆଉ ବାବା ଦିନକୁ ଦୁଇଥର କେବଳ କିଛି ଜଳ ସହିତ ୧ ଗ୍ଲାସ୍ କ୍ଷୀର ଓ କଦଳୀ ଖାଇଥାନ୍ତି। ଏତଦ୍‌ବ୍ୟତୀତ ଅନ୍ୟ କୌଣସି ଜିନିଷ ସେ ସେବନ କରିନଥାନ୍ତି। ତେବେ କ୍ଷୀଣ ଶରୀରରେ ସେ ଅଗ୍ନିର ତେଜ କେମିତି ସହନ କରୁଛନ୍ତି ବୋଲି ଅନେକେ ପ୍ରଶ୍ନ ଉଠାଇଛନ୍ତି। ଏମିତିକି ଅନେକ ଚର୍ଚ୍ଚା ପରେ କେହି କେହି ତାଙ୍କ ପିନ୍ଧା ବସନ କିମ୍ବା ତାଙ୍କ ଦେହରେ କିଛି କେମିକାଲ ବୋଳାଯାଇଥିବା ସନ୍ଦେହ କରିଥିଲେ। କିନ୍ତୁ ଏସବୁ ସନ୍ଦେହ ଆଜି ବି ରହସ୍ୟଘେରରେ। ପୁଣି ବାବା ୧୯୭୫ ମସିହାରୁ ପାଣି ପିଇବା ମଧ୍ୟ ଛାଡ଼ିଦେଇଛନ୍ତି। ହେ ଭଗବାନ! ଏହା କ'ଣ ସମ୍ଭବ? ଜଣେ କେହି ମଣିଷ ପାଣି ନପିଇ ବଞ୍ଚିବା କ'ଣ ସମ୍ଭବ? ବିଜ୍ଞାନୀମାନେ ଏହାକୁ ଅନ୍ଧବିଶ୍ୱାସ ବୋଲି କହିଥାନ୍ତି। କିନ୍ତୁ ସାଧାରଣ ଲୋକଟିଏ ପାଇଁ ଏହି ଘଟଣା ଅତ୍ୟନ୍ତ ରହସ୍ୟମୟ।

ଏମିତି ଆଉ ଜଣେ ଅଲୌକିକ ଶକ୍ତିଧାରୀ ସନ୍ଥ ହେଉଛନ୍ତି ବାବା ରାଜଦାସ। ତାଙ୍କ ରମ୍ଭୁସ୍ୱାମୀଙ୍କଠାରୁ ରାଜଦାସଙ୍କ କୀର୍ତ୍ତି କିଛି କମ୍ ନୁହେଁ। ଫଟୋକୁ ଦେଖିଲେ ନିଜ ଆଖିକୁ ବିଶ୍ୱାସ ହେଉନାହିଁ। କିନ୍ତୁ ଘଟଣାଟି ସତ। ପ୍ରଚଣ୍ଡ ରୌଦ୍ରରେ ବି ଅତି ନିକଟରେ ଅଗ୍ନି ଜାଳି ସାଧୁଜଣକ ଏଭଳି ବସିଛନ୍ତି ସତେ ଯେପରି ତାଙ୍କୁ କିଛି ବି କଷ୍ଟ ହେଉନାହିଁ! ସେ ହେଉଛନ୍ତି ହଟଯୋଗୀ ବାବା ରାଜଦାସ। ସେ ଏଭଳି ଅବସ୍ଥାକୁ ଆସିବା ପୂର୍ବରୁ ପ୍ରଥମେ ସ୍ନାନ କରିଥାନ୍ତି। ବାବା ହେଉଛନ୍ତି ଦେବଦେବ ମହାଦେବଙ୍କ ଜଣେ ପରମ ଭକ୍ତ। ତେଣୁ ତାଙ୍କ ପାଖରେ ଏକ ତ୍ରିଶୂଳ ସବୁବେଳେ ରହିଥାଏ। କେହି କେହି କହିଥାନ୍ତି ଯେ ବାବା ମହାଦେବଙ୍କ କୃପାରୁ ଏଭଳି ଚମତ୍କାର କରିପାରୁଛନ୍ତି। ଆଉ କେହି କେହି କୁହନ୍ତି ଏହା ପଛରେ ବିଜ୍ଞାନ ଲୁଚି ରହିଛି। କାରଣ ଅନ୍ଧବିଶ୍ୱାସକୁ ବିଶ୍ୱାସ ରଖିପାରୁ ନଥିବା ଆମଭଳି ଲୋକଙ୍କ ପାଇଁ ଏହା ନିହାତି ଏକ ସାଧାରଣ ଘଟଣା। କିନ୍ତୁ ଯେଉଁମାନେ ଏଭଳି କଥାରେ ବିଶ୍ୱାସ ରଖନ୍ତି, ସେମାନଙ୍କ ପାଇଁ ନିହାତି ଏକ ରହସ୍ୟମୟ ଘଟଣା। ତେବେ ସାଧାରଣ ଲୋକଙ୍କ ପାଇଁ ଏହା ଏକ ବିରାଟ ଓ ରହସ୍ୟମୟ ଘଟଣା। ତେବେ ସାଧାରଣ ଲୋକଙ୍କ ମନରେ ଏଭଳି ଘଟଣା ନିହାତି ମହାଦେବଙ୍କ କୃପାରୁ ସମ୍ଭବ ବୋଲି ବିଶ୍ୱାସ କରାଯାଏ।

ପ୍ରଚଣ୍ଡ ରୌଦ୍ରତାପରେ ବି ବାବା ପ୍ରଥମେ ଚାରିପଟେ ନିଆଁ ସଂଯୋଗ କରନ୍ତି। ଆଉ ନିଆଁ ଚାରିଆଡ଼େ ବ୍ୟାପିଯିବା ପରେ ତା' ମଝିରେ ବାବା ଧ୍ୟାନମୁଦ୍ରାରେ ବସି ଯାଆନ୍ତି। ସତେ ଯେମିତି ସେ କେଉଁ ଜଙ୍ଗଲର ମଳୟ ବହୁଥିବା ଖୋଲା ଶୁନ୍‌ଶାନ୍ ସ୍ଥାନରେ ବସିଛନ୍ତି। କିଛି ବି କଷ୍ଟ ଲାଗୁନି ତାଙ୍କୁ। ଏମିତିକି ନିଆଁ ଉପରେ ଶୋଇଯାଉଛନ୍ତି ମଧ୍ୟ। କିନ୍ତୁ ଆଶ୍ଚର୍ଯ୍ୟର କଥା କିଛି ସମୟ ପରେ ବାବା ଧୀରେ ଧୀରେ ଉଠିଆସନ୍ତି ଧ୍ୟାନରୁ ଆଉ ପ୍ରଣାମ କରନ୍ତି। ଏସବୁ ଦେଖିବା ପରେ ଯେ କେହି ବି ଆଶ୍ଚର୍ଯ୍ୟ ଚକିତ



ହୋଇଯିବ।

ଆମ ସମାଜରେ ପ୍ରଚଳିତ ରହିଛି ଅନେକ ପ୍ରଥା ପରମ୍ପରା। ଏସବୁ ପରମ୍ପରାକୁ ଆମେ ରହସ୍ୟମୟ ମଧ୍ୟ କହିପାରିବା। ଆଉ ଶିକ୍ଷିତ ସମାଜ ଏହାକୁ ଅନ୍ଧବିଶ୍ୱାସ ବୋଲି ଗ୍ରହଣ କରିନେଇଥିଲେ ମଧ୍ୟ ଏଭଳି ପ୍ରଥା ବନ୍ଦ ହେବାର ନାଁ ବି ନେଉନାହିଁ। ଯେମିତି ଶ୍ରାବଣ ମାସରେ ଶହ ଶହ ମାଇଲ ବାଟ ଚାଲି କାଉଡ଼ିଆମାନେ ଦେବଦେବ ମହାଦେବଙ୍କ ମଥାରେ ଜଳଲାଗି କରିଥାନ୍ତି। ସେମାନଙ୍କର ଧାରଣା ଯେ କଷ୍ଟ କଲେ ଦେବଦେବ ମହାଦେବ ପ୍ରସନ୍ନ ହୁଅନ୍ତି ଓ ମନସ୍କାମନା ପୂର୍ଣ୍ଣ କରିଥାନ୍ତି। ସେହିଭଳି ଓଡ଼ିଶାରେ ଝାମୁଯାତ୍ରା ଓ ଦଣ୍ଡଯାତ୍ରା ସମୟରେ ଅନେକ ବ୍ରତଧାରୀ ନିଆଁରେ



ଚାଲି, କଣ୍ଟାରେ ଗଡ଼ି, ଦେହରେ କଣ୍ଟା ଫୋଡ଼ି ଉପାସନା କରିଥାନ୍ତି। ରମ୍ଭୁସ୍ୱାମୀ ଓ ରାଜଦାସଙ୍କ ଧ୍ୟାନ ଭଳି ଓଡ଼ିଶାର ଝାମୁଯାତ୍ରା ବି କିଛି କମ୍ ନୁହେଁ। ରଡ଼ନିଆଁ ଉପରେ ଚାଲିଥାନ୍ତି କାଳିସୀ ଓ ବ୍ରତଧାରୀମାନେ। ହଳଦୀପାଣିରେ ଗୋଡ଼ ବୁଡ଼ାଇ ନିଜ ଉପାସ୍ୟ ଦେବତାଙ୍କୁ ଧ୍ୟାନକରି ନିଆଁରେ ଚାଲିଥାନ୍ତି। ଯଦି ଟିକିଏ ଗାଢ଼େଇ ଚିନ୍ତା କରାଯାଏ, ତେବେ ସାମାନ୍ୟ ଗରମ ଚା' ପିଇବା ବେଳେ ଯଦି ଜିଭ ପୋଟକା ହୋଇଯାଉଛି, ତେବେ ଏତେ କଷ୍ଟକୁ ସେମାନେ ସହୁଛନ୍ତି କିପରି? ଏହା କ'ଣ ଦୈବୀକୃପା? ଦିଅଁ ଦେବତାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିବିଶେଷ ଏଭଳି କଠୋର ଉପାସନାକୁ ବିଶ୍ୱାସ କରନ୍ତି, ହୁଏତ ଆମ ପାଇଁ ଏହା ଅନ୍ଧବିଶ୍ୱାସ ହୋଇପାରେ, କିନ୍ତୁ ସାଧାରଣ ମଣିଷର ମନର କେଉଁ ଅଦେଖା କୋଣରେ ନିହାତି ଏଭଳି ଉପାସନାକୁ ନେଇ ରହସ୍ୟ ଲୁଚି ରହିଥିବ। ଏଭଳି ଘଟଣା ଆମ ସମାଜରେ ଆଜି ନୁହେଁ, ବରଂ ବର୍ଷ ବର୍ଷ ଧରି ଚାଲିଆସୁଛି। ଈଶ୍ୱରୀୟ ସତ୍ତାକୁ ଉପଲବ୍ଧି କରି ମଣିଷ ଏଭଳି କରିଚାଲିଛି। ତେବେ ନିଆଁ ଚାଲିବା ଓ ନିଜ ଶରୀରକୁ କଷ୍ଟ ଦେଇ କ'ଣ ଭାଗବାନଙ୍କୁ ସନ୍ତୁଷ୍ଟ କରିହୁଏ? ଏ ପ୍ରଶ୍ନ ଆମ ମନରେ ରହିଛି। ଆମେ ଏ କଥାକୁ ଅନ୍ଧବିଶ୍ୱାସ କହି ଏଡାଇଯାଇ ପାରିବା। କିନ୍ତୁ ସାଧାରଣ ଜନତା ଏକଥାକୁ ଏବେ ବି ନିଜ ମନ ଭିତରେ ଜାବୁଡ଼ି ଧରି ରଖିଛନ୍ତି।

ପଞ୍ଜାବର ଚଣ୍ଡିଗଡ଼ ସହରଠାରୁ ପ୍ରାୟ ୫୦ କିଲୋମିଟର ଗଲା ପରେ ୨୧ ନମ୍ବର ଜାତୀୟରାଜପଥରେ ପଡ଼େ ଏକ ମନ୍ଦିର। ଆଉ ଏହି ମନ୍ଦିରକୁ ଗଲେ ଏକ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହି ମନ୍ଦିରରେ କୌଣସି ଦେବତା ନୁହେଁ, ଏଠାରେ ପୂଜା ପାଆନ୍ତି ଗୋଟିଏ ବୁଲେଟ୍ ଗାଡ଼ି। ଶୁଣିଲେ ନିହାତି ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ହଁ ଯେ କେହି ବି ଏହି ମନ୍ଦିରକୁ ଯାଆନ୍ତି ସେମାନେ ଏହି ବୁଲେଟ୍ ମୋଟର ସାଇକେଲକୁ ପୂଜା କରନ୍ତି। ଆଉ ସମସ୍ତଙ୍କ ମୁହଁରେ ଥାଏ ବୁଲେଟ ବାବାଙ୍କ ଅଲୌକିକତା। ଏହାକୁ ଆମେ ନିହାତି ଭାବିବା ଏହା ଏକ ଅନ୍ଧବିଶ୍ୱାସ। ହେଲେ ଯେଉଁମାନେ ବୁଲେଟ ବାବାଙ୍କୁ ବିଶ୍ୱାସ କରନ୍ତି ସେମାନଙ୍କ ପାଇଁ ସେ ହେଉଛନ୍ତି ବାବା। ବୁଲେଟ ବାବାଙ୍କୁ ଯାତ୍ରାର ମଙ୍ଗଳ କାମନା କରି ପୂଜା କରାଯାଇଥାଏ। ଆଉ ଏହି ରହସ୍ୟମୟ ବୁଲେଟ ବାବାଙ୍କୁ ନେଇ ରହିଛି ଅନେକ କାହାଣୀ। ଯାହା ତାଙ୍କର ରହସ୍ୟମୟ ଉପସ୍ଥିତିକୁ ଅଧିକ ରହସ୍ୟମୟ କରୁଛି। କୁହାଯାଏ ୧୯୮୮ ମସିହା ଡିସେମ୍ବର ୨ ତାରିଖରେ ଓମ୍ ସିଂ ରାଠୋର ନାମକ ଜଣେ ବ୍ୟକ୍ତି ଏହି ରାସ୍ତା ଦେଇ ଯିବା ସମୟରେ ତାଙ୍କର ଦୁର୍ଘଟଣା ହୋଇଥିଲା। ଆଉ ସେହି ସ୍ଥାନରେ ହିଁ ଓମ୍ ସିଂ ମୃତ୍ୟୁବରଣ କରିଥିଲେ ଆଉ ସେ ଚଲାଉଥିବା ବୁଲେଟ ମୋଟର ସାଇକେଲକୁ ତା' ପରଦିନ ସକାଳେ ପୋଲିସ ଉଦ୍ଧାର କରିଥିଲା। ଆଉ ଥାନାକୁ ନେଇଥିଲେ। ହେଲେ ହଠାତ୍ ତା' ପରଦିନ ଥାନାରୁ ବୁଲେଟ୍ ମୋଟର ସାଇକେଲଟି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲା। ଆଉ ଦେଖିଲା ବେଳକୁ ବୁଲେଟ ମୋଟର ସାଇକେଲଟି ଯେଉଁ ସ୍ଥାନରୁ ପୋଲିସ ଉଦ୍ଧାର କରିଥିଲା, ସେହି ସ୍ଥାନରେ ହିଁ ରହିଛି। କେତେ ଅଦ୍ଭୁତ କଥା। ଏହା ଥରେ ନୁହେଁ, ଏପରି ଅନେକ ଥର ହୋଇଥିଲା। କିଭଳି ଏହା ସମ୍ଭବ ହେଲା? ଏହାକୁ ନେଇ ଚାଲିଲା ଚର୍ଚ୍ଚା ଆଉ ଶେଷରେ ସ୍ଥାନୀୟ ବାସିନ୍ଦାମାନେ ଅନୁଭବ କଲେ ଯେ ଏହା ମୃତ୍ୟୁବରଣ କରିଥିବା ଓମ୍ ସିଂଙ୍କର



ଅଲୌକିକତା। ଆଉ ସେହିଦିନଠାରୁ ତାଙ୍କ ବୁଲେଟ ମୋଟର ସାଇକେଲକୁ ପୂଜା କରିବା ଆରମ୍ଭ କରିଥିଲେ। ଆଉ ବାବାଙ୍କ ନାଁ ରହିଲା ଓମ୍ ବାନା। ଏହା ଯେହେତୁ ୨୧ ନମ୍ବର ଜାତୀୟ ରାଜପଥ ନିକଟରେ ରହିଛି, ତେଣୁ ଏହି ରାସ୍ତା ଦେଇ ଯାଉଥିବା ଗାଡ଼ିମୋଟରଗୁଡ଼ିକ ଏଠାରେ ଅଟକି ଓମ୍ ବାନାଙ୍କୁ ପୂଜା କରିଥାନ୍ତି ଓ ନିଜ ଯାତ୍ରାରେ ଆଗକୁ ବଢ଼ିଥାନ୍ତି। ଏପରି ବିଶ୍ୱାସ ମଧ୍ୟ ରହିଛି ଯେ ଯଦି ଏହି ରାସ୍ତା ଦେଇ ଯାଉଥିବା କେହି ଏଠାରେ ଅଟକି ନଥାନ୍ତି, ତେବେ ତାଙ୍କ ଯାତ୍ରା ଅମଙ୍ଗଳ ହୋଇଥାଏ। ତେଣୁ ବୁଲେଟ୍ ବାବାଙ୍କ ମନ୍ଦିର ସେ



ଅଞ୍ଚଳରେ ଖୁବ୍ ଖ୍ୟାତି ରହିଛି। ଆଉ ବିଜ୍ଞାନୀ ଓ ଶିକ୍ଷିତ ମନ ଏହାକୁ ଏକ ଅନ୍ଧବିଶ୍ୱାସୀ କହୁଥିଲେ ମଧ୍ୟ ଏହି ଲୋକବିଶ୍ୱାସ ରହସ୍ୟ ଭିତରେ ହିଁ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ପ୍ରାଚୀନ ସଂସ୍କୃତିର...

ଏବଂ ଗଜପତି ଶାସନତନ୍ତ୍ରଠାରୁ ସର୍ବଦା ଊର୍ଦ୍ଧ୍ୱରେ। ରାଷ୍ଟ୍ର ଗଠନ, ରାଷ୍ଟ୍ର ସୁରକ୍ଷା ଓ ରାଷ୍ଟ୍ର ବିକାଶରେ ଶଙ୍କରାଚାର୍ଯ୍ୟଙ୍କ ଯୋଗଦାନ ହିଁ ଭାରତୀୟ ଧର୍ମ ସଂସ୍କୃତିର ବିଜୟକୁ ବୁଝାଏ। ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହଦେବଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉଦ୍‌ବୋଧନ ଦେଇ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଇଂରେଜ ଶାସନଠାରୁ ଆମ ଶାସକମାନେ ଗତ ୭୦ବର୍ଷ ମଧ୍ୟରେ ଭାରତକୁ ୧୦ଥର ଖଣ୍ଡବିଖଣ୍ଡିତ କରିଥିବା ଦର୍ଶାଇ କ୍ଷୋଭ ପ୍ରକାଶ କରିଥିଲେ। ସେ କହିଥିଲେ ଯେ ଆଗାମୀ ଦିନରେ ପାକିସ୍ତାନ, ଶ୍ରୀଲଙ୍କା, ବର୍ମା ଓ ବାଂଲାଦେଶ ଅଖଣ୍ଡ ଭାରତର ପରିସରକୁ ଆସିବ, ଏହା ମୋର ସଙ୍କଳ୍ପ। ଏକ ସୁଶିକ୍ଷିତ, ସୁସଂସ୍କୃତି, ସ୍ୱଚ୍ଛ ଓ ସୁରକ୍ଷିତ ଶାସନତନ୍ତ୍ର ପାଇଁ ଶାସକଙ୍କୁ ରାଜଧର୍ମ ଏବଂ ବେଦଯୁକ୍ତ ବିଜ୍ଞାନକୁ ସାଥିରେ ନେବାକୁ ପଡ଼ିବ। ଶାସକମାନେ ଦେଶର ସମସ୍ୟା ସମାଧାନ ପାଇଁ ଧର୍ମଗୁରୁମାନଙ୍କ ସହ ବିଚାରବିମର୍ଶ କରନ୍ତୁ।

ଉତ୍ତମ ଚରିତ୍ର ଗଠନ ଓ ନୀତିଶିକ୍ଷା ପାଇଁ ଶିକ୍ଷାରେ ସଂସ୍କାର ଆଣନ୍ତୁ। ସେ କହିଥିଲେ ଯେ ଯଦି ଶାସକ, ଗୁରୁ, ଗୋବିନ୍ଦ ଓ ଗ୍ରନ୍ଥଠାରୁ ଦୂରେଇ ଯାଆନ୍ତି ସେଠାରେ ପରାଜୟ ଆସେ। ଏଥିରେ ଉଦ୍‌ବୋଧନ ଦେଇ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତୀୟ ସଂସ୍କୃତିର ସୁରକ୍ଷାରେ ଶଙ୍କରାଚାର୍ଯ୍ୟ ସଦା ସ୍ମରଣୀୟ ରହିବେ ବୋଲି ମତବ୍ୟକ୍ତ କରିଥିଲେ। ଏହାସହ ଶଙ୍କରାଚାର୍ଯ୍ୟଙ୍କ ମାର୍ଗଦର୍ଶନ କେନ୍ଦ୍ର ସରକାରଙ୍କ ବିକାଶର ପାଥେୟ ହେବ ବୋଲି ସହ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶ୍ରୀ ଦିବ୍ୟସିଂହ ଦେବ କହିଲେ, ଧାର୍ମିକ ସ ମ୍ବିଧାନଠାରୁ ଦୂରେଇ ଗଲେ ଦେଶର ସମ୍ବିଧାନ ଏକ ସୁଶାସନ ଆଣିପାରିବ ନାହିଁ। ଖ୍ରୀଷ୍ଟିୟାନଙ୍କ ଭାଟିକାନ୍ ଓ ମୁସଲମାନଙ୍କ ମକ୍କା ଭଳି ପୁରୀ, ସନାତନ ଧର୍ମର ଆଧାତ୍ମିକ ରାଜଧାନୀ ହେଉ ବୋଲି ସେ ଆହ୍ୱାନ ଦେଇଥିଲେ।

ସେ କହିଲେ ଶ୍ରୀମନ୍ଦିର ପ୍ରତିଷ୍ଠା, ଠାକୁରଙ୍କ ପୁନରୁଦ୍ଧାର ଓ ସନାତନ ଧର୍ମର ଧର୍ମଗୁରୁ ଶଙ୍କରାଚାର୍ଯ୍ୟଙ୍କ ସମ୍ମାନ ରକ୍ଷା, ପ୍ରତିଟି ହିନ୍ଦୁର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ। ଅନ୍ୟମାନଙ୍କ ମଧ୍ୟରେ ଏହି ମହୋତ୍ସବରେ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ଆଇନ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନ, ପ୍ରାକ୍ତନ ବାଚସ୍ପତି ଶରତ କର, ପୂର୍ବତନ ବିଧାୟକ ପ୍ରତାପ ଷଡ଼ଙ୍ଗୀ, ଡ. ବଦ୍ରିନାଥ ପଟ୍ଟନାୟକ, ପ୍ରଫେସର ହରେକୃଷ୍ଣ ଶତପଥୀ, ସମାଜର ସମ୍ପାଦକ ବାମାପଦ ତ୍ରିପାଠୀ, ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉପସଭାପତି ଅଶୋକ ମହାପାତ୍ର, ବିଶ୍ୱନାଥ ରଥ, ହେମନ୍ତ ଦାସ, ନେପାଳ ରାଜାଙ୍କ ପ୍ରତିନିଧି ଅର୍ଜୁନ୍ ବାସ୍ତୋଲା ଏବଂ ବିଶିଷ୍ଟ ବଂଶୀବାଦ ପଦ୍ମ ବିଭୂଷଣ ହରିପ୍ରସାଦ ଚୌରସିଆ ମଞ୍ଚାସୀନ ଥିଲେ। ପରେ ପରେ ରୋଜାଲିନ୍ ମହାନ୍ତି ଓ ନାରାୟଣ ପାଣ୍ଡେଙ୍କ ନିର୍ଦ୍ଦେଶନାରେ ଓଡ଼ିଶୀ ନୃତ୍ୟ ଓ ଅରବିନ୍ଦ ମୁଦୁଲିଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷିତ ହୋଇଥିଲା। ଧାର୍ମିକ ଅଧିବେଶନରେ ଯୋଗଦେବା ପୂର୍ବରୁ ଶ୍ରୀ ଶାହା ଅନ୍ୟମାନଙ୍କ ସହ ଶ୍ରୀମନ୍ଦିର ଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିଥିଲେ।

ପ୍ରାରମ୍ଭରେ ଆଦିତ୍ୟବାହିନୀର ଜିତେନ୍ଦ୍ର ମହାପାତ୍ର ସ୍ୱାଗତ କରିବା ପରେ ସ୍ୱାମୀ ଶିବାନନ୍ଦ ସରସ୍ୱତୀ, ଶ୍ରୀମନ୍ଦିରର ଉନ୍ନୟନ ପ୍ରଶାସକ ପ୍ରସନ୍ନ କୁମାର ହୋତା, ମହନ୍ତ ଚିଦାନନ୍ଦ ଦାସ, ସୁବଳ ଚରଣ ଦାସ, ଚିନ୍ତାମଣି ପର୍ବତ ମହାରାଜ, ସଚ୍ଚିଦାନନ୍ଦ ଦାସ, ଡ. ବଦ୍ରିନାଥ ପଟ୍ଟନାୟକ, ଭାସ୍କର ଚୈତନ୍ୟ, ଅସୀମାନନ୍ଦ ଓ ଜୀବନମୁକ୍ତାନନ୍ଦ ମହାରାଜ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସାଂସଦ ଅଶ୍ୱିନୀ ଚୌବେ କେଦାରନାଥରେ ବିଖଣ୍ଡିତ ଆଦି ଶଙ୍କରାଚାର୍ଯ୍ୟଙ୍କ ମୂର୍ତ୍ତିର ପୁନରୁଦ୍ଧାର ନିମନ୍ତେ ନିବେଦନ ଜଣାଇଥିଲେ। ଏହି ଅବସରରେ ଶଙ୍କରାଚାର୍ଯ୍ୟଙ୍କ ରଚିତ ପୁସ୍ତକ 'ନାସ୍ତିକ୍ ଭି ଆସ୍ତିକ୍' ଓ 'ନୀଜ୍ ସାବିତ୍ରୀ'କୁ ମୋହନ ଭାଗବତ ଉନ୍ମୋଚନ କରିଥିଲେ।

ଏହି ଅବସରରେ ଗୋବର୍ଦ୍ଧନ ମଠର ବିକାଶରେ ଉଲ୍ଲେଖନୀୟ ଯୋଗଦାନ ପାଇଁ କିଶନ୍‌ଲାଲ୍ ଭରତୀୟା, ସୁରେନ୍ଦ୍ର ଡାଲମିୟା, ପଣ୍ଡିତ ବିଶ୍ୱମ୍ବର ଦାଶ, ପଣ୍ଡିତ ଭଗବାନ ମହାପାତ୍ର, ସ୍ଥପତି ଭବାନୀ ମିଶ୍ର, ଇଂ. ପ୍ରଶାନ୍ତ ଆଚାର୍ଯ୍ୟ, ନିର୍ମାଣ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼, ଶିକ୍ଷାବିତ୍ ମନୋଜ ପାଲ୍ ଓ ଭଗବତୀ ଅଗ୍ରୱାଲଙ୍କୁ ସ ମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମାନନ୍ଦଙ୍କ ନିର୍ଦ୍ଦେଶନାରେ 'ବନ୍ଦେ ଭାରତ ମାତରମ୍' ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ପ୍ରଫେସର ଦିବାକର ମହାପାତ୍ର, ଆଦିତ୍ୟବାହିନୀର ରାଷ୍ଟ୍ରୀୟ ମୁଖପାତ୍ର ମନୋଜ ରଥ, ଶ୍ୟାମସୁନ୍ଦର ମହାପାତ୍ର ଏବଂ ବିଜୟକୃଷ୍ଣ ବ୍ରହ୍ମା। ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି କରାଯାଇ ବିଧିବିଧାନପୂର୍ବକ ବିମଳାମ୍ବାଙ୍କୁ ନୂତନ ମନ୍ଦିରରେ ପ୍ରତିଷ୍ଠା କରାଯାଇଥିଲା। ଏହି ଧାର୍ମିକ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

### ବଦଳିବ...

ଆଇନ୍ ଅନୁସାରେ ଦିବ୍ୟାଙ୍ଗଙ୍କ ପାଇଁ ବାରିୟର ଫ୍ରି ଆକସେସ୍ କରିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ମଧ୍ୟ ଅର୍ଥ ଦେବାକୁ ପଡିପାରେ। ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ ସବୁ ବିଲ୍ଡିଂକୁ ଆକ୍‌ସେସବଲ୍ କରିବାକୁ ଫୋକସ୍ କରାଯାଇଛି ବୋଲି ସେ କହିଛନ୍ତି।

ସେହିପରି ସରକାରୀ କୋଠା ସମେତ ରାଜ୍ୟର ଆଉ ୧୦ଟି ସହରର ୫୦ପ୍ରତିଶତ ସରକାରୀ କୋଠାକୁ ବାରିୟର ଫ୍ରି ଆକସେସ୍ କରିବାକୁ କେନ୍ଦ୍ର ସରକାରଙ୍କ ସୁଗମ୍ୟ ଭାରତ ଅଭିଯାନରେ ଲକ୍ଷ୍ୟ ଅଛି। ଏଥିପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କଟକ, ପୁରୀ, ବାଲେଶ୍ୱର, ବାରିପଦା,ବ୍ରହ୍ମପୁର, ଜୟପୁର, ରାଉରକେଲା, ସମ୍ବଲପୁର, ବରଗଡ଼ ଓ ଝାରସୁଗୁଡ଼ା ସହରକୁ ଚୟନ କରାଯାଇଛି। ଏହି ସହରରେ ଥିବା ସମସ୍ତ ସରକାରୀ କୋଠାର ତାଲିକା ଦେବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ସଂପୃକ୍ତ ସହରର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜୁଲାଇ ୨୦୧୯ ସୁଦ୍ଧା ଏହି ୧୦ଟି ସହରର ୫୦ ପ୍ରତିଶତ ସରକାରୀ କୋଠାକୁ ବାରିୟର ଫ୍ରି ଆକସେସ୍ କରବାକୁ ଟାର୍ଗେଟ୍ ରହିଛି।

### ଅଳିଆଗାଡ଼ିକୁ ...

ଟିପ୍ପରଗୁଡ଼ିକରେ ଜିପିଏସ୍ ଡିଭାଇସ୍ ଲଗାଯାଇଛି। କେଉଁଗାଡ଼ି କେଉଁସ୍ଥାନରୁ କେତେ ପରିମାଣର ଅଳିଆ ଉଠାଇଲା, ତାହା ସହଜରେ ଟ୍ରାକିଂ କରିହେବ। ଏକ ସ୍ୱତନ୍ତ୍ର ସଫ୍ଟୱେୟାର ମାଧ୍ୟମରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଗତ ୮ ମାସ ତଳୁ ଏଥିପାଇଁ ଏକ ଘରୋଇ ସଂସ୍ଥା ବୈଷୟିକ କାର୍ଯ୍ୟ ଆରମ୍ଭ କରିଥିଲା। ପରିଶେଷରେ ତାହା ସଫଳ ରୂପାୟନ ହୋଇଥିବା କହିଛି ବିଏମ୍‌ସି। ଜିପିଏସ୍ ଟ୍ରାକ୍ କରିବାକୁ ବିଏମ୍‌ସିର ସ୍ୱଚ୍ଛ ଭୁବନେଶ୍ୱର ଅଭିଯାନ(ଏସ୍‌ବିଏ) ସେଲ୍‌ରେ ସ୍ୱତନ୍ତ୍ର ସଫ୍ଟୱେୟାର ରଖାଯାଇଛି। ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରାୟ ୫୬ ଲକ୍ଷ ଟଙ୍କା ବ୍ୟୟ ହୋଇଛି।

ସେହିପରି ସଫେଇ କର୍ମଚାରୀ, ଜମାଦାନ, ସାନିଟାରି ସୁପରଭାଇଜଙ୍କ ଉପସ୍ଥାନ ଯାଞ୍ଚ ପାଇଁ ଏଣିକି ବାୟୋମେଟ୍ରିକ୍ ବ୍ୟବସ୍ଥା କାର୍ଯ୍ୟକ୍ଷମ ହେବ ବୋଲି ସ୍ଥିର ହୋଇଛି। ଆଗାମୀ ଦିନରେ ସହରର ସମସ୍ତ ଡଷ୍ଟବିନ୍‌ରେ ଆରଏଫ୍‌ଆଇଡି (ରେଡିଓ ଫ୍ରିକ୍ୟୁଏନ୍‌ସି ଆଇଡେଣ୍ଟିଫିକେସନ୍) ଡିଭାଇସ୍ ଲାଗିବ। ଆର୍ବଜନା ଉଠାଇବା ପାଇଁ ଗାଡ଼ି ଡଷ୍ଟବିନ୍ ଛୁଇଁବା ମାତ୍ରେ ସେଥିରେ ଥିବା ବାର୍‌କୋଡରୁ ସିଗନାଲ୍ ପହଞ୍ଚିବ ବିଏମ୍‌ସି ଅଫିସରେ ଥିବା ସଫ୍ଟୱେୟାରରେ। ଫଳରେ ସଫେଇ କାର୍ଯ୍ୟକୁ ସୁବ୍ୟବସ୍ଥିତ କରିହେବ ବୋଲି ଅନୁମାନ କରାଯାଉଛି।

### ମୃତ୍ୟୁଯନ୍ତାରେ...

ବଢ଼ିବାରେ ଲାଗିଛି। ଆସନ୍ତା କାଲିର ଭବିଷ୍ୟତ କୁହାଯାଉଥିବା ଯୁବସମାଜ ସେଲ୍‌ଫି ନିଶାର ବଶବର୍ତ୍ତୀ ହେବା ସହ ପରିବାରର ସ୍ୱପ୍ନକୁ ଗୋଟିଏ କ୍ଲିକ୍‌ରେ ଧୂଳିସାତ୍ କରିଦେଇ ମୃତ୍ୟୁକୁ ଆପଣେଇ ନେଉଛନ୍ତି। ଡାକ୍ତରଙ୍କ କହିବା ମୁତାବକ ଯଦି ଗୋଟିଏ ଲୋକ ଦିନରେ ୬ରୁ ଅଧିକ ସଂଖ୍ୟକ ସେଲ୍‌ଫି ନେଉଥାଏ ତାକୁ ନରସିଜିମ୍ ରୋଗ ହେବାର ଆଶଙ୍କା ଥାଏ। ଏହି ରୋଗର ଲକ୍ଷଣ ସାଧାରଣତଃ ଗୋଟିଏ କାମକୁ ବାରମ୍ବାର କରିବାକୁ ଇଚ୍ଛା ପ୍ରକାଶ କରିବା ଓ ସନ୍ତୁଷ୍ଟ ଭାବ ପ୍ରକାଶ ନ କରିବା ଦ୍ୱାରା ହୋଇଥାଏ। ଆଉ ଚାହିଁଲେ ବି ସେହି କାର୍ଯ୍ୟରୁ ନିଜକୁ ନିବୃତ୍ତ ରଖିପାରେନି। କାରଣ ଏହା ପଛରେ ଥାଏ ନିଜର ଆତ୍ମପୂଜନ ନିଜକୁ ଅନ୍ୟଠୁ ସୁନ୍ଦର ଭାବିବା। ଏସବୁ ପରେ ସେ ବାରମ୍ବାର ସେଲ୍‌ଫି ନିଏ କିଛିକ୍ଷଣ ପାଇଁ ନିଜକୁ ବୁଝାଏ।

ଏକ ସୂଚନା ମୁତାବକ ୧୮୩୯ ମସିହାରେ ରୋବର୍ଟ କର୍ଣ୍ଣଲିସ୍ ନାମକ ଜଣେ ଆମେରିକିୟ ବ୍ୟକ୍ତି ନିଜର ସେଲ୍‌ଫି ନେଇଥିଲେ। ୨୦୦୩ ମସିହାରେ ଅଷ୍ଟ୍ରେଲିଆର ନଥାନ୍ ହୋମ। ୨୦୧୩ ଅକ୍ସଫୋର୍ଡ ଡିକ୍ସିନାରୀରେ ସେଲ୍‌ଫି ଶବ୍ଦଟି ୱାର୍ଡ ଅଫ୍ ଦ ଇୟର ଭାବେ ସ୍ଥାନ ପାଇଥିଲା। ୯୧ପ୍ରତିଶତ ଲୋକ କେବେନା କେବେ ନିଜର ସେଲଫି ନେଇଥାନ୍ତି। ସେଥିମଧ୍ୟରୁ ୧୪ ପ୍ରତିଶତ ଡିଜିଟାଲ, ୩୪ ପ୍ରତିଶତ ଏଡିଟ୍ କରିଥାନ୍ତି। ଜୁଲାଇ ୨୦୧୬ରେ ଏକ ସର୍ଭେରୁ ଜଣାପଡ଼ିଛି ବିଶ୍ୱରେ ସେଲ୍‌ଫି ନେଇ ମୃତ୍ୟୁବରଣ କରିଥିବା ଦେଶ ମଧ୍ୟରେ ପ୍ରଥମ ସ୍ଥାନରେ ଭାରତ ଓ ଦିତ୍ୱୀୟରେ ରୁଷିଆ ଦେଶ ଅଛି। ଭାରତର ସବୁଠୁ ବଡ଼ ମେଡିକାଲ୍ ଏମ୍ସରେ ଏହି ସେଲ୍‌ଫି ରୋଗୀ ଚିକିତ୍ସିତ ହେଉଛନ୍ତି। ଆଉ ଏମାନେ ନିଜକୁ ବୁଝେଇବା ପାଇଁ ସେଠାରେ ସେଲ୍‌ଫି ମଧ୍ୟ ନେଉଛନ୍ତି। ଏହି ସେଲ୍‌ଫି ପାଇଁ ଆଜିର ଯୁବଗୋଷ୍ଠୀ ଖାଇବା ପିଇବା ମଧ୍ୟ ଭୁଲିଯାଉଛନ୍ତି। ସେଲ୍‌ଫି ଭାରତର ଲୋକଙ୍କ ମନ ଆଉ ପ୍ରାଣକୁ ଦୁର୍ବଳ କରିଚାଲିଛି। ବାରମ୍ବାର ସେଲ୍‌ଫି ନେବା ଦ୍ୱାରା ହାତ ଏତେ କମ୍‌ଜୋର୍ ହେଇଯାଏ ଯେ ଆପଣ କପ୍ କପ୍‌ଟିଏ ମଧ୍ୟ ସହଜରେ ଉଠାଇପାରିବେନି। ସେଲ୍‌ଫି ନେବା ଦ୍ୱାରା ହାତର ମାଂସପେଶୀ ଅତ୍ୟନ୍ତ ଦୁର୍ବଳ ହୋଇଥାଏ। ସେଲ୍‌ଫି ଫଟୋର ଖେଳ ଯେଉଁଥିରେ ଆପଣଙ୍କ ଚେହେରାର ଭାବ, ସୁନ୍ଦରତା, ମୁଖ୍ୟଭୂମିକା ଗ୍ରହଣ କରେ ହେଲେ ଅସୁବିଧା ସେତେବେଳେ ହୁଏ ଯେତେବେଳେ ଏହା ମାନସିକ ରୋଗ (ଓସିଡି) ଓବେସିଭ କମ୍ପଲସିଭ୍ ଡିସ୍‌ଅର୍ଡରରେ ପରିଣତ ହୁଏ। ସେଲ୍‌ଫି ପାଇଁ ଉଚ୍ଚସ୍ଥାନକୁ ଚଢ଼ିଯାଇ ନିଜ ଜୀବନକୁ ବିପଦକୁ ଠେଲିଦେବା ଠିକ୍ ନୁହେଁ। ଗାଡ଼ି ଚଳାଇବା ବେଳେ ସେଲ୍‌ଫି ନେଲେ ସାଧାରଣତଃ ଦୁର୍ଘଟଣା ହୋଇଥାଏ।

କୌଣସି ହାଇଭୋଲଟେଜ୍ ବିଦ୍ୟୁତ୍ ପାଖରେ ସେଲ୍‌ଫି ନେଲେ କ୍ୟାମେରାରୁ ନିର୍ଗତ ଫ୍ଲାସ୍‌ଲାଇଟ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନିଆଁ ଲାଗିଯାଇଥାଏ ବା ସକ୍ ଲାଗିଥାଏ। ଯଦିଓ ଏକଥା ଇଂଜିନିୟରିଂ ପଢୁଥିବା ଛାତ୍ରଛାତ୍ରୀମାନେ ଭଲଭାବରେ ଜାଣନ୍ତି, ହେଲେ ଟ୍ରେନ୍ ଉପରକୁ ଚଢ଼ି ଫଟୋ ଉଠାଇ ମୃତ୍ୟୁବରଣ କରିବା ସଂଖ୍ୟା ଏମାନଙ୍କର ଅଧିକ। କୌଣସି ହିଂସ୍ରଜନ୍ତୁ ସହିତ ସେଲ୍‌ଫି ନେବା ଉଚିତ ନୁହେଁ, କାରଣ କୌଣସି ପରିସ୍ଥିତିରେ ବି ଆପଣ ତାର ଶିକାର ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ଏପରି ଘଟଣାମାନ ଯଦି ଘଟିଚାଲେ ଭବିଷ୍ୟତରେ ସେଲ୍‌ଫିର ନାମ ପରିବର୍ତ୍ତନ ହୋଇ କିଲ୍‌ଫିରେ ପରିଣତ ହେବ। ସରକାର ବାଧ୍ୟହେବେ ସେଲ୍‌ଫି ଉପରେ ଆଇନ ପ୍ରଣୟନ କରିବାକୁ। ତେଣୁ ଯେତେବେଳେ ଆପଣ ସେଲ୍‌ଫି କଥା ଭାବୁଛନ୍ତି ପ୍ରଥମେ ଆପଣ ନିଶ୍ଚିତ ହେବା ଦରକାର ଆପଣ ସୁରକ୍ଷିତ କି ନାହିଁ। କାରଣ ଗୋଟିଏ ଜୀବନର ମୂଲ୍ୟ କେତେଗୋଟି ଲାଇକ୍ ବା କମେଣ୍ଟ ନୁହେଁ। ନିଜେ ସଚେତନ ନହେଲେ ଜୀବନ ଅକାଳରେ ଚାଲିଯିବାର ଆଶଙ୍କା ରହିଛି। ତେଣୁ ଏସବୁ କାଣ୍ଡ ଘଟାଇବା ପୂର୍ବରୁ ସତର୍କ ରହିବା ନିତାନ୍ତ ଜରୁରୀ।





# କାହାଣୀ ଏକ, ନାମ ଅନେକ

ଅନେକ ଡବିଂ ଓ ରିମେକ୍ ସିନେମା ଦର୍ଶକମାନଙ୍କୁ ଭେଟିଦେଇଛି ଭାରତୀୟ ସିନେ ଜଗତ। ଯେମିତି ଦକ୍ଷିଣ ଭାରତୀୟ ସିନେମାରୁ ତେରେନାମ୍, ଗଜନୀ, ରାଉଡ଼ି ରାଠୋର, ଓ୍ୱାଣ୍ଟେଡ୍ ଭଳି ଅନେକ ସିନେମା ଅବିକଳ ନକଲ କରାଯାଇ ତିଆରି ହୋଇସାରିଛି। ସେହିଭଳି ଡନ୍, ଜଞ୍ଜିର, ଭଳି ଅନେକ ବଲିଉଡ ସିନେମାର ମଧ୍ୟ ରିମେକ୍ ହୋଇଛି। ଅନେକ ସିନେମାର ସିକ୍ୱେଲ ମଧ୍ୟ ଦେଖିବାକୁ ମିଳିଛି। ଯେମିତିକି ହ୍ରିତିକ୍ ରୋଶନ୍‌ଙ୍କ କ୍ରିସ୍, ଶାହରୁଖଙ୍କ ଡନ୍, ସଲମାନ ଖାନ୍‌ଙ୍କ ଦବଙ୍ଗ। ଏତଦ୍‌ବ୍ୟତୀତ ରାଜ୍, ହେଟ୍‌ଷ୍ଟୋରୀ, ହାଉସ୍‌ଫୁଲ, ଗୋଲମାଲ୍, ସିଂହମ୍, ଓ ଧୁମ୍ ଆଦି ଚଳଚ୍ଚିତ୍ରର ମଧ୍ୟ ଏକାଧିକ ସିକ୍ୱେଲ ପରଦା ଉପରକୁ ଆସିଛି। ତେବେ ଏସବୁ ବାଦ୍ ଅନେକ ସିନେମା ଏମିତି ଦେଖିବାକୁ ମିଳିଛି, ଯାହା ସିକ୍ୱେଲ କିମ୍ବା ରିମେକ୍ ନହେଲେ ମଧ୍ୟ କିଛି ପୁରୁଣା ସିନେମା ସହ ଅନେକ ସାମଞ୍ଜସ୍ୟ ରହିଛି। ଯେମିତି ସେତେବେଳର ବ୍ଲକ୍‌ବଷ୍ଟର ହିଟ୍ ସିନେମା 'ସତ୍ୟମ୍ ଶିବମ୍ ସୁନ୍ଦରମ୍'ର ମୂଳ କାହାଣୀ ଥିଲା 'ଲଭ୍-ସେକ୍ସ-ଧୋକା'। ଆଉ ସେହି କାହାଣୀକୁ ଟାଇଟଲ କରାଯାଇ ପରବର୍ତ୍ତୀ ସମୟରେ ସିନେମା ତିଆରି ହୋଇଥିଲା- 'ଲଭ୍ ସେକ୍ସ ଔର ଧୋକା'। ବଲିଉଡର ସେମିତି କିଛି ପୁରୁଣା ସିନେମା ସହ ବର୍ତ୍ତମାନର ପରଦାକୁ ଆସୁଥିବା କିଛି ନୂଆ ସିନେମାକୁ ଭିନ୍ନ ଦୃଷ୍ଟିରେ ତୁଳନା କରାଯାଇଛି ଏହି ବିଶେଷ ଉପସ୍ଥାପନାରେ।

## ସତ୍ୟମ୍ ଶିବମ୍ ସୁନ୍ଦରମ୍ : ଲଭ୍ ସେକ୍ସ ଧୋକା

୧୯୭୮ ମସିହାରେ ରାଜ୍ କପୁରଙ୍କ ଦ୍ୱାରା ନିର୍ମିତ ବ୍ଲକ୍‌ବଷ୍ଟର ହିଟ୍ ସତ୍ୟମ୍ ଶିବମ୍ ସୁନ୍ଦରମ୍‌ରେ ମହିଳାଙ୍କ ସହ ଯୌନସମ୍ପର୍କ ପରେ ପ୍ରତାରଣା ଓ ଧୋକାକୁ ନେଇ ଚିତ୍ରିତ ହୋଇଥିଲା କାହାଣୀ। ରୁପା ନାମ୍ନୀ ମଧୁରାଙ୍ଗୀ ଯୁବତୀ ପ୍ରେମରେ ପଡ଼ି ରାଜୀବ ତା'ର ଅତି ନିକଟତର ହୁଏ। ତେବେ ହଠାତ୍ ଦିନେ ସେ ରୂପାର ଅଧାମୁହଁର କଦର୍ଯ୍ୟ ରୂପ ଦେଖି ତା' ଠାରୁ ଦୂରେଇବାକୁ ଲାଗେ। ଅର୍ଥାତ୍ କାହାଣୀର ଥିମ୍ ଥିଲା ଲଭ୍-ସେକ୍ସ-ଧୋକା। ଆଉ ଏହି ନାମରେ ୨୦୧୦ରେ ନିର୍ମାଣ ହୋଇଥିଲା ଫିଲ୍ମ ଲଭ୍ ସେକ୍ସ ଔର ଧୋକା, ଯେଉଁଥିରେ ୭ଟି ଗୁପ୍ତ କ୍ୟାମେରା ଯୋଗୁଁ ୩ଟି ବଡ଼ ଘଟଣାର ପର୍ଦ୍ଦାଫାସ ହୁଏ। କରେ। ଗୋଟିଏ ଅନରକଲିଂ, ଏକ ଏମ୍‌ଏମ୍‌ଏସ୍ ଓ ଅନ୍ୟଟି ଏକ କାଷ୍ଟିଂକାଉଚ୍ ଘଟଣା।



## ଚସ୍‌ମେ ବଦ୍ଦୁର : ଥ୍ରୀ ଇଡ଼ିୟଟ୍ସ

ସିଦ୍ଧାର୍ଥ, ଓମି ଓ ଜୋମୋ - ତିନିବନ୍ଧୁଙ୍କ କାହାଣୀକୁ ନେଇ ୧୯୮୧ରେ ନର୍ମିତ ହୋଇଥିଲା ଚସ୍‌ମେ ବଦ୍ଦୁର। ସିଦ୍ଧାର୍ଥ ଏକ ବ୍ରିଲିଆଣ୍ଟ ଷ୍ଟୁଡ଼େଣ୍ଟ। ପଢ଼ାପଢ଼ିରେ ତା'ର ମନ। ମାତ୍ର ଓମି ଓ ଜୋମା ଭିନ୍ନ। ଝିଅଙ୍କ ସହ ମଜାମସ୍ତି କରିବା ତାଙ୍କ ସଉକ। ପଡ଼ିଶା ଘରେ ଆସି ରହିବା ପରେ ନାୟିକା ନେହାକୁ ମଧ୍ୟ ସେମାନେ ସେଇ ଦୃଷ୍ଟିରେ ଦେଖିଲେ ଓ ନିଜ ନିଜ କୁତ୍ସିତ କାଣ୍ଡ ଯୋଗୁଁ ଲଜ୍ଜିତ ହେଲେ ମଧ୍ୟ। ମାତ୍ର ଦିନେ ନେହା ଚମ୍‌କୋ ଡିଟରଜେଣ୍ଟ ପାଉଡ଼ରର ସେଲ୍ସଗାର୍ଲ ଭାବେ ଆସି ତିନିବନ୍ଧୁଙ୍କ ଘରେ ପହଞ୍ଚେ। ମାତ୍ର ପୂର୍ବରୁ ନିଜ ହରକତ ପାଇଁ ନେହା ସାମ୍ନାକୁ ଆସିପାରିଲେନି ଓମି ଓ ଜୋମୋ। ତେଣୁ ପ୍ରଥମ ଥର ପାଇଁ ନେହା ସହିତ ଦେଖାହେଲେ ସିଦ୍ଧାର୍ଥର। ଆଉ ପ୍ରଥମ ଦେଖାରେ ଦୁହିଁଙ୍କ ମଧ୍ୟରେ ଗଢ଼ିଉଠିଲା ପ୍ରେମ। ମାତ୍ର ଏଥିରେ ଈର୍ଷାନ୍ୱିତ ହୋଇ ଓମି ଓ ଜୋମୋ ଦୁଇପ୍ରେମୀଙ୍କ ମଧ୍ୟରେ ବିଚ୍ଛେଦ ସୃଷ୍ଟି କରନ୍ତି। ମାତ୍ର ଶେଷରେ ନିଜର ଭୁଲ ବୁଝି ଦୁହିଁଙ୍କୁ ପୁଣି ଏକାଠି କରନ୍ତି। ଏହି ତିନି ସାଙ୍ଗ ଥିଲେ ଥ୍ରୀ ଇଡ଼ିୟଟ୍ସ। ୨୦୦୯ ମସିହାରେ ରିଲିଜ୍ ହୋଇଥିବା ଅମିର ଖାନ୍‌ଙ୍କ ଭିନ୍ନସ୍ୱାଦ ତଥା ବ୍ଲକ୍‌ବଷ୍ଟର ହିଟ୍ ଫିଲ୍ମ ଥିଲା ଥ୍ରୀ ଇଡିୟଟ୍ସ।


ଶୁଭେଚ୍ଛା ଓ ଅଭିନନ୍ଦନ



ସ୍ନେହମୟୀ ସାମଲ, ପ୍ରଫୁଲ୍ଲ କୁମାର ସାମଲ
ଭୁବନେଶ୍ୱର


## ଦିଲ୍ ହୈ କେ ମାନ୍‌ତା ନହିଁ : ଜବ୍ ୱି ମିଟ୍

୧୯୯୧ରେ ନିର୍ମିତ ଦିଲ୍ ହୈ କେ ମାନ୍‌ତା ନହିଁ ଥିଲା ଏକ ସୁପର ଲଭ୍‌ଷ୍ଟୋରୀ। ଧନୀ ସେଠ୍ ଅମିରଚନ୍ଦଙ୍କ ଝିଅ ପୂଜା ନିଜ ପ୍ରେମିକ ପାଇଁ ଘରଛାଡ଼ି ବାଙ୍ଗାଲୋର ପଳାଇଯାଏ ଆଉ ବସ୍‌ରେ ଭେଟହୁଏ ସାମ୍ବାଦିକ ରଘୁ ସହ। କିଛି ସର୍ତ୍ତରେ ପୂଜାକୁ ତା' ପ୍ରେମିକ ସହ ଭେଟ କରାଇଦେବାକୁ କୁହେ ରଘୁ। ମାତ୍ର ବସ୍‌ଯାତ୍ରା ସମୟରେ ଉଭୟେ ଉଭୟଙ୍କୁ ଭଲପାଇ ବସନ୍ତି। ମାତ୍ର କେହି କାହାରିକୁ କହିପାରନ୍ତିନି। ସମୟକ୍ରମେ ବାଙ୍ଗାଲୋର ପହଞ୍ଚିବା ପୂର୍ବରୁ ପୂଜାର ବାପା ପୂଜାକୁ ଠାବ କରିନିଅନ୍ତି, ଆଉ ଜାଣିବାକୁ ପାଆନ୍ତି ଯେ ରଘୁ ତାଙ୍କ ଝିଅର କେମିତି ଯତ୍ନ ନେଇଛି। ଆଉ ତା'ପରେ ରଘୁ ସହ ପୂଜାର ବିବାହ ଫାଇନାଲ କରନ୍ତି। ତା'ପରେ ଉଭୟେ ଅନୁଭବ କରନ୍ତି ଯେ ଆମେ ସେବେଠୁ ପ୍ରେମରେ ପଡ଼ିଛେ, ଜବ୍ ୱି ମେଟ୍। ଆଉ ଏହି ଟାଇଟଲରେ ୨୦୦୭ ମସିହାରେ ରିଲିଜ୍ ହୋଇଥିଲା ସାହିଦ୍-କରୀନା ଅଭିନୀତ ଜବ୍ ୱି ମେଟ୍।


ଖୋର୍ଦ୍ଧା ଜିଲ୍ଲା ୨୮ ନମ୍ବର ଜୋନ୍‌ର
ଜିଲ୍ଲାପରିଷଦ ପ୍ରାର୍ଥୀ (ବିଜେପି)
ଉମା ବେହେରା ଙ୍କୁ
ପଦ୍ମଫୁଲ ଚିହ୍ନରେ ଭୋଟ୍ ଦେଇ
ଜୟଯୁକ୍ତ କରାନ୍ତୁ।



॥ ନିବେଦକ ॥
ନରହରି ସାହୁ
ସମାଜସେବୀ
ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା


## ଜାନି ଦୁଷ୍ମନ : ହେଟ୍ ଷ୍ଟୋରୀ

୧୯୭୯ ମସିହାରେ ନିର୍ମିତ ଏହି ମଲ୍ଟି ଷ୍ଟାରର ସିନେମାର କାହାଣୀ ମହିଳାଙ୍କ ଉପରେ ହିଂସାକୁ ନେଇ ପର୍ଯ୍ୟବେସିତ। ଅଭିଶପ୍ତ ଏକ ରାକ୍ଷସ ବଧୂବେଶରେ ସଜ୍ଜିତ କୋମଳମତି କନ୍ୟାମାନଙ୍କୁ ଅପହରଣ କରେ। ଠିକ୍ ସେହିଭଳି ମହିଳାଙ୍କ ଉପରେ ହିଂସାକୁ ଆଧାର କରି ୨୦୧୨ ମସିହାରେ ନିର୍ମାଣ ହୋଇଥିଲା ହେଟ୍‌ଷ୍ଟୋରୀ। ନାୟିକାର ଅତି ନିଜର ଓ ଅନ୍ତରଙ୍ଗ ପୁରୁଷ ପରବର୍ତ୍ତୀ ସମୟରେ ତା'ର ଜାନି ଦୁଷ୍ମନ୍ ସାଜେ। ତା' ଦେହ ସହ ଖେଳ ଖେଳି କଣ୍ଢେଇ ଭଳି ଫୋପାଡ଼ି ଦେବାପରେ ହିଂସ୍ର ହୋଇ ପ୍ରତିଶୋଧ ନିଏ ନାୟିକା।

## ଆବଶ୍ୟକ

'ଏକମାତ୍ର' ଖବରକାଗଜ ପାଇଁ ରାଜ୍ୟର ନିମ୍ନଲିଖିତ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ପ୍ରତିନିଧି ଏବଂ ଏଜେଣ୍ଟ ଆବଶ୍ୟକ। ଆଗ୍ରହୀ ବ୍ୟକ୍ତିବିଶେଷ ଏଥିପାଇଁ ଆସନ୍ତା ୧୫ ଦିନ ମଧ୍ୟରେ ନିଜର ସବିଶେଷ ବିବରଣୀ ତଥା ଅଭିଜ୍ଞତା ସହିତ ଯୋଗାଯୋଗ କରନ୍ତୁ।
ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଖୋର୍ଦ୍ଧା, ଅନୁଗୁଳ, ଗଜପତି, ନୂଆପଡ଼ା, ବରଗଡ଼, ରାୟଗଡ଼ା ଜିଲ୍ଲା ଏବଂ ଓଡ଼ଗାଁ, ନାଉଗାଁ, ନରସିଂହପୁର, ବାଲିଗୁଡ଼ା, ମାଛଗାଁ, ରଘୁନାଥପୁର, କାକଟପୁର, ଅସ୍ତରଙ୍ଗ ଆଦି ବ୍ଲକସ୍ତରୀୟ ସାମ୍ବାଦିକ ଆବଶ୍ୟକ।

ଯୋଗାଯୋଗ

ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ, ଏକମାତ୍ର, ଏଚ୍‌ଆଇଜି- ୧୩୭, ଧର୍ମବିହାର, ଖଣ୍ଡଗିରି, ଭୁବନେଶ୍ୱର-୩୦, ଓଡ଼ିଶା
ମୋ : ୭୦୦୮୩୪୦୩୮୯ ଇ-ମେଲ : ekamaatra@gmail.com

## ରାଜଧାନୀରେ ହକିମାନିଆ

**ଭୁବନେଶ୍ୱର :** ବାରବାଟୀ ଦିନିକିଆକୁ ନେଇ ଗତ ତିନି ଦିନ କ୍ରିକେଟ୍‌ଜ୍ୱରରେ ପୀଡ଼ିତ ଥିବା ଓଡ଼ିଶା ରବିବାରଠାରୁ ହକି ରଙ୍ଗରେ ରଙ୍ଗୀନ ହୋଇଯାଇଛି। ହକି ଇଣ୍ଡିଆ ଲିଗ୍ (ହିଲ୍)ର ପଞ୍ଚମ ସଂସ୍କରଣ ଶନିବାରଠାରୁ ମୁମ୍ବାଇରେ ଉଦ୍‌ଘାଟିତ ହୋଇ ଯାଇଥିଲା ବେଳେ ରବିବାର ଓଡ଼ିଶା ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି। ସେଥିପାଇଁ ସମଗ୍ର ଓଡ଼ିଶାର ହକିପ୍ରେମୀ ଏବେ ବେଶ୍ ଉତ୍ସାହିତ ଅଛନ୍ତି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଏବେ ଚାରିଆଡ଼େ ହକି ଚର୍ଚ୍ଚା। ପାନ ଦୋକାନଠାରୁ ଆରମ୍ଭ କରି ଖେଳପଡ଼ିଆ ପର୍ଯ୍ୟନ୍ତ ସବୁଠି ଘରୋଇ ଦଳ 'କଳିଙ୍ଗ ଲାନ୍‌ସର୍ସ'ର ସମ୍ଭାବନା ତଥା ସଫଳତାକୁ ନେଇ ଚାଲିଛି ଆଲୋଚନା ଓ ପର୍ଯ୍ୟାଲୋଚନା। ରାଜଧାନୀର କ୍ରୀଡ଼ା ପ୍ରାଣକେନ୍ଦ୍ର କଳିଙ୍ଗ ଷ୍ଟାଡ଼ିୟମର ହକି କଂପ୍ଲେକ୍ସ ଏବେ ପୂର୍ବାପେକ୍ଷା ବେଶ୍ ଚଳଚଞ୍ଚଳ। ସହରରେ ହକି ଜଗତର ବହୁ ନାମୀଦାମୀ ଖେଳାଳି ଡେରା ପକାଇଛନ୍ତି। ୧୦ ଜଣ ଅଲିମ୍ପିଆନ୍ ଥିବା କଳିଙ୍ଗ ଲାନ୍‌ସର୍ସ ଖେଳାଳିମାନେ ପାଖାପାଖି ମାସେ ହେବ ଏଠାରେ ଅଭ୍ୟାସ ଚାଲୁ ରଖିଥିଲେ।

## DECLARATION

FORM I

FORM OF DECLARATION

*(see rule 3)*

I, RASMITA PATRA declare that I am the *printer or *publisher or *printer and publisher of the newspaper entitled **EKAMAATRA** to be *printed at **RADHAKRUSHNA PUBLICATION Pvt. Ltd.** and *published at FLAT-003,MAHADEV ORCHID,COSMOPOLIS ROAD,DUMDUMA,BHUBANESWAR,DIST- KHORDHA , ODISHA or to be *printed and published at and that particulars in respect of the said newspaper given hereunder are true to the best of my knowledge and belief.

| | | |
|---|---|---|
| 1. Title of the newspaper | : | EKAMAATRA |
| 2 .Language (s) in which it is (to be), published | : | ODIA |
| 3. Periodicity of its publication | | |
| (a) Whether a daily, tri-weekly, bi-weekly Weekly, fortnightly, or otherwise | : | WEEKLY |
| (b) In the case of daily, please state whether it Morning or evening newspaper? | : | NA |
| (c) In the case of a newspaper other than a Daily, please state the days(s)/date(s) on Which it is (to be) published | : | MONDAY |
| 4. Retail selling price of the newspaper per copy | : | Rs 5.00 |
| (a) If the newspaper is for free distribution, Please state that it is "for free distribution" | : | NO |
| (b) If it has only an annual subscription and no Retail price, please state the annual Subscription | : | NO |
| 5. Publisher's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b) If a foreigner, please state the country of | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 6. Place of publication (Please give the complete postal address) | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 7. Printer's name | : | RASMITA PATRA |
| Nationality | : | INDIAN |
| (a) Whether a citizen of India? | : | YES |
| (b)If a foreigner, please state the country of origin | : | NO |
| Address | : | FLAT-003, MAHADEV ORCHID, COSMOPOLIS ROAD, DUMDUMA, BHUBANESWAR DIST- KHORDHA, ODISHA Pin- 751019 |
| 8. Name(s) of the printing press (es) where the Newspaper is actually printed and the true and Precise description of the premises on which the Press (es) is/are installed. | : | RADHAKRUSHNA PUBLICATION PVT. LTD. PLOT NO-H/18, MANCHESWAR INDUSTURIAL ESTATE BHUBANESWAR-10, ODISHA |
| 9. Editor's name | : | TARAK MOHANTY |
| .Nationality | : | INDIAN |
| (a)Whether a citizen of India? | : | YES |
| (b) If a foreigner, please state the country of Origin | : | NO |
| Address | : | SECTOR-2/289, NILADRI VIHAR POST- SAILASHREE VIHAR BHUBANESWAR-751021 DIST- KHORDHA, ODISHA |
| 10. Owner's name(s) | : | RASMITA PATRA |
| (a)Please state the particulars of individual(s) or Of the firm, Joint Stock Company, trust, co-Operative society or association which owns the newspaper | : | INDIVIDUAL |
| Newspaper, and, if so, its name, periodicity, Language and place of publication. | | |
| 11. Please state whether the declaration is in respect of | : | |
| (a) a new newspaper, or | : | A NEW NEWS PAPER |
| (b) an existing newspaper, | | |
| (c) in case the declaration falls under item (b), the reason for filling the fresh declaration. | : | FRESH DECLARATION |

Date: 29.12.2016 10/1/17

Manoj Kumar Mohanty
Additional District Magistrate
Bhubaneswar-2

Signature: Rasmita Patra
Name (in Block letters): RASMITA PATRA
Designation: PUBLISHER AND PRINTER

Authenticated on this day 12th of month January year 2017 under my seal and signature.

(Signature and seal of the Magistrate authenticating the declaration)
NIRANJAN SAHU, IAS
DISTRICT MAGISTRATE &
COLLECTOR, KHORDHA

* Strike out whatever is not applicable.
NOTE:- Separate declaration should be filed by the printer and the publisher, unless the printer and the publisher is the same person.


Printed & Published by Rasmita Patra at Flat-003, Mahadev Orchid, Cosmopolis Road, Dumduma, Bhubaneswar, Dist- Khordha, Odisha, PIN-751019 & Printed at Radhakrushna Publication Pvt. Ltd., Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : Bibhuti Bhushan Patra
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : Laxmipriya Dash
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : Tarak Mohanty
ସମ୍ପାଦକ : ତାରକ ମହାନ୍ତି